ଭଣ୍ଡ ଭାବବାଦୀ ମାନଙ୍କ ବିଷୟରେ ଭବିଷ୍ୟଦ ବକ୍ତି Jeanne Dixon ଲେଖିଲେ ଭଣ୍ଡ ଭାବବାଦୀ ମାନେ ମାନବ ସମାଜ କୁ ବୌଦ୍ଧିକ ଶକ୍ତି ପ୍ରୟୋଗ କରି ପ୍ରଲୋଭନ ଦ୍ୱାରା ନିଜ କବ୍‌ଜାକୁ ଆଣିବେ । ଏହାର ଅର୍ଥ ରାଜନୈତିକ ଦର୍ଶନ ଶାସ୍ତ୍ରୀୟ ଏବଂ ଧର୍ମ ତତ୍ୱ ମିଶ୍ରିତ ଆଦର୍ଶର ଆଧାରରେ ପୃଥିବୀର ଜନତାକୁ ଈଶ୍ୱରୀୟ ବିଶ୍ୱାସର ଗଭୀର ସଙ୍କଟରେ ଟଳ ମଳ କରିବେ । ଭଣ୍ଡ ଖ୍ରୀଷ୍ଟଙ୍କୁ କେବେଳ ଗ୍ରହଣ କରିବାକୁ ନୁହେଁ ବରଂ ସାକାରାତ୍ମ ଭାବେ ପ୍ରବଳ ଆଗ୍ରହରେ ସୀକାର କରିବା ନିମନ୍ତେ ଭଣ୍ଡ ଭାବବାଦୀ ମାନେ ଶିକ୍ଷା ଏବଂ ପ୍ରଚାର ମାଧ୍ୟମରେ ଲୋକଙ୍କୁ ଆପାୟୀତ କରିବେ ଏବଂ ପୃଥିବୀ ତାର ନିରଙ୍କୁଶ ଶାସନର ସାମ୍ରାଜ୍ୟ ବିସ୍ତାରର ଚରମ ଭୟାନକ ସଙ୍ଗଠନରେ ଜନତା ଅଂଶ ଗ୍ରହଣ କରିବେ ।

ଭଣ୍ଡ ଭାବବାଦୀ ଜଣେ ଆଧାତ୍ମିକ ମିଥ୍ୟାଚାରୀ ଯେ ବିଶ୍ୱାସୀମାନଙ୍କୁ ପ୍ରତାରିତ କରିବାକୁ ଉଦ୍ୟମ କରେ ।[୩]

"ହେ ଅନ୍ଧ ଫାରୁଶି, ଆଗେ ଗିନାର ଭିତରେ ପରିଷ୍କାର କର, ସେଥିର ବାହାର ମଧ୍ୟ ପରିଷ୍କୃତ ହେବ . . . ବାହାରେ ସୁନ୍ଦର ଦେଖା ଯାଏ, କିନ୍ତୁ ଭିତରେ ମୃତମାନଙ୍କ ଅସ୍ଥି ଓ ସର୍ବପ୍ରକାର ଅସୁଚୀତାରେ ପୂର୍ଣ୍ଣ ।"[୪]



(୧)ଯୋହନ ୮:୪୪ (୨) ପ୍ରକାଶିତ ବାକ୍ୟ ୧୩:୧୩-୧୫ (୩) ମାଥିଉ ୨୪:୨୪-୨୬ (୪) ମାଥିଉ ୨୩:୨୬-୨୮

ତୁମ୍ଭେ ମାନେ ତୁମ୍ଭମାନଙ୍କ ପିତା ଶୟତାନ ଠାରୁ ଉତ୍ପନ୍ନ ଓ ମିଥ୍ୟାବାଦୀର ପିତା (ଯୋହନ ୮:୪୪) ଯଦି ତୁମର ଲୁଚାଇବା କିଛିକିଛି ନାହିଁ, ତାହାହେଲେ ତୁମ୍ଭର ଭୟ ତୁମକୁ ଭୟ କରିବାର କାରଣ ନାହିଁ ଏହି ଉକ୍ତି ଜଣାଇଏଥେ ହିଟଲରଙ୍କ ପ୍ରଚାରଣ ମନ୍ତ୍ରୀ Joseph goebhels ବ୍ୟବହାର କରୁ ଥିଲେ । ସମ୍ଭବତଃ ସାମାନ୍ୟ ବିରୁଧାଚରଣ ସମ୍ମୁଖୀନ ହୋଇ ପ୍ରତ୍ୟେକଙ୍କୁ ସେହି ଯୋଜନାର ସାମାନେଖାର ଅନୁବର୍ତ୍ତୀ ହେବା ନିମନ୍ତେ ପ୍ରଚାର କଲେ । ଏଣୁ ଆମ୍ଭେମାନେ ଯଦି ସେହି Chip (କ୍ଷୁଦ୍ର ଖଣ୍ଡ) କୁ ଗ୍ରହଣ କରିବାକୁ ମନାକରୁ, ତାର ଅର୍ଥ ଆମେ ତାହାକୁ ଭଲ କରୁଅଛୁ ଅର୍ଥାତ୍ ଆମ୍ଭେମାନେ କିଛି ବିଷୟକୁ ଲୁଚାଇ ଅଛୁ । ଏହାର ପରିମାଣ ସ୍ୱରୂପେ ଆମ୍ଭେମାନେ ରାଜ୍ୟର ଶତ୍ରୁ ରୂପେ ବିବେଚିତ ହୋଇ ବହିଷ୍କାର କରାଯିବୁ।

## ଶୟତାନ ଆପଣା ଦୂତ ମାନଙ୍କ ସହିତ ସର୍ଗରୁ ନିକ୍ଷିପ୍ତହେଲା



ଭଣ୍ଡ ଖ୍ରୀଷ୍ଟ ଈଶ୍ୱରଙ୍କୁ ତୁଛ କରି ଅପବାଦ କରିବ ତାହାପରେ ଆମ୍ଭ ମାନଙ୍କ ମଧ୍ୟରୁ ଅନେକେ ନିଷ୍ଠୁର ଭାବରେ ଈଶ୍ୱରଙ୍କ ପବିତ୍ର ମତବାଦ ବିରୁଦ୍ଧାଚାର କରି ଭୋକିଲା ଘୁଷୁରି ସଦୃଶ୍ୟ ପାଟିକରି ଈଶ୍ୱରଙ୍କ ଅପବାଦ କରିବେ ।

ଯେତେବେଳେ ଯୀଶୁ ଦୁଷ୍ଟଆତ୍ମା ମାନଙ୍କୁ ସେହି ବ୍ୟକ୍ତିଠାରୁ ବାହାରି ଯିବାକୁ ଆଦେଶ ଦେଲେ; ବାହିନୀ ଭୁତ ମାନେ ସେହି ମନୁଷ୍ୟ ଠାରୁ ବାହାରି ଗଲେ । ଦୁଃଷ୍ଟ ଆତ୍ମା ମାନେ ସାଧାରଣତଃ କୌଣସି ସ୍ଥାନରେ ପ୍ରବେଶ କିମ୍ବା ଜଡ଼ିତ ହୋଇଥାନ୍ତି । ସେମାନେ କହିଲେ – "ସମୟ ନହେଉଣୁ ତୁମ୍ଭେକି ଆମ୍ଭମାନଙ୍କୁ ଯନ୍ତ୍ରଣା ଦେବା ପାଇଁ ଏଠାକୁ ଆସିଲ ?"[୧] ସେଥିରେ ଭୁତ ଗୁଡ଼ାକ ତାହାଙ୍କୁ ବିନତି କରି କହିବାକୁ ଲାଗିଲେ ଯେବେ ଆମ୍ଭ ମାନଙ୍କୁ ଛଡ଼ାଅ ତେବେ ଘୁଷୁରୀ ପଲ ଭିତରକୁ ପଠାଇ ଦିଅ ।[୨]



ଯନ୍ତ୍ରଣା ପାଇବାର ସମୟ ହୋଇ ନଥିବା ଦେଖି ଯୀଶୁ ସେମାନଙ୍କୁ ଅନୁମତି ଦେଲେ । ଏଥିରେ, ସେ ସେମାନଙ୍କୁ କହିଲେ ଯାଅ ସେଥିରେ ସେମାନେ ବାହରି ଘୁଷୁରୀ ଗୁଡ଼ାକ ଭିତରେ ପଶିଲେ[୩]

**ଶେଷ ସାତ ବର୍ଷର ମଧ ଭାଗରେ ମିଖାଏଲ ଏବଂ ତାହାଙ୍କ ସଙ୍ଗୀ ଦୂତ ମାନେ ଶୟତାନ ଏବଂ ତାହାର ସହ ଦୁଷ୍ଟାତ୍ମା ମାନଙ୍କୁ ସର୍ଗରୁ ନିକ୍ଷେପ କରିବେ ।** ଦେଖା ଗଲା ସେମାନଙ୍କ ଯନ୍ତ୍ରଣାର ସମୟ ନ ହେଉଣୁ ସେମାନେ ଘୁଷୁରୀ ପଲରେ ପଶିବାକୁ ଅନୁମତି ପାଇଲେ, ଯାହା ହେଉ ଏ ସମୟରେ ଭୂତଆତ୍ମା ମାନେ ଘୁସୁରି ପଲରେ ପ୍ରବେଶ କରି ମନୁଷ୍ୟ ଶରୀର ଦଖଲ କରିବାର ସୁଯୋଗ ସେମାନଙ୍କ ପାଇଁ ବହୁତ ବଡ଼ କୃତିତ୍ୱ ଥିଲା ।



ଯେଉଁମାନେ ସବୁ କିଛି ସହଜରେ ଗ୍ରହଣ କରି ବିଶ୍ୱାସ କରିଥାନ୍ତି, ସେମାନଙ୍କ ଠାରୁ ଯେଉଁ ମନୁଷ୍ୟମାନେ ଘୁଷୁରୀମାନଙ୍କ ଭଳି ତରବରରେ ସବୁକିଛି ଗିଳି ଦେଇଥାନ୍ତି, ସେମାନେ ଲକ୍ଷ ହାସଲ ମାଧ ହୋଇଥାନ୍ତି । ଶୟତାନ ନିଜେ ଭଣ୍ଡ ଖ୍ରୀଷ୍ଟର ଅଧିକାର ନେଇଅଛି ।

"ସେଥିରେ ସେମାନେ ବାହରି ଘୁଷୁରୀ ଗୁଡ଼ାକ ଭିତରେ ପଶିଲେ, ଆଉ ଦେଖ ପଲଯାକ ଅତି ବେଗରେ ଦୌଡ଼ି ଯାଇ ତୀଖ ସ୍ଥାନ ଦେଇ ସମୁଦ୍ରରେ ପଡ଼ି ବୁଡ଼ି ମଲେ ।[୪] ଏହି ଘଟଣାର ଅର୍ଥ Armageddon ରେ ଗାଡ଼ିଆ ସଦୃଶ୍ୟ ରକ୍ତ (Pool of blood)



ଅମ୍ଭେମାନେ ସୁରକ୍ଷା ଢାଲ ସଦୃଶ୍ୟ ଈଶ୍ୱରଙ୍କ ଯେଉଁ ବାକ୍ୟ ଆହରଣ କରୁ ସେଥି ପ୍ରତି ଅତିଶୟ ସାବଧାନ ହେଉ । ଯାହା ଦ୍ୱାରା ଆମ୍ଭେମାନେ ସେହି ଘୁଷୁରୀମାନଙ୍କ ସମାନ ମୃତ୍ୟୁର ଯନ୍ତ୍ରଣା ଭୋଗ କରିବା ନାହିଁ । ଯେପରି ଅନେକ ଜନତାଙ୍କୁ ଭୁତ ମାନେ ଅଧିକାର କରିବେ ।

**ଜଗତରେ ଥିବା ଈଶ୍ୱରଙ୍କ ସନ୍ତାନ ମାନଙ୍କର ଲକ୍ଷସାଧନ ନିମନ୍ତେ [୫] ସର୍ଗିୟ ଦୂତମାନେ ଏବଂ ସାଧୁ ମାନେ ଯେପରି ନିଜର ଶକ୍ତି ସଷ୍ଟ ଭାବରେ ସେମାନଙ୍କ ଉପରେ ପ୍ରକାଶ କରି ପାରିବେ, ଏଥିପାଇଁ ସର୍ଗ ପରିଷ୍କୃତ ହୋଇ ଅଛି ।[୬]**



(୧) ପ୍ରକାଶିତ ବାକ୍ୟ ୧୨:୭-୯　(୨) ମାଥିଉ ୮:୨୯-୩୧　(୩) ମାଥିଉ ୮:୩୨　(୪) ମାଥିଉ ୮:୩୨
(୫) ପ୍ରକାଶିତ ବାକ୍ୟ ୧୨:୧୦-୧୧　(୬) ଦାନିଏଲ ୧୧:୩୨

ଅଶୁଚି ଆତ୍ମା ଜଣେ ମନୁଷ୍ୟ ଠାରୁ ବାହରିଗଲା ଉତାରେ ଜଳଶୂନ୍ୟ ସ୍ଥାନ ସବୁ ଭ୍ରମଣ କରି ବିଶ୍ରାମ ଖୋଜେ ଆଉ ତାହା ନ ପାଇ କହେ; ମୁଁ ଯେଉଁ ଘରୁ ବାହାରି ଆସିଥିଲି ମୋର ସେହି ଘରକୁ ବାହୁଡ଼ିଯିବି ପୁଣି ସେ ଆସି ତାହା ମାର୍ଜିତ ଓ ସୁଶୋଭିତ ଦେଖେ । ସେତେ ବେଳେ ସେ ଯାଇ ଆପଣା ଠାରୁ ଅଧିକ ଦୁଷ୍ଟ ଆଉ ସାତୋଟି ଆତ୍ମା ସାଙ୍ଗରେ ଘେନି ଆସେ ପୁଣି ସେମାନେ ପ୍ରବେଶ କରି ସେଠାରେ ବାସ କରନ୍ତି ଆଉ ସେହି ଲୋକର ପ୍ରଥମ ଦଶା ଅପେକ୍ଷା ଶେଷ ଦଶା ଅଧିକ ମନ୍ଦ ହୁଏ । (ଲୂକ ୧୧:୨୪-୨୬)

ପ୍ରଥମ ୩ ½ ବର୍ଷ ମଧ୍ୟରେ ଆତ୍ମିକ ଶାନ୍ତି ରହିବ କାରଣ ଶୟତାନର ଦୁଷ୍ଟାତ୍ମା ମାନଙ୍କର ଆବଶ୍ୟକ କରିବ, କିନ୍ତୁ ଯେତେବେଳେ ସେମାନେ ପୃଥିବୀରେ ନିକ୍ଷିପ୍ତ ହେବେ ଓ ହଜାର ସଂଖ୍ୟାରେ ଲୋକମାନେ ଅଧିକୃତ ହେବେ ତା'ପରେ ପାଗଳ ପରି ପ୍ରାୟ ଲୋକେ ଆଶ୍ରୟ ସ୍ଥଳୀ ଖୋଜିବେ ।
ସେଥିରୁ ରକ୍ଷା ପାଇବା ଆମ ପକ୍ଷରେ ଉଚିତ (ପ୍ରକାଶିତ ବାକ୍ୟ ୧୩:୭-୯)

# ଆହ୍ୱାନକାରୀ ଦାବିଦାର ମାନଙ୍କ ପାଇଁ ଉତେଜନାର ସମୟ

ଯେଉଁ ମାନେ ଇଶ୍ୱରଙ୍କ ପ୍ରତିଜ୍ଞା ସମୂହକୁ ଜାଣନ୍ତି ସେମାନେ **ପରମେଶ୍ୱରଙ୍କୁ ପରୀକ୍ଷା କରନ୍ତି** । ପରୀକ୍ଷା କରିବାର ଦୁଇଟି ରାସ୍ତାଅଛି । ପରମେଶ୍ୱର ସେମାନଙ୍କୁ ପରୀକ୍ଷା ମଧ୍ୟକୁ ଆଣନ୍ତି କିମ୍ବା ସେମାନେ ଇଶ୍ୱରଙ୍କୁ ପରୀକ୍ଷା କରି ଦେଖିବାକୁ ଚାହାନ୍ତି, ଯେ ସତରେ ସେ ଆପଣା ପ୍ରତିଜ୍ଞାରେ ସ୍ଥିର ଅଛନ୍ତି କି ? ପରମେଶ୍ୱର ଏହା ପସନ୍ଦ କରନ୍ତି ।

## ଭବିଷ୍ୟତ ବକ୍ତା ମାନେ ସ୍ୱପ୍ନ ଦେଖନ୍ତି, ସମ୍ମାନ କିନ୍ତୁ ଆମ୍ଭମାନଙ୍କର ହୁଏ ।

ଯିରୁଶାଲମରେ କଣ ଘଟୁଅଛି, ଦୁଇଜଣ ଭବିଷଦ ବକ୍ତା ତାହା ପ୍ରକାଶ କଲେ । କେହି ଯଦି ସେମାନଙ୍କର କ୍ଷତି କରିବାକୁ ଇଚ୍ଛା କରେ, ତେବେ ସେମାନଙ୍କ ମୁଖରୁ ଅଗ୍ନୀ ନିର୍ଗତ ହୋଇ ସେମାନଙ୍କ ଶତ୍ରୁମାନଙ୍କୁ ଗ୍ରାସ କରେ; ସେମାନେ ଭାବବାଣୀ କହିବା ସମୟରେ ମଧ୍ୟରେ ଯେପରି ବୃଷ୍ଟି ନ ହୁଏ, ଏଥିନିମନ୍ତେ ଆକାଶ ରୁଦ୍ଧ କରିବାକୁ ସେମାନଙ୍କର କ୍ଷମତା ଅଛି, ପୁଣି ଯେତେଥର ଇଚ୍ଛା, ସେତେଥର ଜଳ କୁ ରକ୍ତରେ ପରିଣତ କରିବାକୁ ଓ ପୃଥିବୀକୁ ସମସ୍ତ ପ୍ରକାର ମହାମାରୀ ଦ୍ୱାରା ଆଘାତ କରିବାକୁ ମଧ୍ୟ ସେମାନଙ୍କର କ୍ଷମତା ଅଛି ।[୧] ପକ୍ଷ୍ୟ ଯୁକ୍ତ ସ୍ତ୍ରୀ ଲୋକ ପ୍ରାନ୍ତରକୁ ପଳାୟନ କଲେ ବିଶ୍ୱାସୀ ମାନେ ପ୍ରାନ୍ତରକୁ ପଳାୟନ କରିବେ [୨] ଯେତେବେଳେ ସେ ସମୟ ଆସିବ ଆପଣ ପଳାୟନ କରିବାକୁ କିମ୍ବା ଆପଣା ସଂପତି ଏବଂ ଅଧିକାର ସହିତ ରହିବେ କି ? [୩] ଆମ୍ଭେମାନେ ବର୍ତ୍ତମାନ ସୁଦ୍ଧା ପୃଥିବୀରେ ବିଦେଶ ଏବଂ ପ୍ରବାସୀ ଅଟୁ କି? [୪]



"ଆଉ ସେମାନଙ୍କ ମଧ୍ୟରୁ ଜ୍ଞାନୀମାନେ ଅନେକଙ୍କୁ ଉପଦେଶ ଦେବେ [୫] ଲୋକମାନେ ଆଶ୍ଚର୍ଯ୍ୟ ହୋଇ କହିବେ ଏସବୁ କଣ ଘଟୁଛି? ବର୍ତମାନ ଆପଣ ସେମାନଙ୍କୁ ବୁଝାନ୍ତୁ ।

ଦାନିଏଲ ମଧ୍ୟ ଲେଖିଲେ, ପୁଣି ଯେଉଁ ମାନେ ନିୟମର ପ୍ରତିକୂଳରେ ଦୁଷ୍ଟାଚରଣ କରନ୍ତି ସେ ଚାଟୁ ବାକ୍ୟ ଦ୍ୱାରା ସେମାନଙ୍କୁ ବିପଦ ଗମନ କରାଇବ ମାତ୍ର ଯେଉଁ ଲୋକମାନେ ଆପଣା ପରମେଶ୍ୱରଙ୍କୁ ଜାଣନ୍ତି ସେମାନେ ବଳବାନ ହେବେ ଓ ମହତ୍ କର୍ମ କରିବେ ।[୬]

ଆମ୍ଭେମାନେ ହୁଏତ ଇଶ୍ୱରଙ୍କୁ ଭଲଭାବରେ ଜାଣି ନଥିବୁ ତଥାପି କମସେ କମ୍ ଆମ୍ଭେମାନେ ତାହାଙ୍କ ପ୍ରତିଜ୍ଞାନୁସାରେ ଆଗକୁ ବଢ଼ିବା ଉଚିତ ଏବଂ ପରମେଶ୍ୱର ଏହା ଦ୍ୱାରା ଉତ୍ତର ଦେଉଛନ୍ତି ଏହା ଜାଣି ପାରିବା । ୧୨୬୦ ଦିନର ଶେଷ ସମୟରେ ଶୟତାନର କୌଣସି ପ୍ରତି ବାଧା ନଥିବା ବେଳେ ସର୍ଗର ମହାନ ବ୍ୟକ୍ତିମାନ ଆମ୍ଭମାନଙ୍କର ଉପରେ ଦୃଷ୍ଟି କେନ୍ଦ୍ରିତ କରି ପାରିବେ । କାରଣ ଶୟତାନ ସର୍ଗରୁ ନିକ୍ଷେପ କରାଯାଇଥିବ ।[୭] ଯେପରି ସେମାନେ ଆମ୍ଭମାନଙ୍କ ବିନା ସିଦ୍ଧି ଲାଭ ନ କରନ୍ତି,[୮] ସେମାନଙ୍କ ଆନନ୍ଦ ସଂପୁର୍ଣ୍ଣ ହେବ ଏବଂ ଆମ୍ଭମାନଙ୍କୁ ସାହାଯ୍ୟ କରିବାକୁ ସେମାନେ ମୁକ୍ତ ଥିବେ ।

## କିନ୍ତୁ ଆମ୍ଭେମାନେ ଯଦି ହତ୍ୟା କରାଯିବୁ ତେବେ କଣ ହେବ?

ଜଗତରେ ଆପଣ ଯେହେତୁ କଥା କହୁଥିବା ଜନ୍ତୁର ଆରାଧନା କଲେ ନାହିଁ ଏଣୁ ଜଗତର ଗୋଷ୍ଠୀ ଆପଣାଙ୍କୁ ଘୃଣା କରିବ । ଏହି ସମୟରେ ପାଗଳ ପ୍ରାୟ ଆଶ୍ରୟ ସ୍ଥଳ ଖୋଜିବା ଅପେକ୍ଷା ଏହାକୁ ପରିତ୍ୟାଗ କରି ବରଂ ଯେଉଁ ମାନେ ଆପଣାଙ୍କୁ ପ୍ରେମ କରନ୍ତି ସେମାନଙ୍କୁ ପାଖକୁ ସର୍ଗକୁ କାହିଁକି ନ ଯିବେ?[୯] ଆମ୍ଭମାନଙ୍କୁ ହତ୍ୟା କରି ସେମାନେ ଆମ୍ଭମାନଙ୍କୁ ତତ୍କ୍ଷଣାତ୍ ରାଜ୍ୟ କୁ ପଠାଇ ଅଛନ୍ତି ।






(୧)ପ୍ରକାଶିତ ବାକ୍ୟ ୧୧:୫-୬ (୨) ପ୍ରକାଶିତ ବାକ୍ୟ ୧୨:୬-୧୪ (୩) ମାଥିଉ ୨୪:୧୫-୧୮ (୪) ଏବ୍ରୀ ୧୧:୧୩
(୫) ଦାନିଏଲ ୧୧:୩୩ (୬) ଦାନିଏଲ ୧୧:୩୨ (୭) ପ୍ରକାଶିତ ବାକ୍ୟ ୧୨:୭-୧୧ (୮) ଏବ୍ରୀ ୧୧:୪୦
(୯) ପ୍ରକାଶିତ ବାକ୍ୟ ୨୦:୪

ସେମାନେ ପୃଥିବୀରେ ଆପଣା ମାନଙ୍କୁ ବିଦେଶୀ ଓ ପ୍ରବାସୀ ବୋଲି ସ୍ୱୀକାର କଲେ । ସେମାନେ ଗୋଟିଏ ଉତ୍କୃଷ୍ଟତର ଅର୍ଥାତ ସର୍ଗୀୟ ଦେଶର ଆକାଂକ୍ଷା କରୁଥିଲେ । ଇଶ୍ୱର ଗୋଟିଏ ଉତ୍ତମ ନଗର ଆମ୍ଭମାନଙ୍କ ପାଇଁ ପ୍ରସ୍ତୁତ କରିଛନ୍ତି । (ଏବ୍ରୀ ୧୧:୧୩,୧୬-୪୦)

ପ୍ରାନ୍ତରରେ ସେହି ସ୍ତ୍ରୀ ଲୋକ ପୃଷ୍ଠା ୬୬ ରେ ଦେଖନ୍ତୁ!

# କ୍ଳେଶର ସପ୍ତ ତୂରୀ

ସୁରକ୍ଷା ଦୃଷ୍ଟିରୁ ତୂରୀଧ୍ୱନି ପୂର୍ବରୁ ବିଶ୍ୱାସୀ ମାନେ ପ୍ରଥମେ ଈଶ୍ୱରଙ୍କ ମୁଦ୍ରାଙ୍କ ଗ୍ରହଣ କରିବେ । ଆମ୍ଭେମାନେ ଆପଣାମାନଙ୍କ ଈଶ୍ୱରଙ୍କ ଦାସମାନଙ୍କ କପାଳରେ ମୁଦ୍ରାଙ୍କ ନ ଦେବା ପର୍ଯ୍ୟନ୍ତ ତୁମ୍ଭେମାନେ ପୃଥିବୀ କିଅବା ସମୁଦ୍ର କିଅବା ବୃକ୍ଷ ସମୂହର କ୍ଷତି କର ନାହିଁ ।[୧] ତାହାଙ୍କର ସନ୍ତାନ ମାନଙ୍କର ନିର୍ଯ୍ୟାତନା ପରମେଶ୍ୱର ପସନ୍ଦ କରନ୍ତି ନାହିଁ ।

ଏହା ପ୍ରକାଶ କରିବା ପାଇ ଦୂତ ମାନେ କ୍ଳେଶର ସପ୍ତତୂରୀ ଧ୍ୱନି ଆରମ୍ଭ କରିବେ । ଈଶ୍ୱରଙ୍କ ସନ୍ତାନ ମାନଙ୍କୁ କ୍ଳେଶ ଦେବା ସହିତ ଭଣ୍ଡଖ୍ରୀଷ୍ଟଙ୍କୁ ଅନ୍ୟ ସବୁ କାର୍ଯ୍ୟ କ୍ରମରେ ବ୍ୟସ୍ତ ରଖିବା ହିଁ ଏହାର କାରଣ । ପ୍ରଥମ ତୂରୀ ଧ୍ୱନୀରେ କ୍ଷୁଦ୍ର ଗ୍ରହ ଏବଂ ଉଲକା ତଥା ଶିଳା ବୃଷ୍ଟି ହେବ । ସେତେବେଳେ ସପ୍ତ ତୂରୀ ଧାରୀ ସପ୍ତ ଦୂତ ମାନେ ତୂରୀ ଧ୍ୱନୀ କରିବାକୁ ପ୍ରସ୍ତୁତ ହେଲେ . . . କାରଣ ଆହୁରି ତିନି ଜଣ ଦୁତ ତୂରୀଧ୍ୱନି କରିବାକୁ ଯାଉ ଅଛନ୍ତି ।[୨]




ତୂରୀଧ୍ୱନିର ଗ୍ରହ ପୁଞ୍ଜ ନିକ୍ଷିପ୍ତ ହେବା ଦ୍ୱାରା ପୃଥିବୀ ଦଗ୍ଧ ହେବ ଏବଂ ବିଛାର ଶକ୍ତି ଥିବା ଅଶୂଚି ପଙ୍ଗ ପାଳ ବାହାରି ୫ ମାସ ପର୍ଯ୍ୟନ୍ତ ପୃଥିବୀ ବାସୀଙ୍କୁ ଯନ୍ତ୍ରଣା ଦେବେ, କିନ୍ତୁ ଯେଉଁ ମାନଙ୍କ କପାଳରେ ଈଶ୍ୱରଙ୍କ ମୁଦ୍ରାଙ୍କ ନ ଥିବ କେବଳ ସେମାନଙ୍କୁ ଯନ୍ତ୍ରଣା ଦେବେ ।[୩]




୫ମ ଦୂତ ତୂରୀ ଧ୍ୱନି କରନ୍ତେ ଅନିଷ୍ଟ କରିବାକୁ ସେମାନଙ୍କୁ କୁହାଗଲା ସେହି ସମୟରେ ମନୁଷ୍ୟ ମାନେ ମୃତ୍ୟୁର ଅନ୍ୱେଷଣ କରିବେ । କିନ୍ତୁ କୌଣସି ପ୍ରକାରେ ତାହାର ଉଦ୍ଦେଶ୍ୟ ପାଇବେ ନାହିଁ । ସେମାନେ ମରିବାକୁ ବାଞ୍ଛା କରିବେ କିନ୍ତୁ ମୃତ୍ୟୁ ସେମାନଙ୍କ ଠାରୁ ପଳାୟନ କରିବ [୪] ପଶୁର ଚିହ୍ନ ଧାରୀ ମାନଙ୍କ ନିମନ୍ତେ ବହୁ ବିପତ୍ତି ଆସୁ ଅଛି ।




ଷଷ୍ଠ ତୂରୀ ଧ୍ୱନିରେ ୨୦୦ ମିଲିଅନ୍ (୨୦କୋଟି) ବିଶିଷ୍ଟ ଏକ ବିଶାଳ ସେନା ବାହିନୀ ପୂର୍ବ ଦିଗରୁ ଆସୁ ଥିବା ବିଷୟ ତୂରୀ ଘୋଷଣା କରିବ ।[୫] ଅଶ୍ୱାରୋହୀ ସୈନ୍ୟ ମାନଙ୍କ ସଂଖ୍ୟା କୋଡ଼ିଏ କୋଟି, ମୁଁ ସେମାନେ ସଂଖ୍ୟା ଶୁଣିଲି । କୌଣସି ଦେଶ ଏପରି ବୃହତ ଧରଣ ସେନାର ସପକ୍ଷ ହୋଇ ନ ପାରେ ।

ଏହା ଭଣ୍ଡ ଖ୍ରୀଷ୍ଟର ସହଯୋଗୀ କାଫିର (ଅବିଶ୍ୱାସି) ଏବଂ (ମୁଷରିକ) ବହୁ ଈଶ୍ୱର ବାଦୀଙ୍କ ବିରୁଦ୍ଧରେ (ମାଧିଙ୍କ ଭବିଷ୍ୟବାଣୀନୁସାରେ ) ଭଣ୍ଡଖ୍ରୀଷ୍ଟର 'Dajjal' ଜଗତକୁ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଅନ୍ତିମ ଜିହାଦ୍‌ର ପ୍ରସ୍ତୁତି ନିମନ୍ତେ ବାହରି ଥିବା ଇସ୍‌ଲାମ୍‌ର ବିଦ୍ରୋହୀ ସେନାକୁ ବୁଝାଏ ।



୧. ପ୍ରକାଶିତ ବାକ୍ୟ ୭:୩ ୨. ପ୍ରକାଶିତ ବାକ୍ୟ ୮:୬-୧୩ ୩. ପ୍ରକାଶିତ ବାକ୍ୟ ୯:୧-୪ ୪. ପ୍ରକାଶିତ ବାକ୍ୟ ୯:୬ ୫. ପ୍ରକାଶିତ ବାକ୍ୟ ୯:୧୬

ମାତ୍ର ଭାବବାଦୀ ମାନଙ୍କ ଧର୍ମ ଶାସ୍ତ୍ର ଯେପରି ସଫଳ ହୁଏ ସେଥି ନିମନ୍ତେ ଏ ସମସ୍ତ ଘଟୁଅଛି ସେତେବେଳେ ଶିଷ୍ୟ ମାନେ ସମସ୍ତେ ତାହାଙ୍କୁ ଛାଡ଼ି ପଳାଇଲେ (ମାଥିଉ ୨୬:୫୬) ଈଶ୍ୱରଙ୍କ ମୁଦ୍ରାଙ୍କ ବିଷୟର ସମସ୍ତ ବିବରଣୀ – ୬୫ ପୃଷ୍ଠାରେ ଦେଖନ୍ତୁ । ମାଧି ର ଅର୍ଥ ଇସ୍‌ଲାମ ଭବିଷ୍ୟତବାଣୀ ଯେ ପୃଥିବୀର ଦୁଷ୍ଟ ନେତୃତ୍ୱ ବିରୁଦ୍ଧରେ ଉଠିବ । ୭୮ ପୃଷ୍ଠାରେ ଦେଖନ୍ତୁ ।

# ଏହା ପ୍ରାୟତଃ ସମାପ୍ତ ହେଲାଣି...ଯୁଗାନ୍ତ ସନ୍ନିକଟ

ଯିରୁଶାଲମରେ ଦୁଇ ସତ୍ୟ ଭାବବାଦୀ ଉପସ୍ଥିତ ହେବେ । ସେମାନେ ୧୨୬୦ ଦିନ ପର୍ଯ୍ୟନ୍ତ ଭବିଷ୍ୟ ବାଣୀ କହିବେ । ସେମାନେ ଭବିଷ୍ୟବାଣୀ କହିବା ସମୟାବଧି ଆକାଶ ରୁଦ୍ଧ କରିବାକୁ ଏବଂ ବର୍ଷା ବନ୍ଦ କରିବାକୁ କ୍ଷମତା ରଖୁଥିଲେ ।






୩ ½ ବର୍ଷ ପର୍ଯନ୍ତ ମରୁଡ଼ି ହେବ

ସେମାନଙ୍କର ଅସାଧାରଣ କ୍ଷମତା ଥିଲା

ଏଣୁ ସେମାନେ ଘୃଣିତ ହେବେ ।[୧] ସେମାନେ ଈଶ୍ୱରଙ୍କ ସେହି ଦୁଇ ଜୀତ ବୃକ୍ଷ ଓ ଦୁଇ ପ୍ରଦୀପ ସଦୃଶ୍ୟ ଥିଲେ ତେବେ ମୁଁ ଉତ୍ତରକରି ତାଙ୍କୁ କହିଲି ଦୁଇ ତୈଳ ପୁତ୍ର ଅଟନ୍ତି [୨]




ତତ୍ପରେ ଭଣ୍ଡଖ୍ରୀଷ୍ଟ ଏକ ମହା ଅଭିଯାନ ମଧ୍ୟମରେ ପୁନଃ ମଧ୍ୟ ପ୍ରାଚ୍ୟ ଉପରେ ଆକ୍ରମଣ କରେ ! ସେ ଇଶ୍ରାଏଲ ଏବଂ ଅନ୍ୟ କେତେକ ଦେଶକୁ ଅଧିକାର କରିବ । ଯର୍ଦ୍ଦନ ନଦୀ ସହିତ ଏକ ମାତ୍ର ତାର ବନ୍ଧୁ ରାଜା ମୁକ୍ତ କରାଯିବେ ।[୩] ଆଉ ଅନ୍ତିମ କାଳରେ କୂଶିୟ ମାନେ ତାହାର ଅନୁଚର ହେବେ ।





* ଭଣ୍ଡ ଖ୍ରୀଷ୍ଟ ଯିରୁଶାଲମକୁ ଆକ୍ରମଣ କରିବ [୪]
* ସେ ଦୁଇ ଜଣ ଭାବବାଦୀଙ୍କୁ ହତ୍ୟା କରିବ ।[୫]
* ସେ ଆପଣାକୁ ଈଶ୍ୱର ବୋଲି ଘୋଷଣା କରି ମନ୍ଦିର ଅଧିକାର କରିବ । ପ୍ରଭୁଙ୍କ ଦିନ ଉପସ୍ଥିତ ହେଲାଣି ବୋଲି.... ସେଆପଣା କୁ ଈଶ୍ୱର ବୋଲି ଦେଖାଏ [୬]

**ସମ୍ବାଦ ତାକୁ ଉଦ୍‌ବିଗ୍ନ କରିବ,** ସେ ମହାକ୍ରୋଧ ରେ ଅନେକଙ୍କୁ **ସମ୍ପୁର୍ଣ୍ଣ ଉଚ୍ଛିନ୍ନ କରିବ**[୭]

ପୂର୍ବ ଦିଗରୁ ଆସୁଥିବା ସେନାବାହାନୀ ଏବଂ ଇଶ୍ରାଏଲର ସହଯୋଗୀ ମାନେ ଆକ୍ରମଣର ସମ୍ବାଦ ତାକୁ ବିପଦରେ ପକାଇବ ।" - ତାର ଅଭିଯାନକୁ ପ୍ରତିବାଧା କରୁଥିବା ଏକ ବଡ ଶତ୍ରୁକୁ ବିତାଡ଼ିତ କରିବାକୁ ସେ **ଲାଲ ବୋତାମ ଟିପିବ** ଏଣୁ ବାବିଲୋନ ସଂପୁର୍ଣ୍ଣ ଧ୍ୱଂଶ ହେବ ।[୮]



ସେ (ବାବିଲ) ସଂପୂର୍ଣ୍ଣ ଭାବରେ ଅଗ୍ନିରେ ଦଗ୍ଧ ହେବ ହାଏ ହାଏ ସେହି **ମହାନଗରୀ ବାବିଲ** ପରାକ୍ରମି ନଗରୀ ବାବିଲ କାରଣ ଗୋଟିଏ ଘଣ୍ଟାରେ ତୁମର ବିଚାର (ଦଣ୍ଡ) ଉପସ୍ଥିତ ହୋଇଛି । Babylon, that mighty city !

ସେ କେତେ ଦୂର ଆପଣାର ଗୌରବ କରିଛି ।[୯]



ମଗୋଗ (ରୁଷିଆ) ବିରୁଦ୍ଧରେ ମୁ ଅଗ୍ନି ପ୍ରେରଣ କରିବି । ବାବିଲ ବିରୁଦ୍ଧରେ ଥିବା ପରମାଣୁ ବିଧ୍ୱଂଶ ପୂର୍ବରୁ ତାହା ରୁଷିଆ ବିରୁଧରେ ପ୍ରତିଶୋଧାତ୍ମକ ଆଘାତ ହୋଇ ପାରେ ପୁଣି ଆମ୍ଭେ ମାଗୋଗ (ରୁଷିଆ) ଉପରେ ଓ ଦ୍ୱିପ ସମୂହରେ ନିରାପଦରେ ବାସକାରୀ ମାନଙ୍କ ଉପରେ ସମ୍ଭବତଃ ୟୁକେ, ନିୟୁଜଲାଣ୍ଡ, ଏସିଆ ଅଗ୍ନି ପ୍ରେରଣ କରିବା । ପୁଣି ଆମ୍ଭେ ମାଗୋଗର ଉପରେ ଓ ଦ୍ୱିପ ସମୁହରେ ନିରାପଦରରେ ବାସକାରୀ ମାନଙ୍କ ଉପରେ ଅଗ୍ନି ପ୍ରେରଣ କରିବା ତହିଁରେ ଆମ୍ଭେ ଯେ ସଦାପ୍ରଭୁ ଅଟୁ ଏହା ସେମାନେ ଜାଣିବେ[୧୦] ଆଉ ଯେଉଁ ମାରୀରେ ଆଘାତ କରିବେ ତାହା ଏହି, ସେମାନେ ଆପଣା ଆପଣା ଚରଣରେ ଠିଆ ହେବା ବେଳେ ସେମାନଙ୍କ ମାଂସ କ୍ଷୟ ପାଇବ ଓ ସେମାନଙ୍କର ଚକ୍ଷୁ ଆପଣା ଆପଣା କୋଠରରେ କ୍ଷୟ ପାଇବ ଓ ସେମାନଙ୍କ ମୁଖରେ ସେମାନଙ୍କର ଜିହ୍ୱା କ୍ଷୟ ପାଇବ ।[୧୧]

ମହାନ ନୂତନ ସହର ଜାଳିବାପାଇଁ ୪୫ଡିଗ୍ରୀରେ ଆକାଶ ଜଳିବ ।[୧୨]

**ବିଶ୍ୱସ୍ତ ଏବଂ ସମ୍ଭ୍ରକ ଶେଷକାଳରେ ଘଟଣା ବିଷୟରେ ଶିକ୍ଷକମାନେ ସୂଚାଇ ଦେଇଛନ୍ତି ଯେ, ବାବିଲନ (USA) ଏବଂ ତାର ସହଯୋଗୀମାନଙ୍କୁ ପ୍ରତିନିଧିତ୍ୱ କରେ ।**



(୧) ପ୍ରକାଶିତ ବାକ୍ୟ ୧୧ (୨) ଯିଖରିୟ ୪: ୧୧-୧୪ (୩) ଦାନିଏଲ -୧୧: ୪୦-୪୩ (୪) ଦାନିଏଲ ୧୧: ୪୫ (୫) ପ୍ରକାଶିତ ବାକ୍ୟ ୧୧: ୭-୧୦ (୬) ୨ୟ ଥେସଲିନୀକୀୟ ୨: ୪ (୭) ଦାନିଏଲ ୧୧: ୪୪ (୮) ପ୍ରକାଶିତ ବାକ୍ୟ ୧୭ ଏବଂ ୧୮ (୯) ପ୍ରକାଶିତ ୧୮: ୪,୭,୯,୧୪ (୧୦) ଯିହିଜିକଲ ୩୯: ୬ (୧୧) ଯିଖରିୟ ୧୪: ୧୨

"ସେଥିରେ ଯେଉଁ ମହାନ ନଗରୀ କୁ ଆତ୍ମିକ ଭାବରେ ସଦୋମ ଓ ମିଶର ବୋଲି କୁହାଯାଏ ଯେଉଁ ଠାରେ ଆମ୍ଭ ମାନଙ୍କର ପ୍ରଭୁ କ୍ରୁଶରେ ହତ ହୋଇ ଥିଲେ ସେହି ମହାନଗରୀର ରାଜ ପଥରେ ସେମାନଙ୍କ ଶବ ପଡ଼ି ରହିଲା । (ପ୍ରକାଶିତ ୧୧:୮)

# ହର୍ମିଗିଦ୍ଦୋନ ପର୍ଯ୍ୟନ୍ତ ନେତୃତ୍ୱ

## ୨୦୦,୦୦୦୦୦୦ କୋଡ଼ିଏ କୋଟି ସଂଖ୍ୟା ବିଶିଷ୍ଟ ଏକ ସେନା ବାହିନୀ ପୂର୍ବ ଦିଗରୁ ଅଗ୍ରସର ହେଉଅଛି [୧]



ଅଶ୍ୱାରୋହୀ ସୈନ୍ୟମାନଙ୍କ ସଂଖ୍ୟା କୋଡ଼ିଏ କୋଟି, ମୁଁ ସେମାନଙ୍କ ସଂଖ୍ୟା ଶୁଣିଲି ଏହି ସେନା ଭଣ୍ଡଖ୍ରୀଷ୍ଟ ଏବଂ ତାର ସହଯୋଗୀ ମାନଙ୍କ ବିନାଶ ଏବଂ ଅନ୍ତିମ ଯିହାଦ ନିମନ୍ତେ ପ୍ରସ୍ତୁତ ବିଦ୍ରୋହୀ ଇସ୍‌ଲାମ୍ ଗୋଷ୍ଠି ଅଟେ । ଆପଣ ଦେଖି ପାରୁଥିବେ ୟୁରୋପୀୟ ଏବଂ କେତେକ ମଧ୍ୟ ପ୍ରାଚ୍ୟ ଦେଶ ଗୁଡ଼ିକ ଭଣ୍ଡ ଖ୍ରୀଷ୍ଟର ସପକ୍ଷ ନେଇଁଛନ୍ତି କାରଣ **ସିରିଆ** ବୋର୍ଡ଼ର ନିୟନ୍ତ୍ରଣରେ ଏବଂ ଇସ୍‌ଲାମ୍ ଶକ୍ତି ଦ୍ୱାରା ଅଧିକୃତ ହେଉନ୍ତୁ ଏହା ସେମାନେ ଚାହାନ୍ତି ନାହିଁ । ସେମାନେ ଭଣ୍ଡ ଖ୍ରୀଷ୍ଟର ନେତୃତ୍ୱରେ ରହିବେ ଏବଂ ଭଣ୍ଡ ଭାବବାଦୀଙ୍କ ଦ୍ୱାରା ପ୍ରଲୋଭିତ ହୋଇ ପୂର୍ବଦିଗରୁ ଆସୁଥିବା ମୁସଲିମ ଅଭିଯାନକୁ ପ୍ରତିରୋଧ କରିବାକୁ ବାଧ୍ୟ ହେବେ ।



ଯେହେତୁ ସେମାନେ ଇସ୍‌ଲାମ୍‌ର ଶାସନକୁ ଅଗ୍ରାହ୍ୟ କରିବେ । ୟୁରୋପ ଆକ୍ରମଣ କରିବା ପୂର୍ବରୁ, ପୂର୍ବଦେଶୀୟ ମାନଙ୍କର ଅପମାନ ଜନକ ଅଭିଯାନକୁ ପ୍ରତିରୋଧ କରିବାର ସୁବିଧା ଯାଗା ହେଉଛି ମଧ୍ୟ ପ୍ରାଚ୍ୟ । ଇସ୍‌ଲାମ୍ ସେନାର ଅଭିଯାନ ଆଗକୁ ବଢ଼ିବା ପୂର୍ବରୁ ଇଶ୍ରାଏଲ ଦେଶର ଆର୍ମା ଗୋଦ୍ଦେନ ସ୍ଥିତ ସମତଳ ଅଞ୍ଚଳର ମେଗିଦ୍ଦୋର ସେନା ଏକତ୍ର ତାହାର ପ୍ରତିରୋଧ କରିବେ ।




ପ୍ରଭୁ ସଦାପ୍ରଭୁ ଏହି କଥା କହନ୍ତି ହେ ରୋଶର ମେସକର ଓ ଋଷିୟ ତୁବଲର ଅଧିପତି (ଗୋଗ) (ଭଣ୍ଡ ଖ୍ରୀଷ୍ଟ) ଦେଖ ଆମ୍ଭେ ତୁମ୍ଭର ପ୍ରତିକୂଳ ଅଟୁ । ପୁଣି ଆମ୍ଭେ ତୁମ୍ଭକୁ ବୁଲାଇବା ଓ ତୁମ୍ଭ ଜଳ ପାଟିରେ ଅଙ୍କୁଶ ଦେବା ଆଉ ଆମ୍ଭେ ତୁମ୍ଭକୁ ଓ ତୁମ୍ଭର ସୈନ୍ୟ ସମସ୍ତଙ୍କୁ ଅଶ୍ୱ ଓ ଅଶ୍ୱାରୋହୀ ଗଣକୁ ବାହାର କରି ଆଣିବା ସେ ସମସ୍ତେ ସମ୍ପୂର୍ଣ୍ଣ ଯୁଦ୍ଧ ସଜ୍ଜାର ସୁସଜ୍ଜିତ ଫଳକ ଓ ଢ଼ାଲ ଧାରୀ ମହା ସମାଜ, ସେମାନଙ୍କର ସମସ୍ତେ ଖଡ଼୍ଗଧାରୀ ଅଟନ୍ତି । ସେମାନଙ୍କ ସଙ୍ଗେ ଗୋଷ୍ଠିୟ ମାନଙ୍କୁ ତୁମ୍ଭ ସଙ୍ଗେ ଆଣିବା' [୨]

ମେସକ ଏବଂ ତୁବଲ (ରୁଷିଆ ର ମୂଖ୍ୟ ରାଜା, ମୁଁ ତୁମ ଜଳ ପାଟିରେ ଅଙ୍କୁଶ ଦେବି ଏବଂ ମୁଁ ତୁମକୁ ତୁରନ୍ତ ଆଣିବି) ତୁମ୍ଭେ ଆସିବାକୁ ବାଧ୍ୟ ହେବ ପାରାସ୍ୟ (ଇରାକ) ଇଥୋପିଆ ଏବଂ ଲିବୀୟା ସେମାନଙ୍କ ସହିତ ଯେଉଁ ମାନେ ଢ଼ାଲ ଓ ଟୋପରଧାରୀ ଗୋମେର (ଜର୍ମାନୀ) ଏବଂ ତାର ସମସ୍ତ ଲୋକଦଳ ତୋଗାରମା (ତୁର୍କି) ଏବଂ ତାର ସମସ୍ତ ଲୋକ ଦଳ ସେମାନେ ତୁମ ସହିତ ଅଛନ୍ତି ସେମାନଙ୍କୁ ଆଣିବି ।

ଆମେମାନେ ଦେଖିବାକୁ ପାଇଲୁ ଇଶ୍ରାଏଲ ଅଭିମୁଖେ ଅଭିଯାନ [୩] ର କାରଣ ଭଣ୍ଡଖ୍ରୀଷ୍ଟର ମୁଖ୍ୟ ଦୁଇଟି ଶତ୍ରୁ ଅଛନ୍ତି । ଇଶ୍ରାଏଲର ସହଯୋଗୀ ବାବିଲୋନ ଯାହାଙ୍କୁ ସେ ଲାଲ ବୋତମ୍ ଦବାଇ ପୋଛି ଦେବ । " ସେ ମଧ୍ୟ ରମ୍ୟ ଦେଶରେ ପ୍ରବେଶ କରିବ ତହିଁରେ ଅନେକ ଦେଶ ପରାସ୍ତ ହେବେ ମାତ୍ର ଇଦୋମ ଓ ମୋୟାବ ଓ ଅମ୍ମୋନ ସନ୍ତାନ ଗଣର ଶ୍ରେଷ୍ଠାଂଶ ତାହାର ହସ୍ତରୁ ରକ୍ଷା ପାଇବେ ଏଣୁ ସେ ବର୍ତ୍ତମାନ ପୂର୍ବ ଦିଗରୁ ଆସୁଥିବା ସେନା ଉପରେ ଆପଣା ଶକ୍ତି କେନ୍ଦ୍ରିତ କରିବ ।

**ଯେତେ ବେଳେ ପରମାଣୁ ବୋମା ବିସ୍ଫୋରଣ ହେବ ସେତେବେଳେ ଅକଳ୍ପନୀୟ ଘଟଣା ଘଟିବ ଯେତେବେଳେ ଯୀଶୁ ଆମ୍ଭମାନଙ୍କୁ ଏକତ୍ର କରିବା ପାଇଁ ଆଗମନ କରିବେ ସେତେବେଳେ ଆମ୍ଭେମାନେ ଏହି ଅସ୍ଥାୟୀ ଆଶ୍ରୟ ଗୃହ ପରିତ୍ୟାଗ କରିବା । ମାତ୍ର ସେହି ସମୟରେ କ୍ଲେଶ ଭରାରେ ମନୋନୀତ ଲୋକ ମାନଙ୍କୁ ଏକତ୍ର କରିବେ ।** [୪]

ପରମାଣୁ ବୋମା ପ୍ରଭାବରେ ଫରାତ ନଦୀ ର ଜଳ ଶୁଷ୍କ ହେବ ତହୁଁ ପୂର୍ବ ଦିଗର ଆଗମନ କାରୀ ସେନା ବର୍ତ୍ତମାନ ନିର୍ବିରୋଧରେ ମଧ୍ୟ ପ୍ରାଚ୍ୟ ଏବଂ ୟୁରୋପରେ ପ୍ରବେଶ କରିବାକୁ ପଥ ପାଇବେ । ଷଷ୍ଠ ଦୂତ ଆପଣା ପାତ୍ର ଫରାତ ନଦୀ ଉପରେ ଢ଼ାଳିଲେ ତହୁଁ ପୂର୍ବଦିଗରୁ ଆଗମନକାରୀ ରାଜାମାନଙ୍କ ନିମନ୍ତେ ପଥ ପ୍ରସ୍ତୁତ ହେବା ପାଇଁ ତାହାର ଜଳ ଶୁଷ୍କ ହୋଇଗଲା [୬]

**ଆପଣ ଦେଖି ପାରୁଛନ୍ତି କି, କିପରି ପ୍ରତ୍ୟେକ ଜଣ ଏହି ଧାର୍ମିକ ଯୁଦ୍ଧରେ ଯୋଗଦେବାକୁ ବାଧ୍ୟ ହେବେ । କାରଣ ଭଣ୍ଡ ଖ୍ରୀଷ୍ଟମାନେ ଓ ଭଣ୍ଡ ଭାବବାଦୀ ମାନେ ଉଠି ଏପରି ମହା ମହା ଚିହ୍ନ ଓ ଅଦ୍ଭୁତ କର୍ମ ମାନ ଦେଖାଇବେ ଯେ, ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ ।" ଯୀଶୁ କହିଲେ ଶାନ୍ତିକାରକ ଲୋକ ଧନ୍ୟ କାରଣ ସେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ବିଖ୍ୟାତ ହେବେ ।** [୮]



(୧) ପ୍ରକାଶିତ ବାକ୍ୟ- ୯:୧୬ (୨) ଯିହିଜିକଲ ୩୮:୩-୬ (୩) ଦାନିଏଲ ୧୧:୪୩ (୪) ପ୍ରକାଶିତ ବାକ୍ୟ -୧୮:
(୫) ମାଥିଉ ୨୪:୨୯-୩୧ (୬) ପ୍ରକାଶିତ ବାକ୍ୟ ୧୬:୧୨ (୭) ମାଥିଉ ୨୪:୨୪ (୮) ମାଥିଉ -୫:୯

ଆଉ ଯେଉଁ ସକଳ ଗୋଷ୍ଠି ଯିରୁଶାଲମ ବିରୁଦ୍ଧରେ ଯୁଦ୍ଧ କରିଅଛନ୍ତି ସଦାପ୍ରଭୁ ସେମାନଙ୍କୁ ଯେଉଁ ମାରିରେ ଆଘାତ କରିବେ ତାହା ଏହି ସେମାନେ ଆପଣା ଆପଣା ଚରଣରେ ଠିଆ ହେବା ବେଳେ ସେମାନଙ୍କ ମାଂସ କ୍ଷୟ ପାଇବ ଓ ସେମାନଙ୍କର ଚକ୍ଷୁ ଆପଣା ଆପଣା କୋଟରରେ କ୍ଷୟ ପାଇବ ଓ ସେମାନଙ୍କ ମୁଖରେ ସେମାନଙ୍କ ଜିହ୍ୱା କ୍ଷୟ ପାଇବ ।
(ଯିଖରିୟ୧୪:୧୨) ସମସ୍ତ ଆନ୍ତରିକତାର ସହ ଦୟା କରି ଆପଣା ଯେପରି ଏଥିରେ କଣେ ନ ଥିବେ ଯୀଶୁଙ୍କୁ ଗ୍ରହଣ କରନ୍ତୁ ତାହାଙ୍କର ଅପରିମାପକ ପ୍ରେମକୁ ଗ୍ରହଣ କରନ୍ତୁ ।
ଏଥିରୁ ଆମେ ସଂଗ୍ରହ କରି ପାରିବା, ଇରାନ, ଇଥୋପିଆ ଏବଂ ଲିବୀୟା ଅତ୍ୟନ୍ତ ସୁଦୃଢ଼ ପ୍ରସାରୀ ହେବ ନାହିଁ ।

# ସପ୍ତମ ଏବଂ ଶେଷ ତୁରୀ ଧ୍ୱନୀ

## ଅକଳ୍ପନୀୟ ଘଟଣା ଘଟୁଛି

ମନୁଷ୍ୟ ଗୋଷ୍ଠିର ସ୍ଥିତି କାଳ ଠାରୁ ସେସମୟ ପର୍ଯ୍ୟନ୍ତ ଯେଉଁ ପ୍ରକାର ସଂକଟର କାଳ (ପରମାଣୁ ଜନିତ ବିପତ୍ତି) କେବେ ହୋଇ ନାହିଁ । ଏପରି ସଙ୍କଟ ର କାଳ ଉପସ୍ଥିତ ହେବ ଆଉ ତୁମ୍ଭ ଗୋଷ୍ଠିୟ ଯେ ପ୍ରତ୍ୟେକରେ ନାମ ପୁସ୍ତକରେ ଲିଖିତ ହୋଇଅଛି ସେମାନେ ପ୍ରତ୍ୟେକେ ସେ ସମୟରେ ଉଦ୍ଧାର ପାଇବେ । ପୁଣି ପୃଥିବୀର ଧୂଳିରେ ଯେଉଁ ମାନେ ଶୟନ କରନ୍ତି ତାରା ଗଣ ତୁଲ୍ୟ ଅନନ୍ତ କାଳ ପର୍ଯ୍ୟନ୍ତ ତେଜସ୍ୱୀ ହେବେ ।[1] ଆଉ ସେହି ସମୟ ଯେବେ ଊଣା କରାଯାଇ ନ ଥାଆନ୍ତା ତେବେ କୌଣସି ମର୍ତ୍ତ୍ୟ ପରିତ୍ରାଣ ପାଆନ୍ତା ନାହିଁ ।

**ମାତ୍ର ମନୋନୀତ ଲୋକଙ୍କ ସକାଶେ ସେହି ସମୟ ଊଣା କରାଯିବ ।[2]**



ଶେଷ ତୁରୀ ଧ୍ୱନୀ [3] ଯେଉଁ ମାନେ ତାହାଙ୍କ ଠାରେ ବିଶ୍ୱାସ କରନ୍ତି ସେମାନଙ୍କୁ ଏକପଲକରେ ରକ୍ଷା କରିବା ନିମନ୍ତେ ମେଘ ମାଳାରେ ଯୀଶୁଙ୍କ ଆଗମନର ସୁସମ୍ବାଦ ସେହି ଏକା ସମୟରେ ସେହି ତୂରୀ (ପରମାଣୁ ବିପତିତ) ଫଳାଫଳ ଘୋଷଣା କରିବ ।

ଯୀଶୁ କହିଲେ, ମାତ୍ର ସେହି ସମୟରେ କ୍ଲେଶ ଉତାରେ ଅକସ୍ମାତ ସୂର୍ଯ୍ୟ ଅନ୍ଧକାର ମୟ ହେବ ଓ ଚନ୍ଦ୍ର ଆଲୋକ ଦେବ ନାହିଁ, ପୁଣି ନକ୍ଷତ୍ର ମାଳା ଆକାଶରୁ ସ୍ଖଳିତ ହେବ ଆକାଶ ମଣ୍ଡଳର ଶକ୍ତି ସମୂହ ବିଚଳିତ ହେବ । ମନୁଷ୍ୟପୁତ୍ରଙ୍କୁ ମହାପରାକ୍ରମ ଓ ମହାମହିମା ସହ ଆକାଶର ମେଘ ମାଳରେ ଆଗମନ କରିବାର ଦେଖିବେ । ଆଉ ସେ ମହା ତୂରୀ ଧ୍ୱନିର ସହିତ ଆପଣା ଦୂତ ମାନଙ୍କୁ ପ୍ରେରଣ କରିବେ ।[4] ଏବଂ ସେମାନେ ଆକାଶର ଏକ ସୀମାରୁ ଅନ୍ୟ ସୀମା ପର୍ଯ୍ୟନ୍ତ ଚତୁର୍ଦ୍ଦିଗରୁ ତାହାଙ୍କର ମନୋନୀତ ଲୋକମାନଙ୍କୁ ଏକତ୍ର କରିବେ ।[5] ଆମ୍ଭମାନଙ୍କ ମଧ୍ୟରୁ ଯୀଶୁଙ୍କ ବାକ୍ୟ ର ପରିବର୍ତ୍ତନ କରିବାର କାହାରି ଅଧିକାର ନାହିଁ ।



(୧) ଦାନିଏଲ ୧୨:୧-୩ (୨) ମାଥିଉ ୨୪:୨୨ (୩) ପ୍ରକାଶିତ ବାକ୍ୟ ୧୦-୭) ୧ କରନ୍ଥୀୟ ୧୫:୫୨
(୪) ୨ୟ ଥେସଲନୀକୀୟ ୨:୨-୪ (୫) ମାଥିଉ ୨୪:୨୯-୩୧ (୬) ମାର୍କ ୧୩:୨୪-୨୭

ଯେଉଁ ମାନେ ଏହି ପୁସ୍ତକର ଭାବବାଣୀ ସବୁ ଶ୍ରବଣ କରନ୍ତି, ସେମାନଙ୍କର ପ୍ରତ୍ୟେକ ଜଣକୁ ମୁଁ ସାକ୍ଷ୍ୟ ଦେଇ କହୁଛି କେହି ଯଦି ଏସବୁ ସଙ୍ଗରେ କିଛି ଯୋଗ କରେ ତେବେ ଏହି ପୁସ୍ତକ ରେ ଲିଖିତ କ୍ଲେଶ ଗୁଡ଼ିକ ଈଶ୍ୱର ତାହା ପ୍ରତି ଘଟାଇବେ । ପୁଣି କେହି ଯଦି ଏହି ଭାବବାଣୀ ପୁସ୍ତକରେ କୌଣସି ବାକ୍ୟ ଲୋପ କରେ ତେବେ ଈଶ୍ୱର ଏହି ପୁସ୍ତକ ଲିଖିତ ଜୀବନ ବୃକ୍ଷ ଓ ପବିତ୍ର ନଗରରେ ତାହାର ଅଂଶ ଲୋପ କରିବେ (ପ୍ରକାଶିତ ବାକ୍ୟ ୨୨:୧୮-୧୯ )
ଅତ୍ୟନ୍ତ ଗାମ୍ଭିର୍ଯ୍ୟ ପୂର୍ଣ୍ଣ ସତର୍କବାଣୀ... । ହେ ପରମେଶ୍ୱର, ସାହାଯ୍ୟ କର ଯେପରିକି ଆମ୍ଭେମାନେ ସଠିକ ମାର୍ଗରେ ଯିବୁ । ଦା ଲଗାଅ ଶସ୍ୟ କାଟବୁ କାରଣ କାଟିବାର ସମୟ ଉପସ୍ଥିତ । (ଯୋଏଲ ୩:୧୩) (ପ୍ରକାଶିତ ବାକ୍ୟ ୧୪:୧୫)

# ବିବାହ ଭୋଜ ଏବଂ ପାତ୍ର ଗୁଡ଼ିକ

ଏକ ମୁହୂର୍ତ୍ତରେ ଚକ୍ଷୁର ପଲକରେ ଶେଷ ତୂରୀ ଧ୍ୱନିରେ ଆମ୍ଭେମାନେ ସମସ୍ତେ ପରିବର୍ତ୍ତିତ ହେବା କାରଣ ତୂରୀ ବାଜିବ ।[1] ଆଉ ମୃତ ମାନେ ଅକ୍ଷୟ ହୋଇ ଉଥିତ ହେବେ ପୁଣି ଆମ୍ଭେମାନେ ପରିବର୍ତ୍ତିତ ହେବ । ସେଥିରେ ଯେଉଁ ମାନେ ଖ୍ରୀଷ୍ଟଙ୍କ ଠାରେ ଥାଇ ମରିଅଛନ୍ତି ସେମାନେ ପ୍ରଥମ ଉଠିବେ ପରେ ଆମ୍ଭେମାନେ ଯେତେ ଜୀବିତ ରହି ଅବଶିଷ୍ଟ ଥିବୁ ଖ୍ରୀଷ୍ଟଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମ୍ଭେ ମାନେ ସେମାନଙ୍କ ସହ ମେଘ ମାଳାରେ ଶୂନ୍ୟମଣ୍ଡଳ କୁ ନୀତ ହେବୁ, ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ ।[2]



ବିଶ୍ୱାସୀମାନେ ଶୂନ୍ୟ ମଣ୍ଡଳକୁ ନୀତ ହେବେ ଏବଂ ମେଷଶାବକଙ୍କ ବିବାହ ଭୋଜର ଉତ୍ସବ ପାଳନ କରିବେ । ସେ ପ୍ରତ୍ୟେକ ଲୋକଙ୍କୁ ତାହାର କର୍ମାନୁସାରେ ଫଳ ଦେବେ ।[3]
ଯେଉଁ ସମୟରେ ପୃଥିବୀର ଲୋକମାନେ ପରମାଣୁ ଯୁଦ୍ଧର ଭୟାବହ ପ୍ରଭାବ ଅନୁଭବ କରୁଥିବେ ।

ଯୋହନ ଭବ୍ୟଷଦବକ୍ତା ଏହା ଶୁଣିଲେ

## ଯାଅ ଈଶ୍ୱରଙ୍କ କ୍ରୋଧର ସପ୍ତ ପାତ୍ର ପୃଥିବୀ ଉପରେ ଢ଼ାଳ[4]

୧. ଯେଉଁ ମାନେ ପଶୁର ଚିହ୍ନ ଗ୍ରହଣ କରିଥିଲେ ଓ ତହାର ପତିମା କୁ ପ୍ରଣାମ କରିଥିଲେ ସେମାନଙ୍କ ଶରୀରରେ ଯନ୍ତ୍ରଣା ଦାୟକ ବିସ୍ଫୋରଣର କିରଣ ବିକରଣର ରାସାୟନିକ ପ୍ରତିକ୍ରିୟାର ପରିମାଣ ସରୂପେ ଅତିଶୟ ଯନ୍ତ୍ରଣା ଦାୟକ ବିସ୍ଫୋଟକ ହେବ ।





୨ ସମସ୍ତ ସାମୁଦ୍ରିକ ଜୀବ, ମାଛ ଇତ୍ୟାଦି ମରିବେ
୩. ନଦୀ ରକ୍ତ ମୟ ହେବ
୪. ସୂର୍ଯ୍ୟ ର ତାପ ଅତିଶୟ ଗରମ ହେଲା (Ozone) ବିନଷ୍ଟ ହେବା ଯୋଗୁଁ
୫. ଘୋର ଅନ୍ଧକାର ହେଲା (ପରମାଣୁ ରାତ୍ର)
୬. ଫରାତ ନଦୀ ଶୁଷ୍କ ହେଲା ଏଣୁ ୨୦୦,୦୦୦,୦୦୦ ସଂଖ୍ୟା ବିଶିଷ୍ଟ ଏକ ବିଶାଳ ସେନା ପୂର୍ବ ଦିଗରୁ ଆସି ଇଶ୍ରାଏଲ୍ ଏବଂ ପଶ୍ଚିମ ଦେଶ ଗୁଡ଼ିକରେ ନିର୍ବିରୋଧରେ ପ୍ରବେଶ କରିବେ ।

ଏଥି ସହିତ ଏହି ଶୟତାନ ଭଣ୍ଡ ଖ୍ରୀଷ୍ଟ ଏବଂ ଭଣ୍ଡ ଭାବବାଦୀ ମାନେ ପୃଥିବୀର ରାଜା ମାନଙ୍କୁ[5] ଏବଂ ସେମାନଙ୍କର ସେନା ବାହିନୀ କୁ ଏକତ୍ର କରି ଅଣ୍ଡାରୋ ହି ଯେ ଖ୍ରୀଷ୍ଟ ତାଙ୍କ ସହ ଯୁଦ୍ଧ କରିବାର ଚରମ ପନ୍ଥା ଅବଲମ୍ବନ କରିବେ ।[6]

ବିଜୁଳି/ ଘଡ଼ ଘଡ଼ି ମହାଭୂମିକମ୍ପ, କୁଆ ପଥର ବୃଷ୍ଟି, ହର୍ମିଗିଦ୍ଦୋନ ଉପତ୍ୟାକାରେ[7] ଘଟିବ






(୧) ୧ମ କରନ୍ଥୀୟ -୧୫:୫୨ (୨) ୧ମ ଥେସଲନୀକୀୟ ୧୩:୧୪ (୩) ପ୍ରକାଶିତ ବାକ୍ୟ ୧୯:୩୦,୨୨-୧୧ (୪) ପ୍ରକାଶିତ ବାକ୍ୟ ୧୬
(୫) ପ୍ରକାଶିତ ବାକ୍ୟ ୧୩:୧୪ (୬) ପ୍ରକାଶିତ ବାକ୍ୟ ୧୯:୧୯ (୭) ପ୍ରକାଶିତ ବାକ୍ୟ ୧୬:୧୬,୧.୨୧ (୮) ଯିହିଯିକଲ ୩୮:୩୯-୨୨

ଭଣ୍ଡ ଖ୍ରୀଷ୍ଟ ଏବଂ ଭଣ୍ଡ ଭାବବାଦୀ ମାନେ ଆଶ୍ଚର୍ଯ୍ୟକର୍ମକାରି ଭୂତଆତ୍ମା ମାନଙ୍କୁ କହି ସମଗ୍ର ଜଗତରେ ରାଜାମାନଙ୍କୁ ହର୍ମିଗିଦ୍ଦୋନ ଉପତ୍ୟାକାରେ ଏକତ୍ର କରି ଯୁଦ୍ଧ ଆରମ୍ଭ କରିବେ । (ପ୍ରକାଶିତ ବାକ୍ୟ ୧୬:୧୪-୧୬

# ହୋର୍ମିଗିଦ୍ଦୋନ ଯୁଦ୍ଧ... ଭଣ୍ଡ ଖ୍ରୀଷ୍ଟର ସହଯୋଗୀମାନେ ମେଗିଦୋ ଉପତ୍ୟକାରେ ଇସ୍‌ଲାମ୍ ର ସୈନ୍ୟବାହିନୀ ସହିତ ସଂଘର୍ଷ କରନ୍ତି – ସମସ୍ତ ଯୁଦ୍ଧର ଯୁଦ୍ଧ !



ସମସ୍ତ ସମ୍ଭାବନାରେ ପରମାଣୁ ବିସ୍ଫୋରଣ ଏକ ସମୃଦ୍ଧ ଭୂକମ୍ପର ପ୍ରକୋପ ପରିମାପକ ସ୍କେଲରୁ ସମ୍ପୂର୍ଣ୍ଣରୂପେ ବନ୍ଦ ହେଲା, ଆଉ ପୃଥିବୀସ୍ଥ ମନୁଷ୍ୟ ସକଳ ଆମ୍ଭ ସାକ୍ଷାତରେ କମ୍ପମାନ ହେବେ ଓ ପର୍ବତ ସବୁ ଉତ୍ପାଟିତ ହେବେ, ଆଉ ଗଡ଼ନ୍ତି ସ୍ଥାନ ସବୁ ପଡ଼ିଯିବ ଓ ପ୍ରତ୍ୟେକ ପ୍ରାଚୀର ଭୂମିସାତ୍ ହେବ[୧] ଏବଂ ଜୈତୁନ୍ ପର୍ବତ.. ବିଦୀର୍ଣ୍ଣ ହୋଇ ଅତି ବୃହତ ଏକ ଉପତ୍ୟକା ହେବ ।[୨] ଦ୍ୱନ୍ଦରେ ସୈନିକମାନେ ସେମାନଙ୍କ ସାଥି ସୈନିକମାନଙ୍କୁ ହତ୍ୟା କରନ୍ତି । ପ୍ରତ୍ୟେକ ଲୋକର ଖଡ୍ଗ ତାହାର ଭ୍ରତାର ପ୍ରତିକୂଳ ହେବ ।[୩]



ଆମ୍ଭେ ତାହା ଉପରେ ଓ ତାହାର ସୈନ୍ୟଦଳ ଉପରେ ଓ ତା'ର ସଙ୍ଗୀ ଅନେକ ଗୋଷ୍ଠୀର ଉପରେ ପ୍ଲାବନକାରୀ ବୃଷ୍ଟି .. ବର୍ଷାଇବା[୪] ୩½ ବର୍ଷର ଦୁର୍ଭିକ୍ଷ ପରେ[୫]. ଏକ ସହସ୍ର ଦୁଇ ଶତ ଷାଠିଏ ଦିନ ପର୍ଯ୍ୟନ୍ତ ଭାବବାଣୀ କହିବେ... ସେତେଥର ଜଳକୁ ରକ୍ତରେ ପରିଣତ କରିବାକୁ ପୃଥିବୀକୁ ସମସ୍ତ ପ୍ରକାର ମହାମାରୀ ଦ୍ୱାରା ଆଘାତ କରିବାକୁ .. ଏହା ଲେଖାଯାଏ, ଆଉ ସେଥିରୁ ରକ୍ତ ବାହାର ହୋଇ ଅଶ୍ୱମାନଙ୍କୁ ଲଗାମ ପର୍ଯ୍ୟନ୍ତ ଉଠି ଏକଶ କୋଶ ପର୍ଯ୍ୟନ୍ତ ବ୍ୟାପ୍ତ ହେଲା[୬] ୧୬୦୦ ଗଜ କିମ୍ବା ୩୨୨ କିଲୋମିଟର ସ୍ଥାନ ଦ୍ୱାରା ତାହା ଚାରି ଫୁଟ ଗଭୀର । କଳ୍ପନା ଯୋଗ୍ୟ ଅନୁପାତର ଏକ ଅବିଶ୍ୱସନୀୟ ରକ୍ତ ଦାନ ।

ପୁଣି ଆମ୍ଭେ ମହାମାରୀ ଦ୍ୱାରା ଓ ରକ୍ତ ଦ୍ୱାରା . . ପ୍ଲାବନକାରୀ ବୃଷ୍ଟି, ବୃହତ ଶିଳା, ଅଗ୍ନି ଓ ଗନ୍ଧକ ବର୍ଷାଇବା [୭]. ମହା ଶିଳା ବୃଷ୍ଟି ହେଲା, ଶିଳା ଗୁଡ଼ିକ ପ୍ରାୟ ଏକ ଏକ ମହଣ ଓଜନର (୩୦-୩୫ କେଜି)[୮] ଏହି କ୍ଲେଶରେ ଯୋଗ କରାଯାଇଛି ।



ଇସ୍ରାଏଲର ପର୍ବତଗଣ ଉପରେ ତୁମ୍ଭେ ପତିତ ହେବ ଓ ତୁମ୍ଭର ସକଳ ସୈନ୍ୟ ଦଳ ଓ ତୁମ୍ଭ ସଙ୍ଗୀ ଗୋଷ୍ଠିଗଣ ପତିତ ହେବେ, ଆମ୍ଭେ ସବୁ ପ୍ରକାର ହିଂସ୍ରକ ପକ୍ଷୀ ଓ କ୍ଷେତ୍ରସ୍ଥ ପଶୁଗଣର ଗ୍ରାସର ନିମନ୍ତେ ତୁମ୍ଭକୁ ସମର୍ପଣ କରିବା [୯]. ତତ୍ପରେ ମୁଁ ଜଣେ ଦୂତଙ୍କୁ . . ଦେଖିଲି. . ସେ ଆକାଶରେ ଉଡ଼ିବ । ସମସ୍ତ ପକ୍ଷୀଙ୍କି ଉଚ୍ଚ ସ୍ୱରରେ ଡ଼ାକି କହିଲେ, ଆସ ଇଶ୍ୱରଙ୍କ ମହାଭୋଜରେ ଏକତ୍ର ହୁଅ. . . ସମସ୍ତ ଲୋକଙ୍କର ମାଂସ ଭକ୍ଷଣ କରିବ. . [୧୦]. ତୁମ୍ଭେ ପଡ଼ିଆରେ ପତିତ ହେବ : ପ୍ରଭୁ ସଦାପ୍ରଭୁ ଏହା କହନ୍ତି ।[୧୧] ହୋର୍ମିଗିଦ୍ଦୋନ୍ ନାମକ ସ୍ଥାନରେ ଏକତ୍ର କଲେ [୧୨], ଏହା ହେଉଛି, ମେଗିଦନ୍‌ର ଉପତ୍ୟାକା








୧. ଯିହିଜିକଲ୍ ୩୮:୨୦ — ୨. ଯିଖରିୟ ୧୪:୪ — ୩.ଯିହିଜିକଲ୍ ୩୮:୨୧ — ୪. ଯିହିଜିକଲ୍ ୩୮:୨୨

୫.ପ୍ରକାଶିତ ବାକ୍ୟ ୧୧:୩,୬ — ୬. ପ୍ରକାଶିତ ବାକ୍ୟ ୧୪:୨୦ — ୭.ଯିହିଜିକଲ୍ ୩୮:୨୨ — ୮.ପ୍ରକାଶିତ ବାକ୍ୟ ୧୬:୨୧

୯. ଯିହିଜିକଲ୍ ୩୯:୪ — ୧୦. ପ୍ରକାଶିତ ବାକ୍ୟ ୧୯:୧୭-୧୮ — ୧୧. ଯିହିଜିକଲ୍ ୩୯:୫ — ୧୨.ପ୍ରକାଶିତ ବାକ୍ୟ ୧୬:୧୬

* ଭୂକମ୍ପ ଏବଂ ଅଲିଭ୍ ପର୍ବତର ବିଭାଜନ ବିଷୟରେ ପୃଷ୍ଠା ୧୨ ଦେଖନ୍ତୁ ।

** ୩୨୨ କିଲୋମିଟର ହେଉଛି ଇସ୍ରାଏଲର ଲମ୍ବ ୨/୩ । ଯଦି ଏହା ବର୍ଗ କିଲୋମିଟର୍ ଅଟେ, ତେବେ ଏହା ରକ୍ତ ସହିତ ପ୍ରାୟ ୧୬ ରୁ ୨୦ କିଲୋମିଟ, ୪ ଫୁଟ ଗଭୀର ହୁଦ । ସମଗ୍ର ଉପତ୍ୟକା ହେଉଛି ୩୮୦ କିଲୋମିଟର୍



# ବିବାହ ଭୋଜ ପରେ ପୃଥିବୀ ହସ୍ତଗତ

ତତ୍ପରେ ମୁଁ ସ୍ୱର୍ଗକୁ ଉନ୍ମୁକ୍ତ ଦେଖିଲି, ଆଉ ଦେଖ ଗୋଟିଏ ଶ୍ୱେତବର୍ଣ୍ଣ ଅଶ୍ୱ; ତାହାର ଆରୋହୀଙ୍କ ନାମ ବିଶ୍ୱସ୍ତ ଓ ସତ୍ୟ, ସେ ନ୍ୟାଯ୍ୟ ରୂପେ ବିଚାର ଓ ଯୁଦ୍ଧ କରନ୍ତି... ତାହାଙ୍କ ପଶ୍ଚାଦ ଗମନ କର ।[1] ପରେ ମୁ ପଶୁକୁ ଏବଂ ପୃଥିବୀର ରାଜାମାନଙ୍କୁ ଓ ସେମାନଙ୍କର ସୈନ୍ୟ ବାହାନୀ ସେହି ଅଶ୍ୱାରୋହୀ (ଯୀଶୁ) ଓ ତାହାଙ୍କ ସୈନ୍ୟବାହାନୀଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ଏକତ୍ର ହୋଇ ଥିବାର ଦେଖିଲି ।[2]

ସେତେବେଳେ ସଦାପ୍ରଭୁ ବାହାର ହେବେ ଓ ସଂଗ୍ରାମ ଦିନରେ ଯେପରି ଯୁଦ୍ଧ କଲେ, ସେପରି ସେହି ସବୁ ଗୋଷ୍ଠି ବିରୁଦ୍ଧରେ ଯୁଦ୍ଧ କରିବେ ।[3] ପରମେଶ୍ୱର ତୁମ୍ଭମାନଙ୍କ ନିମନ୍ତେ ଯୁଦ୍ଧ କରିବେ ତୁମ୍ଭେ ମାନେ ନିରବ ରହିବ ।[4] ଏ ଯୁଦ୍ଧ କରିବାକୁ ତୁମ୍ଭମାନଙ୍କ*** ସହବର୍ତ୍ତୀ ଅଟନ୍ତି [5] ଆଉ ସେମାନେ ଗାୟନ ସାହାଯ୍ୟ କଲେ [6]

ଭଣ୍ଡ ଖ୍ରୀଷ୍ଟ ଆପଣା ବିନାଶ ନିମନ୍ତେ ଆସିବ । ସେତେବେଳେ ସେହି ଅଧର୍ମ ପୁରୁଷ ପ୍ରକାଶିତ ହେବ । ତାହାକୁ ପ୍ରଭୁ ଯୀଶୁ ଆପଣା ମୁଖର ନିଶ୍ୱାସ ଦ୍ୱାରା ସଂହାର କରିବେ ଓ ଆପଣା ଆଗମନର ପ୍ରକାଶ ଦ୍ୱାରା ବିନାଶ କରିବେ ।[7] ସେଥିରେ ସେହି ପଶୁ ଧରା ପଡ଼ିଲା, ଆଉ ଭଣ୍ଡ ଭାବବାଦୀ ତାହାର ସାକ୍ଷାତରେ ଆଶ୍ଚର୍ଯ୍ୟ କର୍ମ ସବୁକରି ତଦ୍ୱାରା ପଶୁର ମୁଦ୍ରାଙ୍କ ପ୍ରାପ୍ତ ଲୋକମାନଙ୍କୁ ଓ ତାହାର ପ୍ରତିମାପୂଜକମାନଙ୍କୁ ଭ୍ରାନ୍ତ କରିଥିଲା । ସେ ମଧ ତାହାର ସଙ୍ଗରେ ଧରା ପଡ଼ିଲା । ସେମାନେ ଉଭୟେ ଜୀବତ ଅବସ୍ଥାରେ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ନିକ୍ଷିପ୍ତ ହେଲେ ।[8] ସୈନ୍ୟବାହାନୀ ଗୁଡ଼ିକ ନେତୃତ୍ୱ ବିହୀନ ହେଲେ ଏବଂ ପ୍ରତ୍ୟେକ ଲୋକ ର ଖଡ୍ଗ ତାହାର ଭ୍ରାତାର ପ୍ରତିକୁଳ ହେବ ।[9]



ତାହାଙ୍କ ମୁଖରୁ ତୀକ୍ଷ୍ଣ ଖଡ୍ଗ*ଏହା ଦ୍ୱାରା ସେ ଗୋଷ୍ଠିୟ ମାନଙ୍କୁ ସଂହାର କରିବେ ତାହାଙ୍କ ମୁଖରୁ ତୀକ୍ଷ୍ଣ ଖଡ୍ଗ ନିର୍ଗତ ହୁଏ... କ୍ରୋଧ ରୂପ ଦ୍ରାକ୍ଷା କୁଣ୍ଡ ଦଳନ କରିବେ । ଅବଶିଷ୍ଟ ଲୋକେ ସେହି ଅଶ୍ୱାରୋହୀଙ୍କ ମୁଖ ନିର୍ଗତ ଖଡ୍ଗ ଦ୍ୱାରା ହତ ହେଲେ ।[10] ଖଡ୍ଗ ହେଉଛି ଈଶ୍ୱରଙ୍କ ବାକ୍ୟ[11] ସେନା ବାହିନୀ ସହିତ ଗୋଷ୍ଠିୟ ମାନେ ମଧ ଯୀଶୁଙ୍କୁ ଘୃଣା କରିବେ ।[12] ପୁଣି ସେହିଦିନ ସେମାନଙ୍କ ମଧରେ ସଦାପ୍ରଭୁଙ୍କ ଆଡ଼ରୁ ମହା କୋଳାହଳ ହେବ ଆଉ ସେମାନଙ୍କର ପ୍ରତ୍ୟେକ ଜଣ ଆପଣା ଆପଣା ପ୍ରତିବାସୀର ହସ୍ତ ଧରିବେ ଓ ପ୍ରତ୍ୟେକର ହସ୍ତ ଆପଣା ଆପଣା ପ୍ରତିବାସୀର ହସ୍ତ ବିରୁଦ୍ଧରେ ଉଠିବେ ।[13] ଲୋକମାନେ ତାହାଙ୍କର ମୁଖ ନିର୍ଗତ ବାକ୍ୟ ଏବଂ ତାହାଙ୍କର ପ୍ରେମ ପୂର୍ଣ୍ଣ କ୍ଷମତାରେ ସମର୍ପିତ ନ ହୋଇ ବରଂ ପରସ୍ପରକୁ ବଧକରିବାକୁ ଲଗିଲେ । ପ୍ରଭୁ କହନ୍ତି ଆମ୍ଭେ ଜୀବିତ ଥିବା ପ୍ରମାଣେ ପ୍ରତ୍ୟେକ ଜାନୁ ଆମ୍ଭ ଛାମୁରେ ନତ ହେବ ଆଉ ପ୍ରତ୍ୟେକ ଜିହ୍ୱା ଈଶ୍ୱରଙ୍କ ପ୍ରଶଂସା କରିବ ।[14]



(୧) ପ୍ରକାଶିତ ବାକ୍ୟ ୧୯:୧୧-୧୪ (୨) ପ୍ରକାଶିତ ବାକ୍ୟ ୧୯:୧୯ (୩) ଯିଖରିୟ ୧୪:୩ (୪) ଯାତ୍ରା ପୁସ୍ତକ୧୪-୧୪
(୫) ୨ୟ ବଂଶାବଳୀ ୨୦:୧୭ (୬) ୨ୟ ବଂଶାବଳୀ ୨୦:୨୨,୨୩ (୭) ୨ୟ ଥେସଲନୀକୀୟ ୨:୮ (୮) ପ୍ରକାଶିତ ବାକ୍ୟ ୧୯ -୨୦
(୯) ଯିହିଜିକଲ ୩୮:୨୧ (୧୦) ପ୍ରକାଶିତ ବାକ୍ୟ ୧୯ :୧୫,୨୧ (୧୧) ଏବ୍ରୀ ପୁସ୍ତକ ୪:୧୨ ;ଏଫିସୀ ୬:୧୭ (୧୨) ଯୋହନ ୩-୧୯-୨୦-୭-୭
(୧୩) ଯିଖରିୟ ୧୪:୧୩ (୧୪) ରୋମୀୟ୧୪:୧୧; ଦାନିଏଲ ୭:୨୭ ;ଯିଶାଇୟ ୧୨:୪,୫

ଆଉ ସେମାନେ ଗାୟନ ଓ ପ୍ରଶଂସା କରିବାକୁ ଆରମ୍ଭ କରନ୍ତେ ଯିହୁଦାର ପ୍ରତିକୂଳରେ ସେମାନେ ପରାସ୍ତ ହେଲେ....ପୁଣି କେହି ବର୍ତ୍ତି ନାହାନ୍ତି । (୨ୟ ବଂଶାବଳୀ -୨୦:୨୨,୨୪)

# ମୋର ବ୍ୟକ୍ତି ଗତ ପସନ୍ଦ (ମନୋନୟନ)




ଏହା ଏପ୍ରକାର କହେ ଏହି ମୁର୍ତ୍ତି ର ଉପାସନା କର ନଚେତ ବଧ କରାଯିବ " ପଶୁର ପ୍ରତିମା ଯେପରି କଥା କହି ପାରେ ଓ ଯେତେ ଲୋକ ପଶୁର ସେହି ପ୍ରତିମାକୁ ପ୍ରଣାମ ନ କରନ୍ତି ସେମାନେ ଯେପରି ବଧ କରାଯିବେ ଏଥିପାଇଁ ତାହାକୁ ସେହି ପଶୁର ପ୍ରତିମାକୁ ଜୀବନ ଦାନ କରିବାକୁ କ୍ଷମତା ଦିଆଗଲା ୨ ମୋ ଜୀବନକୁ ମୁଁ ଉଇପାଏ, ଆପଣ? ଆସ ଆମ୍ଭେମାନେ ଆତ୍ମମାନଙ୍କର ନଷ୍ଟତି ଉଷ୍ଣଦେବା ସାର୍ଥପର ସଭାବ ବିଶିଷ୍ଟ ଯେ ମୁଁ ମୁଁ ଏହାକୁ ନିର୍ଣ୍ଣିତ କରିବାକୁ ଚାହେଁ ଯେ ମୁଁ ବିଜେତା ହୋଇ ବହାରିବି ।

## ମନୋନୟନର ପ୍ରଥମ ସଂଖ୍ୟା-୧



**ଭଣ୍ଡ ଖ୍ରୀଷ୍ଟ ଏବଂ ତାର ଚିହ୍ନକୁ ଗ୍ରହଣ କରିବାକୁ ଦେଖାଯାଏ ଯେପରି ମୁଁ ଅସ୍ଥାୟୀ ଭାବରେ ମୋର ମୁଣ୍ଡକୁ ସୁରକ୍ଷା ଦେବାନିମନ୍ତେ ପ୍ରଥମ ନିବେଦନ କରୁଅଛି**




### ପରବର୍ତ୍ତି ବିଷୟ କ'ଣ?

୧. ଯଦି ମୁଁ ସେହି ଚିପ୍ ଧାରଣ କରିବାକୁ ଚାହିଁବି ତେବେ କୌଣସି ମୁହୁର୍ତ୍ତରେ ଖୋଲାଯାଇ ପାରିବ ଯେଉଁ ପ୍ରତିମା ମୋତେ ମୃତ୍ୟୁ ଦଣ୍ଡ ଦେଇ ପାରିବ ତାର ଆଙ୍କଠିରେ ମୁଁ ଲଗାଯାଇ ଅଛି ଏବଂ ଜୀବନ ପ୍ରଭୁତ୍ୱ (ମାଲିକାନା) ତା ଠାରେ ରହିବ । ମୋର ସାଧିନତା ଯାଉଅଛି ମୁଁ ଏକ ମୃତ ବ୍ୟକ୍ତି ତୁଲ୍ୟ ଯୀଶୁ ସେମାନଙ୍କୁ ଉତର ଦେଲେ ସତ୍ୟ ସତ୍ୟ ମୁଁ ତମ୍ଭ ମାନଙ୍କୁ କହୁଅଛି ; ଯେକେହି ପାପ କରେ ସେ ପାପର ଦାସ " ବିର୍ଜି ନ ଦ୍ୱାରା ସୃଷ୍ଟ ମୋର ଦେବତା (ଇଶ୍ବର) ଏହା ହେଉଛି ମୁଁ ସେ ମୂର୍ତ୍ତିର ଉପାସନା କରିବାକୁ ବାଧ ହେବ ମୋର ନୂତନ ସୃଷ୍ଟିକର୍ତା ସେମାନେ ଖଣ୍ଡେ କାଠ ମୁଣ୍ଡାକୁ କହନ୍ତି ତୁମେ ଆମର ପିତା ଓ ପଥରକୁ କହନ୍ତି ତୁମେ ଆମକୁ ଜନ୍ମ ଦେଇଅଛ ତୁମ୍ଭେ ସମସ୍ତେ ଆମ୍ଭ ବିରୁଦ୍ଧରେ ଅପରାଧ କରୁଛ "



୨. କ୍ଷମତା ପ୍ରାପ୍ତଙ୍କ ସହିତ ଉତମ ସଂପର୍କ ଲାଭନିମନ୍ତେ ଯେଉଁମାନେ ଏହି ମୁର୍ତ୍ତିକୁ ପ୍ରଣାମ ନ କରନ୍ତି ସେହି ମୋର ବନ୍ଧୁ ଏବଂ ପରିଜନଙ୍କୁ ମୋତେ ତ୍ୟାଗ କରିବାକୁ ପଡ଼ିବ ।

୩. ସେତେବେଳେ ଅନେକ ବିଘ୍ନ ପାଇବେ ପୁଣି ପରସ୍ପରକୁ ଧରାଇ ଦେବେ ଓ ପରସ୍ପରକୁ ଘୃଣାକରିବେ ସପ୍ତ ତୂରୀ ଧ୍ୱନିରେ ଉତ୍ପନ୍ନ ଭଇ ଏବଂ କ୍ଷୁଦ୍ର ଗ୍ରହମାନଙ୍କ ସ୍ଖଳନରେ ଉତ୍ପନ୍ନ କ୍ଳେଶ ସହ୍ୟ କରିବାକୁ ମୁଁ ଦୃଢ଼ ପ୍ରତିଜ୍ଞ ହେବାକୁ ବାଧ ।

୪. ପ୍ରଥମ ଦୂତ ତୂରୀ ଧ୍ୱନି କରନ୍ତେ ରକ୍ତ ମିଶ୍ରିତ ଶିଳା ଓ ଅଗ୍ନି ଉପସ୍ଥିତ ହୋଇ ପୃଥିବୀରେ ନିକ୍ଷିପ୍ତ ହେଲା ସେଥିରେ ପୃଥିବୀ ଓ ବୃକ୍ଷ ସମୁହର ତୃତୀୟାଂଶ ପୁଣି ସମସ୍ତ ହରିତ ବର୍ଣ୍ଣ ତୃଣ ଦଗ୍ଧ ହେଲା ।"

୫. ପଙ୍ଗପାଳ ମାନେ ୫ ମାସ ଧରି ମୋତେ ଗୋଡ଼େଇବେ ଏବଂ ବିଛା ସଦୃଶ୍ୟ କାମୁଡ଼ିବେ ସେମାନେ ବଧ ନ କରି ୫ ମାସ ପର୍ଯ୍ୟନ୍ତ ସେମାନଙ୍କର ଯନ୍ତ୍ରଣା ଘଟାଇବାକୁ ସେମାନଙ୍କୁ କ୍ଷମତା ଦିଆଗଲା । ବିଛା ମନୁଷ୍ୟକୁ ମାରିଲେ ଯେପରି ଯନ୍ତ୍ରଣା ହୁଏ ଏହି ଯନ୍ତ୍ରଣା ସେହି ପ୍ରକାର "

୬. ମୁଁ ଆତ୍ମ ହତ୍ୟା କରିବାକୁ ଚାହିଁ ବି କିନ୍ତୁ କୌଣସି ପ୍ରକାରେ କରିପାରିବି ନାହିଁ ସେହି ସମୟରେ ମନୁଷ୍ୟ ମାନେ ମୃତ୍ୟୁର ଅନ୍ୱେଷଣ କରିବେ କିନ୍ତୁ କୌଣସି ପ୍ରକାରେ ତାହାର ଉଦ୍ଦେଶ ପାଇବେ ନାହିଁ । ସେମାନେ ମରିବାକୁ ବାଞ୍ଛା କରିବେ କିନ୍ତୁ ମୃତ୍ୟୁ ସେମାନଙ୍କ ଠାରୁ ପଳାୟନ କରିବ "

୭. ମୃତ ଜନ୍ତୁ ହୋଇ ଜୀବନ ସମର୍ପଣ କରିବାର ସାଢ଼େ ତିନି ବର୍ଷ ପରେ ପରମାଣୁ ଯୁଦ୍ଧ ଶେଷ କରିବି ଏବଂ ଯନ୍ତ୍ରଣା ଦାୟକ ବିସ୍ଫୋଟକ ଧରି ବାହାରିବି । ସେଥିରେ ପ୍ରଥମ ଦୂତ ଯାଇ ପୃଥିବୀ ଉପରେ ଆପଣା ପାତ୍ର ଢ଼ାଳିଲେ ତହୁଁ ଯେଉଁ ମାନେ ପଶୁର ଚିହ୍ନ ଗ୍ରହଣ କରିଥିଲେ ଓ ତାହାର ପ୍ରତିମାକୁ ପ୍ରଣାମ କରିଥିଲେ, ସେମାନଙ୍କ ଶରୀରରେ ଅତି କଷ୍ଟ ଦାୟକ ବିସ୍ଫୋଟକ ହେଲା ।"

୮. ଦୁଃଖ ଦାୟକ ଫଳା ଫଳ ସହ ଯଦି ମୁଁ ପରମାଣୁ ଯୁଦ୍ଧ ର ଉଦ୍ଦେଶ ସଫଳ କରିବି ତେବେ ମୁଁ ହର୍ମିଗିଦ୍ଦୋନ ଯୁଦ୍ଧ ନିମନ୍ତେ ନିଯୁକ୍ତି ପ୍ରାପ୍ତ ହେବି ଯେଉଁ ଠାରେ ମୁ ମୋର ଶେଷ ଇଛା ପ୍ରକାଶ କରିବି ଯେତେ ତଞ୍ଚଳ ସମ୍ଭବ ମୁ ମରିପାରିବି କି?

୯. ମୋର ଇଛା ସଫଳ ହେଲା ଏବଂ ଶାଗୁଣା ମାନେ ମୋ ଶରୀର ଭୋଜନ କଲେ ତତ୍ ପରେ ମୁଁ ଜଣେ ଦୂତଙ୍କୁ ସୂର୍ଯ୍ୟ ମଧ୍ୟରେ ଦଣ୍ଡାୟମାନ ହୋଇଥିବାର ଦେଖିଲି ସେ ଆକାଶରେ ଉଡ଼ିବା ସମସ୍ତ ପକ୍ଷିଙ୍କି ଉଚ୍ଚ ସ୍ୱରରେ ଡ଼ାକି କହିଲି, ଆଉ ଇଶ୍ୱରଙ୍କ ମହା ଭୋଜରେ ଏକତ୍ର ହୁଅ ।"



(୧) ପ୍ରକାଶିତ ବାକ୍ୟ ୧୩:୧୫ (୨) ଯୋହନ ୮:୩୪ (୩) ଯିରିମିୟ ୨:୨୭,୨୯ (୪) ମାଥିଉ ୨୪:୧୦,୪୯:୫୧
(୫) ପ୍ରକାଶିତ ବାକ୍ୟ ୮:୭,୯,୧ (୬) ପ୍ରକାଶିତ ବାକ୍ୟ ୯:୫ (୭) ପ୍ରକାଶିତ ବାକ୍ୟ ୯:୬ (୮) ପ୍ରକାଶିତ ବାକ୍ୟ ୧୬:୨,୧୧
(୯) ଗୀତ ସଂହିତା ୧୦୬:୧୫ (୧୦) ପ୍ରକାଶିତ ବାକ୍ୟ ୧୯:୧୭,୧୮:୨୧ ଯିହିଯିକଲ ୩୯:୪

କାରଣ ପରିତ୍ରାଣ ପ୍ରାପ୍ତ ହେବ ନିମନ୍ତେ ସେମାନେ ସତ୍ୟ ପ୍ରତି ଶ୍ରଦ୍ଧାଭାବ ବହି ନାହାନ୍ତି ସେମାନେ ସମସ୍ତ ଦଣ୍ଡର ପାତ୍ର ହୁଅନ୍ତି । ୨ୟ ଥେସଲନୀକୀୟ ୨:୧୦,୧୨ କିନ୍ତୁ ତୁମର ଚକ୍ଷୁ ଯେବେ ଦୂଷିତ ଥାଏ ତେବେ ତୁମର ସମସ୍ତ ଶରୀର ଅନ୍ଧକାରମୟ ହେବ । ଅତଏବ ତୁମ୍ଭ ଅନ୍ତରସ୍ଥ ଜ୍ୟୋତିଃ ଯେବେ ଅନ୍ଧକାର ହୁଏ, ତେବେ ସେହି ଅନ୍ଧକାର କେଡ଼େ ଘୋରତର (ମାଥିଉ ୬:୨୩)

# ମୋର ବ୍ୟକ୍ତିଗତ ପସନ୍ଦ (ମନୋନୟନ)




## ମନୋନୟନ ସଂଖ୍ୟା ୨

**ଯଦି ମୁଁ ସେହି ପ୍ରତିମା ଏବଂ ତାର ଚିହ୍ନ ବିରୁଦ୍ଧରେ ନିଷ୍ପତି ନେବି ତାର ପରିମାଣ ।**

### ପରବର୍ତ୍ତି ବିଷୟ କ'ଣ?

ଯୀଶୁ କହିଲେ, ତୁମ୍ଭେମାନେ ଯେତେବେଳେ ଦାନିଏଲ ଭାବବାଦୀଙ୍କ .. ଯେ ଛାତ ଉପରେ ଥାଏ, ସେ ଆପଣା ଘର ଭିତରୁ ଜିନିଷ ପତ୍ରର ନେଇ ଯିବା ପାଇଁ ଓହ୍ଲାଇ ନ ଆସୁ.. ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଘଟି ନାହିଁ ପୁଣି କେବେ ହେଁ ଘଟିବ ନାହିଁ ।[1]

ଏହା ଏପରି ଦର୍ଶାଏ ଯେ ଥରେ ଯଦି ମନ୍ଦିର ମଧ୍ୟରେ ମୂର୍ତ୍ତି ସ୍ଥାପିତ ହେଲା, ସମୟ ନଷ୍ଟ ନ କରି ତୁରନ୍ତ ତୁମ ଜୀବନ ରକ୍ଷାର୍ଥେ ପଳାୟନର ସମୟ ଏହି ।

ମୁଁ ମୋର ସହ ବିଶ୍ୱାସୀ ମାନଙ୍କ ସହ ପ୍ରାନ୍ତରରେ ଲୁଚି ଯିବି ଯେଉଁ ଠାରେ ମୁ ପ୍ରତି ପାଳିତ ହେବି ।[2]

ପ୍ରାନ୍ତରରେ ଈଶ୍ୱରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଗୋଟିଏ ସ୍ଥାନ ଅଛି ଯେଉଁ ଠାରେ ଆମ୍ଭେମାନେ ୧୨୬୦ ଦିନ ପର୍ଯ୍ୟନ୍ତ ଖାଦ୍ୟ ଦେଇ ପ୍ରତି ପାଳିତ ହେବୁ । ମନୁଷ୍ୟ ବନାମ୍ ହିଂସ୍ରଙ୍କ ମଧ୍ୟରେ ଉତ୍ତେଜନା ।

ମୁଁ ଯଦି ସମୟ ଥାଉଣୁ ପଳାୟନ କରିପାରଲି ନାହିଁ ଏବଂ ମୁଁ ଧରା ପଡ଼ିଲି? ତାର ଅର୍ଥ ମୃତ୍ୟୁ ଦଣ୍ଡ, ଏଣୁ ଏହି ମନୋନୟନ ଗୁଡ଼ିକ ଗୁରୁତ୍ୱ ପୂର୍ଣ୍ଣ ଦେଖାଯାଉଛି । ଯାହା ବି ହେଉ ମୁଁ ଯଦି ପରମେଶ୍ୱରଙ୍କୁ ଏବଂ ଯୀଶୁଙ୍କୁ ପରିତ୍ୟାଗ କରିବି ତାହା ହେଲେ ମୋ ପାଇଁ କେବଳ ମୃତ୍ୟୁହିଁ ଏକ ଦୁଃଖଦ ଘଟଣା ହୋଇ ରହିଯିବ ।[3] ଯେ ଆପଣା ପ୍ରାଣକୁ ପ୍ରୟିଜ୍ଞାନ କରେ ସେ ତାହା ହରାଇବ ଆଉ ଯେ ଆପଣା ପ୍ରାଣକୁ ଇହ ଜଗତରେ ଘୃଣା କରେ, ସେ ତାହା ଅନନ୍ତ ଜୀବନ ନିମନ୍ତେ ରକ୍ଷା କରିବ । ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନହେଉ ତୁମ୍ଭମାନଙ୍କୁ ଆପଣା ନିକଟକୁ ନେଇଯିବି ଏହି ଦୃଷ୍ଟାନ୍ତରୁ ଯୀଶୁଙ୍କ ସହିତ ଯାହା ହେଲା, ବିଜୟ ମୃତ୍ୟୁକୁ ଗ୍ରାସ କରିଅଛି ।[4]

ପ୍ରତିମା ନିକଟକୁ ଆଣ୍ଠୁଡ଼ିରେ ଟଣା ହୋଇ ମୋର ଶରୀର ପ୍ରାଣ ଆତ୍ମାର ଯନ୍ତ୍ରଣା ଦାୟକ ମୃତ୍ୟୁ ପୂର୍ବରୁ ବଙ୍ଗ ଝୁଲିବାଣ୍ଟ କରି କମ୍‌ସେ କମ୍ ମୁଁ କିଛି ବର୍ଷ ପାଇଁ ଜୀବତ ରହିବି ।[5]

ହଁ ନିଶ୍ଚିତ ଯେ ମୁଁ ରାଜ୍ୟର ଏକ ବିଶ୍ୱାସଘାତକ ସନ୍ତ୍ରାସବାଦୀ, ଶତ୍ରୁ ଏବଂ ଏକ ଆବର୍ଜନା ରୂପେ ଚିହ୍ନିତ ହେବି, ମୋର ମୃତ ଦେହ ଏକ ସାମୁହିକ କବରଖାନାରେ ଫିଙ୍ଗା ହେବ । ଯେହେତୁ ମୁଁ ଯିଶୁଙ୍କୁ ପ୍ରେମ କରେ ସେଥି ପାଇଁ ଏହି ସଂଜ୍ଞାହୀନ ମୃତ୍ୟୁ ପାଗଳ ଲୋକ ମାନେ ମୋତେ ଘୃଣା କରନ୍ତି । କିନ୍ତୁ ଈଶ୍ୱରଙ୍କର ଧନ୍ୟବାଦ ପରିଶେଷରେ ମୁଁ ସେହି ମୁଖାର୍ମି ଠାରୁ ଦୂରରେ ଥିବି । ଯଦି ଜଗତ ତୁମ୍ଭମାନଙ୍କୁ ଘୃଣା କରେ ତେବେ ତମ୍ଭମାନଙ୍କୁ' ଘୃଣା କରିବା ପୂର୍ବେ ତାହା ଯେ ମୋତେ ଘୃଣା କରିଅଛି ଏହାଜାଣ ।[6] ସେହି ସମୟରେ ଲୋକେ ତୁମ୍ଭମାନଙ୍କୁ କ୍ଳେଶ ଭୋଗ କରିବା ନିମନ୍ତେ ସମର୍ପଣ କରିବେ ଓ ତୁମ୍ଭ ମାନଙ୍କୁ ବଧ କରିବେ ଆଉ ମୋହର ନାମ ସକାଶେ

ତୁମ୍ଭମାନେ ସମସ୍ତ ଜାତିଙ୍କ ଦ୍ୱାରା ଘୃଣିତ ହେବ । ସେମାନେ ତୁମ୍ଭ ମାନଙ୍କୁ ସମାଜ ଚ୍ୟୁତ କରିବେ ।[7]



ମୁଁ ଉର୍ଦ୍ଧ୍ୱକୁ ପ୍ରସ୍ଥାନ କରୁଅଛି । ଯେଉଁ ଲୋକମାନେ ମୋତେ ପ୍ରେମ କରନ୍ତି ସେମାନେ ମୋର ଅପେକ୍ଷାରେ ଅଛନ୍ତି ତତ୍‌କ୍ଷଣାତ୍ ପ୍ରତ୍ୟାବର୍ତ୍ତନ.. . . ହେ ମୋର ସଙ୍ଗୀ ମାନେ ଆସ ଆମ୍ଭେମାନେ ଉତ୍ସବ ପାଳନ କରିବା, ଯୋହନ ମଧ୍ୟ ଏହା କଲେ ।



ସେମାନେ ମୋ ନିମନ୍ତେ ଦର୍ପ କରନ୍ତି କିନ୍ତୁ ମୁଁ ବା କ'ଣ କରିବି? ବାସ୍ତବରେ . . . କିଛି ନୁହେଁ ମୁଁ କେବଳ ସହଜ ରାସ୍ତା ବାହାର କଲି । ମୋର ଜୀବନର ପ୍ରେମ ମୋ ଅନନ୍ତ ଜୀବନର ଆତ୍ମିକ ସାଥି ମୋର ଯୀଶୁଙ୍କୁ ସାକ୍ଷାତ କଲାପର୍ଯ୍ୟନ୍ତ ଅତି ଉତ୍ତମ ଏକ ଗ୍ଲାସର ଦ୍ରାକ୍ଷା ରସରେ ମୁ ଆରାମ କରିବି ।



(୧) ମାଥିଉ ୨୪:୧୫-୨୧ (୨) ପ୍ରକାଶିତ ବାକ୍ୟ ୧୨:୬-୧୪ (୩) ଯୋହନ ୧୨:୨୫
(୪) ୧ମ କରନ୍ଥୀୟ ୧୫:୫୪ (୫) ମାଥିଉ ୧୦:୨୮ (୬) ଯୋହନ ୧୫:୧୮-୨୦ (୭) ମାଥିଉ ୨୪:୯

ସେମାନେ ତୁମ୍ଭ ମାନଙ୍କୁ ସମାଜ ଚ୍ୟୁତ କରିବେ ହଁ ଏପରି ସମୟ ଆସୁଅଛି ଯେତେବେଳେ ଯେ କେହି ତୁମ୍ଭମାନଙ୍କୁ ବଧକରେ ସେ ଈଶ୍ୱରଙ୍କ ଉଦ୍ଦେଶ୍ୟ ଉପାସନା ରୂପ ବଳି ଉତ୍ସର୍ଗ କରୁଅଛି ମନେ କରିବ (ଯୋହନ ୧୬:୨)

କାରଣ ଯେକେହି ଆପଣା ଜୀବନ ରକ୍ଷା କରିବାକୁ ଇଚ୍ଛା କରେ ସେ ତାହା ହରାଇବ କିନ୍ତୁ ଯେକେହି ମୋ ନିମନ୍ତେ ଆପଣା ଜୀବନ ହରାଇବ ସେ ତାହା ରକ୍ଷା କରିବ (ଲୂକ ୯:୨୪)

# "ଏହି ସମସ୍ତ ବିଷୟ ଅବଶ୍ୟ ଘଟିବ"[1]



ସୈନିକ ବିରୁଦ୍ଧରେ ସୈନିକ, ପ୍ରତିବାସୀ ବିରୁଦ୍ଧରେ ପ୍ରତିବାସୀ ଉଠିବେ । ଏହା ସମ୍ଭବ କି ପ୍ରତି ଜଣ ଆପଣା ଅପଣା ପକ୍ଷ ମନୋନୀତ କରିବେ । **ଯୁଦ୍ଧ ସପକ୍ଷରେ ବା ଶେଷ ଯିହାଦ ବିରୁଦ୍ଧରେ?** ଲୋକ ମାନେ ଉନ୍ମତ୍ତ ହୋଇ ଘୃଣାରେ ପରସ୍ପର ମାରପିଟ କରିବେ? ସେମାନଙ୍କ ମଧ୍ୟରେ ଈଶ୍ଵରଙ୍କ ଆଡ଼ୁ ଏକ ଭୟାନକ କୋଳାହଳ ସୃଷ୍ଟି ହେବ; ପ୍ରତ୍ୟେକ ଜଣ ଆପଣା ପ୍ରତିବାସୀ ବିରୁଦ୍ଧରେ ଉଠିବେ । ପୁଣି ସେ ଦିନ ସେମାନଙ୍କ ମଧ୍ୟରେ ସଦାପ୍ରଭୁଙ୍କ ଆଡ଼ରୁ ମହା କୋଳା ହଳ ହେବ । ଆଉ ସେମାନଙ୍କର ପ୍ରତ୍ୟେକ ଜଣ ଆପଣା ଆପଣା ପ୍ରତିବାସିର ହସ୍ତଧରିବେ ଓ ପ୍ରତ୍ୟେକର ହସ୍ତ ଆପଣା ଆପଣା ପ୍ରତିବାସୀର ହସ୍ତ ବିରୁଦ୍ଧରେ ଉଠିବ ।[2]

ଯେତେବେଳେ ସାଧାରଣ ଜନତା ମଧ୍ୟରେ ଅରାଜକତା ସମାପ୍ତ ହେବ । ଆଦି ପୁସ୍ତକର ବାକ୍ୟ ସତ୍ୟ ବୋଲି ପ୍ରକାଶିତ ହେବ । ଯେକେହି ମନୁଷ୍ୟର ରକ୍ତ ପାତ କରିବ ମନୁଷ୍ୟ ଦ୍ଵାରା ତାହାର ରକ୍ତ ପାତ କରାଯିବ ଯେହେତୁ ପରମେଶ୍ଵର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ନିର୍ମାଣ କରିଅଛନ୍ତି ।[3]

ଯିଶାଇୟ ଭବିଷ୍ୟଦ ବକ୍ତା ଯେଉଁ ପରମାଣୁ ଯୁଦ୍ଧ ଏବଂ ଏହାର ଫଳ ଫଳ ବିଷୟ ବର୍ଣ୍ଣନା କଲେ ଏବଂ ଭବିଷ୍ୟବାଣୀ କରିଥିଲେ ତାହା ସଫଳ ହେବ । କାରଣ ଆକାଶ ମଣ୍ଡଳର ତାରାଗଣ ଓ ତହିଁର ନକ୍ଷତ୍ର ଗଣ ଦୀପ୍ତି ଦେବେ ନାହିଁ ସୂର୍ଯ୍ୟ ଆପଣା ଉଦୟ ସମୟରେ ଅନ୍ଧକାର ଗ୍ରସ୍ତ ହେବ ଓ ଚନ୍ଦ୍ର ଆପଣା ଜ୍ୟୋସ୍ନା ପ୍ରକାଶ କରିବ ନାହିଁ । ଏହେତୁ ଆମ୍ଭେ ଆକାଶ ମଣ୍ଡଳକୁ କମ୍ପାନ୍ଵିତ କରିବା ଆଉ ସୈନ୍ୟାଧିପତି ସଦାପ୍ରଭୁଙ୍କର କୋପରେ ଓ ତାହାଙ୍କ ପ୍ରଚଣ୍ଡ କ୍ରୋଧର ଦିନରେ ପୃଥିବୀ ଟଳି ସସ୍ଥାନ ଚ୍ୟୁତ ହେବ ।[4]





ଯିଶାଇୟ ମଧ୍ୟ ଏହାର କାରଣ ଦର୍ଶାନ୍ତି, ଏପରି କାହିଁକି ହେବ? ପୁଣି ଆମ୍ଭେ ଜଗତକୁ ଦୁଷ୍ଟତା ସକାଶେ ଓ ଦୁଷ୍ଟମାନଙ୍କୁ ସେମାନଙ୍କ ଅଧର୍ମ ସକାଶେ ଶାସ୍ତି ଦେବା ଓ ଆମେ ଅହଙ୍କାରୀ ମାନଙ୍କର ଦର୍ପ ନିବୃତ କରାଇବା ଓ ଭୟଙ୍କର ଲୋକର ଗର୍ବ ଖର୍ବ କରିବା ।[5]

ଯିଶାଇ ବର୍ଣ୍ଣନା କରନ୍ତି କ୍ଵଚିତ୍ କୌଣସି ପୁରୁଷ ଛଡ଼ା ଯିବ । ଆମ୍ଭେ ଉତ୍ତମ ସୁବର୍ଣ୍ଣ ଅପେକ୍ଷା ମର୍ତ୍ତ୍ୟକୁ ଓ ଫୀରର ଶୁଦ୍ଧ ସୁବର୍ଣ୍ଣ ଅପେକ୍ଷା ମନୁଷ୍ୟକୁ ଦୁର୍ଲଭ କରିବା ।[6]



ସେଦିନ ଖୁବ କମ ଲୋକ ଛଡ଼ା ଯିବେ । ସେହି ଦିନ ସାତ ଜଣ ସ୍ତ୍ରୀ ଜଣେ ପୁରଷକୁ ଧରି କହିବେ; ଆମ୍ଭେମାନେ ନିଜ ଅନ୍ନ ଭୋଜନ କରିବୁ ଓ ନିଜ ବସ୍ତ୍ର ପିନ୍ଧିବୁ; କେବଳ ତୁମ୍ଭନାମରେ ଆମ୍ଭେମାନେ ଖ୍ୟାତି ହେଉ । ତୁମ୍ଭେ ଆମ୍ଭମାନଙ୍କର ଅପମାନ ଦୂର କର ।[7]



୧. ମାଥିଉ ୨୪:୬ ୨. ଯିଖରିୟ ୧୪:୧୩ ୩. ଆଦି ପୁସ୍ତକ ୯:୬ ୪. ଯିଶାୟ ୧୩:୧୦,୧୩
୫. ଯିଶାୟ ୧୩:୧୧ ୬. ଯିଶାୟ ୧୩:୧୨ ୭. ଯିଶାୟ ୪:୧

ପୃଥିବୀ ଟଳି ସ ସ୍ଥାନ ଚ୍ୟତ ହେବ ସମ୍ଭବତଃ ପରମାଣୁ ବିସ୍ଫୋରଣ ହେତୁ କିମ୍ବା କ୍ଷୁଦ୍ରଗ୍ରହ ବା (ଉତ୍ତରମେରୁ) ଦକ୍ଷିଣ ମେରୁ ର ଚୁମ୍ବକୀୟ କଣ୍ଟା ଯାହା ମାସକୁ ତିନି ମାଇଲ ରପ୍ତାରରେ ଗତି କରେ ଏବଂ ସେତାର ଗତୀ ପଥ ଅର୍ଦ୍ଧ ଶତାବ୍ଦିରେ ପୃଥିବୀ ଶିର୍ଷ ସ୍ଥାନରେ ସାଇବେରିଆରେ ସମାପ୍ତ କରିବା ଫଳରେ ପୃଥିବୀ ଗୋଟଏ ପାଖକୁ ଢ଼ଳି ଯିବ ।

# "ସଦାପ୍ରଭୁ ସମୁଦାୟ ପୃଥିବୀ ଉପରେ ରାଜା ହେବେ"[୧]




ଯୀଶୁ ନଗରକୁ ଦେଖି ରୋଦନ କଲେ ।[୩] ଆଉ ଯେତେବେଳେ ସେ ନିକଟକୁ ଆସିଲେ ସେତେବେଳେ ନଗରକୁ ଦେଖି ତାହା ନିମନ୍ତେ ରୋଦନ କରି କହିଲେ [୪] ଗୋ ଯିରୂଶାଲମ, ଗୋ ଯିରୂଶାଲମ ଭାବବାଦୀମାନଙ୍କର ହତ୍ୟା କାରିଣୀ କାରଣ ମୁଁ ତୁମ୍ଭମାନଙ୍କୁ କହୁଅଛି, ପ୍ରଭୁଙ୍କ ନାମରେ ଯେ ଆସୁଅଛନ୍ତି (ଯୀଶୁ) ସେ ଧନ୍ୟ ତୁମ୍ଭେମାନେ ଏହି କଥା କହିବା ପର୍ଯ୍ୟନ୍ତ ଆଜିଠାରୁ ମୋତେ ନିଶ୍ଚୟ ଆଉ ଦେଖିବ ନାହିଁ ।[୪]

ନିର୍ମାଣ କାରୀ ମାନେ ଯେଉଁ ପ୍ରସ୍ତରକୁ ଅଗ୍ରାହ୍ୟ କଲେ ତାହା କୋଣର ପ୍ରଧାନ ପ୍ରସ୍ତର ହେଲା ।[୫] ଏଣୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଈଶ୍ୱରଙ୍କ ରାଜ୍ୟ ତୁମ୍ଭମାନଙ୍କଠାରୁ

କାଢ଼ିନିଆଯିବ; ପୁଣି ଯେଉଁ ଜାତି ସେଥିର ଫଳ ଫଳିବ, ତାହାକୁ ଦିଆଯିବ [୬] ଅବ୍ରାହମଙ୍କୁ ଦେଇ ଥିବା ଆଶିର୍ବାଦ ଯୀଶୁଙ୍କ ମାଧ୍ୟମରେ ବିଜାତୀ ମାନଙ୍କ ପାଖକୁ ଆସିଲା ଆଉ ଯଦି ତୁମ୍ଭେ ମାନେ ଖ୍ରୀଷ୍ଟଙ୍କର ତେବେ ତୁମ୍ଭେମାନେ ତ ଅବ୍ରାହମଙ୍କ ବଂଶ ପ୍ରତିଜ୍ଞା ଅନୁସାରେ ଉତ୍ତରାଧିକାରୀ[୭] ଆକାଶ ମଣ୍ଡଳର ଅଧଃସ୍ଥିତ ଈଶ୍ୱରଙ୍କ ରାଜ୍ୟର ମହିମା ସର୍ବୋପରିସ୍ଥଙ୍କ ପବିତ୍ର ଲୋକ-ମାନନଙ୍କୁ ଦତ୍ତ ହେବ ।[୮]

ଯିରୂଶାଲମ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଆମ୍ଭେ ସମସ୍ତ ଗୋଷ୍ଠୀଙ୍କୁ ସଂଗ୍ରହ କରିବା[୯] ପୁଣି, ପ୍ରଭୁ ଯେତେବେଳେ ବିଚାରକଆତ୍ମା ଓ ଦାହକ ଆତ୍ମା ଦ୍ୱାରା ସିୟୋନର କନ୍ୟାଗଣର ମଳ ଧୌତ କରିବେ ଓ ଯିରୂଶାଲମ ମଧ୍ୟରୁ ତହିଁର ରକ୍ତ ଦୂର କରି ଦେବେ; [୧୦] ମାତ୍ର ତୃତୀୟାଂଶ ତହିଁ ମଧ୍ୟରେ ଛଡ଼ାଯିବେ । ଆଉ, ସେହି ତୃତୀୟାଂଶକୁ ଆମ୍ଭେ ଅଗ୍ନି ମଧ୍ୟଦେଇ ଆଣିବା ଓ ରୂପା ଯେପରି ପରିଷ୍କୃତ ହୁଏ, ତଦ୍ରୂପ ସେମାନଙ୍କୁ ପରିଷ୍କାର କରିବା, ଆଉ ସୁବର୍ଣ୍ଣ ଯେପରି ପରୀକ୍ଷିତ ହୁଏ, ସେପରି ସେମାନଙ୍କୁ ପରୀକ୍ଷା କରିବା । ସେମାନେ ଆମ୍ଭ ନାମରେ ପ୍ରାର୍ଥନା କରିବେ ଓ ଆମ୍ଭେ ସେମାନଙ୍କର ପ୍ରାର୍ଥନା ଶୁଣିବା ।[୧୧]



ତହିଁରେ ସେମାନେ ଆମ୍ଭପ୍ରତି ଅର୍ଥାତ ଯାହାଙ୍କୁ ସେମାନେ ବିଦ୍ଧ କରିଅଛନ୍ତି, ତାହାଙ୍କ ପ୍ରତି ଦୃଷ୍ଟିପାତ କରିବେ ।[୧୨] ଯାକୁବ ବଂଶ ଆମ୍ଭେ ନିଃଶେଷ ରୂପେ ଉଚ୍ଛନ୍ନ କରିବା ନାହିଁ ।[୧୩] ଅବଶିଷ୍ଟାଂଶ ଅର୍ଥାତ ଯାକୁବର ଅବଶିଷ୍ଟାଂଶ ପରାକ୍ରାନ୍ତ ପରମେଶ୍ୱରଙ୍କ ନିକଟକୁ ଫେରି ଆସିବେ । [୧୪]



ସେଦିନ ଆମ୍ଭେ ଦାଉଦର ପତିତ ତମ୍ବୁ ପୁନର୍ବାର ଉତ୍ଥାପନ.. ପୁଣି ତାହାର ଉଜାଡ଼ ସ୍ଥାନ ସବୁ ପୁନର୍ବାର ଉଠାଇବା ଓ ପୂର୍ବକାଳରେ ନ୍ୟାୟ ତାହା ନିର୍ମାଣ କରିବା ।[୧୫]

ଏବଂ ଯିରୂଶାଲମ ନିରାପଦରେ ବାସ କରିବ ।[୧୬] ସେଥିରେ ଯେଉଁ ମହା ନଗରୀକୁ ଆତ୍ମିକ ଭାବରେ ସଦୋମ ଓ ମିଶର ବୋଲି କୁହାଯାଏ ଯେଉଁ ଠାରେ ସେମାନଙ୍କର ପ୍ରଭୁ ମଧ୍ୟ କ୍ରୁଶରେ ହତ ହୋଇ ଥିଲେ ସେହି ମହା ନଗରୀର ରାଜ ପଥରେ ସେମାନଙ୍କର ଶବ ପଡ଼ି ରହିବ । [୧୭] ତାହା ସାଧୁ ମାନଙ୍କ ଶିବିର ଏବଂ ପ୍ରିୟତମା ନଗରୀ ହେବ ।[୧୮] ପୁଣି ପୃଥିବୀର ସବୁ ଗୋଷ୍ଠି ମଧ୍ୟରୁ ଯେଉଁ ମାନେ ସୈନ୍ୟାଧିପତି ସଦାପ୍ରଭୁ ରାଜାଙ୍କ ନିକଟରେ ପ୍ରଣାମ କରିବା ପାଇଁ ଯିରୂଶାଲମ କୁ ଆସିବେ ନାହିଁ, ସେମାନଙ୍କ ଉପରେ କିଛି ଜଳ ବୃଷ୍ଟି ହେବ ନାହିଁ ।[୧୯] ପୃଥିବୀ ସେପରି ସଦାପ୍ରଭୁ ବିଷୟକ ଜ୍ଞାନରେ ପରିପୂର୍ଣ୍ଣ ହେବ ।[୨୦]



(୧)ଯିଖରିୟ ୧୪:୪୯ (୨) ଯିଶାଇୟ ୨:୩ (୩) ଲୂକ ୧୯:୧୪ (୪) ମାଥିଉ ୨୩:୩୭-୩୯
(୫) ମାଥିଉ ୨୧-୪୨ (୬) ମାଥିଉ ୨୧-୪୩ (୭) ଗାଲାତୀ ୩-୨୯ (୮) ଦାନିଏଲ ୭-୨୭ (୯) ଯିଖରିୟ ୧୪:୨ (୧୦) ଯିଶାଇୟ ୪:୩ (୧୧) ଯିଖରିୟ ୧୩:୮-୯ (୧୨) ଯିଖରିୟ ୧୨:୧୦ (୧୩) ଆମୋଷ ୯:୮ (୧୪) ଯିଶାଇୟ ୧୦:୨୧ (୧୫) ଆମୋଷ ୯:୧୧
(୧୬) ଯିଖରିୟ ୧୪:୧୧ (୧୭) ପ୍ରକାଶିତ ବାକ୍ୟ ୧୧:୮ (୧୮) ପ୍ରକାଶିତ ବାକ୍ୟ ୨୦:୯ (୧୯) ଯିଖରିୟ ୧୪:୧୭ (୨୦) ଯିଶାଇୟ ୧୧:୯

ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ (ଫିଲିପୀୟ ୨:୧୦)

# ସହସ୍ର ବର୍ଷର ଶାନ୍ତି ଉପସ୍ଥିତ ହୋଇଅଛି



ବର୍ତ୍ତମାନ ହର୍ମିଗିଦ୍ଦୋନ ଯୁଦ୍ଧର ଅବସାନ ଏବଂ ସମାଧାନ ହୋଇଅଛି, ଭୟ ଔଦ୍ଧତ୍ୟ ଯାହା ପୃଥିବୀକୁ ଧ୍ୱଂସ କରିଥାଏ ତାହା ପରସ୍ପର କୁ ଧ୍ୱଂଶ କଲା । ବିଜାତି ମାନେ କ୍ରୋଧ ହୋଇଥିଲେ, କିନ୍ତୁ ତୁମ୍ଭର କ୍ରୋଧ ଉପସ୍ଥିତ ହେଲା, ପୁଣି ମୃତ ମାନଙ୍କ ବିଚାର କରିବା ସମୟ ଉପସ୍ଥିତ ହେଲା [୧]

ସେମାନଙ୍କ ଲୁଚିବା ସ୍ଥାନରୁ ନମ୍ରତା ଓ ଶାନ୍ତି ବାହାର ହେବ ଏବଂ ପୃଥିବୀର ଉତ୍ତରାଧିକାରୀ ପ୍ରାପ୍ତ ହେବ । ନମ୍ର ଲୋକେ ଧନ୍ୟ କାରଣ ସେମାନେ ପୃଥିବୀର ଅଧିକାରୀ ହେବେ[୨] ଈଶ୍ୱର ଙ୍କ ରାଜ୍ୟ ଉପସ୍ଥିତ,[୩] ଯେଉଁଠାରେ **ପ୍ରେମ ଏବଂ କ୍ଷମା** ରାଜତ୍ୱ କରିବ ।



କୌଣସି ଚାପ ନାହିଁ



କୌଣସି ହିଂସା ନାହିଁ



ଆତଙ୍କବାଦ ନାହିଁ



ଅସ୍ତ୍ରଶସ୍ତ୍ର ? ଜଳିଗଲା

## ପୃଥିବୀରେ ଶାନ୍ତି;

ଆମେ ଜୀବନକୁ ଉପଭୋଗ କରିବାକୁ ସମୟ ଦେବା ।





ଆମ୍ଭେମାନେ ପରସ୍ପରକୁ ଉପଭୋଗ କରିବାକୁ ସମୟ ଦେବା ।



କେନ୍ଦୁଆ ବାଘ ମେଷଛୁଆ ସହିତ ବାସ କରିବ ।[୪]



(୧)ପ୍ରକାଶିତ ବାକ୍ୟ -୧୧:୧୮; ୧୩:୧୦ (୨) ମାଥିଉ ୫:୫

(୩) ମାଥିଉ ୬:୧୩ ; ପ୍ରକାଶିତ ବାକ୍ୟ ୧୯:୭-୧୬; ଯିହିଯିକଲ ୩୯:୮ (୪) ଯିଶାୟ ୧:୬-୯

କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମି ଅଛନ୍ତି .... ଅନନ୍ତ କାଳୀନ ପିତା, ଶାନ୍ତି ରାଜା ହେବ । ତାହାଙ୍କ କର୍ତ୍ତୃତ୍ୱ ବୃଦ୍ଧି .... ଏହା ସାଧନ କରିବେ । ଯିଶାୟ ୯:୬-୭;୩୨:୧୮

## ବେଶ ଉତ୍ତମ ଓ ବିଶ୍ୱସ୍ତ ଦାସ
## ମୁଁ ତୁମକୁ ବହୁତ ବିଷୟରେ ନିଯୁକ୍ତ କରିବି[୧]

"ଯୀଶୁଙ୍କ ସାକ୍ଷୀ ହେବାରୁ ଯେଉଁମାନଙ୍କ **ମସ୍ତକଛେଦନ** ହୋଇ ଥିଲା ମୁଁ ସେମାନଙ୍କ ଆତ୍ମା ଗୁଡ଼ିକୁ ଦେଖିଲି ।
ଆଉ ଯୀଶୁଙ୍କ ସାକ୍ଷ୍ୟ ଓ ଈଶ୍ୱରଙ୍କ ବାକ୍ୟ ନିମନ୍ତେ ଯେଉଁମାନଙ୍କ ମସ୍ତକଛେଦନ ହୋଇଥିଲା, ପୁଣି ଯେଉଁମାନେ ସେହି ପଶୁକୁ (ଭଣ୍ଡ ଖ୍ରୀଷ୍ଟ) ବା ତାହାର ପ୍ରତିମାକୁ ପ୍ରଣାମ କରିନଥିଲେ ଓ ତାହାଙ୍କ ଚିହ୍ନ ଆପଣା ଆପଣା କପାଳରେ ଓ ହସ୍ତରେ ଧାରଣ କରିନଥିଲେ, ସେମାନଙ୍କର ଆତ୍ମା ମାନଙ୍କୁ ଦେଖିଲି, ସେମାନେ ଜୀବିତ ହୋଇ ଖ୍ରୀଷ୍ଟଙ୍କ ସହିତ ଏକ ସହସ୍ର ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କଲେ ।"[୨]



(୧) ମାଥିଉ ୨୫:୨୦-୨୯    (୨) ପ୍ରକାଶିତ ବାକ୍ୟ ୨୦:୪

ଯୀଶୁଙ୍କର ସାକ୍ଷୀ ହେବାରେ ମସ୍ତକ ଛେଦନ - ମସ୍ତକ ଛେଦନ ବର୍ତ୍ତମାନ ଆରମ୍ଭ ହୋଇ ଅଛି, କିନ୍ତୁ ଦେଖ ସେମାନଙ୍କ ପୁରସ୍କାର, ସେମାନେ ଜୀବିତ ହୋଇ ଖ୍ରୀଷ୍ଟଙ୍କ ସହିତ ଏକ ସହସ୍ର ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କଲେ ।

ଭଣ୍ଡ ଖ୍ରୀଷ୍ଟ ସାଧୁ ମାନଙ୍କୁ ଯୁଦ୍ଧରେ ପରାସ୍ତକଲା ଯେପର୍ଯ୍ୟନ୍ତ ସେହି ପୁରାତନ ଦିନ ଆସିଲା (ଈଶ୍ୱର ପ୍ରବେଶ କଲେ) ସମୟ ଆସିଲା, ସାଧୁ ମାନେ ଈଶ୍ୱରଙ୍କ ରାଜ୍ୟ ଦଖଲ କଲେ । ଦାନିଏଲ ୭:୨୧, ୨୨,୧୮

# ଯୁଦ୍ଧ ଆଉ ନାହିଁ ................ଆଉ ପୁଣି ଯୁଦ୍ଧ ନାହିଁ ।

## ଏହାଠାରେ ପ୍ରୀତିକର ବିଷୟ ଆଉ କଣ ଅଛି?.......... ସଂପୂର୍ଣ୍ଣ ଭାବରେ ଆଉ କିଛି ନାହିଁ!!

ସହସ୍ର ବର୍ଷର ଶାନ୍ତି ଆରମ୍ଭ ହେଲା ତଥାପି ତା ପୂର୍ବରୁ ଶୁଚିକରଣ ଆବଶ୍ୟକ ।

ଦେଶକୁ ଶୁଚି କରିବା ନିମନ୍ତେ ସେମାନଙ୍କୁ କବର ଦେବା ପାଇଁ ଇଶ୍ରାଏଲ ବଂଶକୁ ସାତ ମାସ ଲାଗିବ ଏହି ସକଳ **ଅସ୍ତ୍ରଶସ୍ତ୍ର ଅଗ୍ନିରେ ଜଳାଇବେ, ସେମାନେ ସାତବର୍ଷ ପର୍ଯ୍ୟନ୍ତ ସେ ସବୁ ନେଇ ଅଗ୍ନିରେ ଜଳାଇବେ ।[1] ପୁଣି ଆମ୍ଭେ ସେଦିନ ଗୋଗକୁ ଇଶ୍ରାଏଲ ମଧ୍ୟରେ କବର ସ୍ଥାନ ନିମନ୍ତେ ସମୁଦ୍ର ପୂର୍ବ ଦିଗସ୍ଥ ପଥିକ ମାନଙ୍କ ଉପତ୍ୟାକା ଦେବା, ତାହା ପଥିକ ମାନଙ୍କର ଗମନ ରୋଧ କରିବ ଓ ସେଠ ସ୍ଥାନରେ ଲୋକମାନେ ଗୋଗକୁ ଓ ତାହାର ସମସ୍ତ ଲୋକାରଣ୍ୟକୁ କବର ଦେବେ ଆଉ, ସେହି ସ୍ଥାନକୁ ସେମାନେ ହାମୋନ ଗୋଗର ଉପତ୍ୟାକା ବୋଲି ନାମ ଦେବେ'[2]** ଶୟତାନ ଏକ ସହସ୍ର ବର୍ଷ ପର୍ଯ୍ୟନ୍ତ ବନ୍ଧା ଯିବ"[3] ଆଉ ଲାଳସା ପୂର୍ଣ୍ଣ





ଯୁଦ୍ଧ ନୋହିବ, ଶାନ୍ତି ପ୍ରତିଷ୍ଠିତ ହେବ, ଯେପରି ଯୀଶୁ ଖ୍ରୀଷ୍ଟଙ୍କ ସମ୍ମୁଖରେ ପ୍ରତି ଆଣ୍ଠୁ ଭାଙ୍ଗିବ[4] ମାରଣାସ୍ତ୍ର ଗୁଡ଼ାକୁ ପିଟି ଭିନ୍ନ ଉପକରଣ ପ୍ରସ୍ତୁତି କରାଯିବ । ସେମାନେ ଆପଣା ଖଡ୍ଗ ଭାଙ୍ଗି ନଙ୍ଗଳର ଫାଳ କରିବେ ଓ ଆପଣା ଆପଣା ବର୍ଚ୍ଛା ଭାଙ୍ଗି ଦା ନିର୍ମାଣ କରିବେ, ସେମାନେ ଆଉ ଯୁଦ୍ଧ ଶିଖିବେ ନାହିଁ ।[5] ଏବଂ ସିଂହ ବଳଦ ପରି ନଡ଼ା ଖାଇବ ।[6]

ପଶୁ ମାନେ ପୁନର୍ବାର ମାଂସାସୀ ହେବେ ନାହିଁ, ମନୁଷ୍ୟ ମାନେ ମଧ୍ୟ **ଶାକାହାରୀ** ହେବେ । ଲୋକମାନେ ତାଙ୍କର ମାଂସ ଖଣ୍ଡ ଭୁଲି ଯିବେ କିନ୍ତୁ ସେ ସମୟରେ ହୁଏତ ଫଳ ମୂଳ ମାଂସର ସ୍ଥାନ ନେବ ଯାହା ମାଂସ ଖଣ୍ଡ ଠାରୁ ଦଶ ଜଣ ଗୁଣ ଅଧିକ ସାଦିଷ୍ଟ ହେବ ।



ଆମ୍ଭେମାନେ ସମ୍ଭବତଃ ଆଶ୍ଚର୍ଯ୍ୟ ହେବା,
ଆମ୍ଭେମାନେ କିପରି ଦିନେ ଈଶ୍ୱର ସୃଷ୍ଟ ଜନ୍ତୁ ମାରି
ତାର ମାଂସ ଖାଉ ଥିଲୁ ।
ସେମାନେ ଆମ୍ଭ ପବିତ୍ର ପର୍ବତରେ କୌଣସି ସ୍ଥାନରେ ହିଂସା କି ବିନାଶ କରିବେ ନାହିଁ କାରଣ ସମୁଦ୍ର ଯେପରି ଜଳରେ ଆଚ୍ଛନ୍ନ, ପୃଥିବୀ ସେପରି ସଦାପ୍ରଭୁ ବିଷୟକ ଜ୍ଞାନରେ ପରିପୂର୍ଣ୍ଣ ହେବ ।[7] ଦ୍ରାକ୍ଷା ଲତା ରୋପଣ କରିବେ ଏବଂ ଦ୍ରାକ୍ଷାରସ ପାନ କରିବେ ।
ସେମାନେ ଦ୍ରାକ୍ଷା କ୍ଷେତ୍ର ପ୍ରସ୍ତୁତ କରି ତହିଁରେ ଦ୍ରାକ୍ଷାରସ ପାନ କରିବେ, ଆହୁରି ସେମାନେ ଉଦ୍ୟାନ କରି ତହିଁର ଫଳ ଭୋଗ କରିବେ ।[8] ସେଦିନ ସଦାପ୍ରଭୁଙ୍କ ଉଦ୍ଦେଶରେ ପବିତ୍ର, ଏହି କଥା ଅଶ୍ୱଗଣର ଘଣ୍ଟିରେ ଲେଖା ହେବ[9]

## ଖ୍ରୀଷ୍ଟଙ୍କ ସହିତ ଏକ ସହସ୍ର ବର୍ଷ ପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କ ସହିତ ସର୍ଗୀୟ ଶାନ୍ତି ।[10]

"ନମ୍ର ଲୋକେ ପୃଥିବୀର ଅଧିକାରୀ ହେବେ ।"[11]



(୧) ଯିହିଯିକଲ ୩୯:୧୨-୯ ‍ ‍ (୨) ଯିହିଯିକଲ ୩୯:୧୧ ‍ ‍ (୩) ପ୍ରକାଶିତ ବାକ୍ୟ ୨୦:୨,୩ ‍ ‍ (୪) ଯାଶାଇୟ ୪୫:୨୨-୨୪
(୫) ଯିଶାଇୟ ୨:୪ ‍ ‍ (୬) ଯିଶାଇୟ ୧୧:୬-୯ ‍ ‍ (୭) ଯିଶାଇୟ ୧୧:୯ ‍ ‍ (୮) ଆମୋଷ ୯:୧୪
(୯) ଯିଖରିୟ ୧୪:୨୦ ‍ ‍ (୧୦) ପ୍ରକାଶିତ ବାକ୍ୟ ୨୦:୪ ‍ ‍ (୧୧) ମାଥିଉ ୫:୫

ପୁଣି ସେ ଦେଶୀୟ ମାନଙ୍କ ମଧ୍ୟରେ ବିଚାର କରିବେ ସେମାନେ ଆଉ ଯୁଦ୍ଧ ଶିଖିବେ ନାହିଁ (ଯିଶାଇ ୨:୪ )
ତୁମ ଦେଶରେ ଦୌରାତ୍ମ୍ୟର କଥା ଓ ତୁମର ସୀମା ମଧ୍ୟରେ ଉଚ୍ଛିନ୍ନତା ଓ ବିନାଶ କଥା ଆଉ ଶୁଣା ଯିବ ନାହିଁ ମାତ୍ର ତୁମ୍ଭେ ଆପଣା ପ୍ରାଚୀର ସମୂହର ନାମ ପରିତ୍ରାଣ ଓ ଆପଣା ନଗର ଦ୍ୱାର ସକଳର ନାମ ପ୍ରଶଂସା ରଖିବ ( ଯିଶାୟ ୬୦:୧୮)

# ସହସ୍ର ବର୍ଷ ଶେଷରେ ବିଚାର

ସହସ୍ର ବର୍ଷର ଶାନ୍ତି ରାଜ୍ୟ ପରେ, ଏହି ପରି ଏକ ପୃଥିବୀରେ ବାସ କରିଥିବା କଥା ବର୍ତ୍ତମାନ ପାଇଁ ଆମ କୁ ସପ୍ନ ସଦୃଶ୍ୟ ଲାଗିବ । ଶୟତାନ କିଛି କାଳ ପାଇଁ ମୁକ୍ତ କରାଯିବ ଏବଂ ଆପଣ ଏହା ବିଶ୍ୱାସ କରିବେ କି ଯେ ସେ ପ୍ରତି ଜଣକୁ ପ୍ରତାରଣା କରିବ, ସମ୍ଭବତଃ ଦୀର୍ଘ ସମୟ ପର୍ଯ୍ୟନ୍ତ ଆମ୍ଭେମାନେ ଗୋଟିଏ ଦଳର ଶାସନରେ ଥିଲୁ । ଆସନ୍ତୁ ଏହି ସ୍ୱେଚ୍ଛାଚାରୀ ଶାସକ ମାନଙ୍କ ଠାରୁ ପଳାୟନ କରିବା, ଯେତେ ବେଳେ ପ୍ରତ୍ୟେକ ଜଣ ସାଧୁ ମାନଙ୍କ ବିରୁଧାଚାର କରିବେ । କିନ୍ତୁ ପରବର୍ତ୍ତୀ ସମୟରେ ସ୍ୱର୍ଗରୁ ପରମେଶ୍ୱରଙ୍କ ଠାରୁ ଅଗ୍ନି ପଡ଼ିବ । [୧]

ଏହା ବିଚାର ଦିନ ପରେ ଘଟିବ ।[୨] ଆମ୍ଭେମାନେ ପ୍ରାୟତଃ କହିଥାଉ ପରମେଶ୍ୱର ଏହି ସମସ୍ତ ପ୍ରକାର ଅନ୍ୟାୟ ବିଚାରକୁ ଅନୁମତି ଦେଉଛନ୍ତି । ଆମ୍ଭ ମାନଙ୍କ ପ୍ରତ୍ୟେକଙ୍କ ହୃଦୟରେ କି ପ୍ରତିକ୍ରିୟା ଘଟୁଛି ତାହା ଦେଖିବା ପାଇଁ ପରମେଶ୍ୱର ତାଙ୍କ ଘଟଣା ବଳିର କ୍ରମୀକ ବିକାଶ ନିମନ୍ତେ ଏହି ସମସ୍ତ ବିଷୟକୁ ଅନୁମତି ଦିଅନ୍ତି । ମୁଁ ସାହଯ୍ୟ କଲି କିମ୍ବା ବାଧା ଦେଲି ମୁଁ ଏହାକୁ ଭଲ ପାଇଲି ନା ଘୃଣା କଲି? ଯୁଦ୍ଧ ଗ୍ରସ୍ତ ଦେଶରେ



ଜନ୍ମ ହୋଇଥିବା ଶିଶୁଙ୍କର ମନରେ ଲାଳସା ଲୋଭରେ ଯୁଦ୍ଧ ପାଇଁ ପ୍ରେରିତ କରିବା ଲୋକଙ୍କ ତୁଳନାରେ ବହୁତ ଅଧିକ ଅନ୍ତର ଦେଖା ଯିବ । [୩] ସମସ୍ତ ବିଷୟ ପୂର୍ଣ୍ଣ ମାତ୍ରାରେ ପ୍ରକାଶିତ ହେବ । କିଛି ହେଲେ ଗୁପ୍ତ ରହିବନି । ଯେଉଁ ଦିନରେ ପରମେଶ୍ୱର ମନୁଷ୍ୟ ମାନଙ୍କର ଗୁପ୍ତ ବିଷୟ ଗୁଡ଼ିକର ବିଚାର କରିବେ! [୪]

ସମସ୍ତ ବିଷୟ ଯାହା ଗୁପ୍ତରେ କରାଯାଇଛି ତାହା ସମସ୍ତଙ୍କ ସମ୍ମୁଖରେ ଆଲୋକରେ ପ୍ରକାଶିତ ହେବ [୫] ତୁମ୍ଭର ଅତୀତର ସ୍ମୃତି ସମସ୍ତଙ୍କ ସାକ୍ଷାତରେ ଉପସ୍ଥାପନ କରାଯିବ । ଆପଣ ଏବଂ ଆପଣା ପ୍ରେମ ପାତ୍ର ମାନଙ୍କୁ ଏହି ଯନ୍ତ୍ରଣା ପୂର୍ଣ୍ଣ ଅପମାନର ଅନୁଭୁତିର ପୃଥକ ରଖନ୍ତୁ । ଆପଣ କହୁ ଥାଇ ପାରନ୍ତି !



ପରମେଶ୍ୱର ଯଦି ମୋତେ ଏତେ ପ୍ରେମ କରନ୍ତି ତାହାହେଲେ କାହିଁକି ମୋ ଉପରେ ଏହି ବିଚାର ଦିନର ବୈଧତା ରଖିଛନ୍ତି? ପରମେଶ୍ୱର ଆପଣଙ୍କୁ ଲଜ୍ଜିତ କରିବାକୁ ଚାହାନ୍ତି ନାହିଁ; ସେ ଆପଣଙ୍କୁ ଦଣ୍ଡ ଦେବାକୁ ଚାହାନ୍ତି ନାହିଁ ; ସେ ଆପଣଙ୍କୁ ପ୍ରେମ କରନ୍ତି, ସେ ଆପଣଙ୍କୁ କ୍ଷମା କରିବାକୁ ଏବଂ ଆପଣଙ୍କ ବିରୁଦ୍ଧରେ ଆପଣଙ୍କ ପାପ ଧରି ରଖିବାକୁ ଚାହାନ୍ତି ନାହିଁ । [୬]



(୧) ପ୍ରକାଶିତ ବାକ୍ୟ ୨୦:୭-୯ (୨) ପ୍ରକାଶିତ ବାକ୍ୟ ୨୦:୧୧-୧୫ (୩) ପ୍ରକାଶିତ ବାକ୍ୟ ୧୧:୧୮
(୪) ରୋମୀ ୨:୧୬ (୫) ମାଥିଉ ୬:୧୮ (୬) ଗୀତ ସଂହିତା ୧୦୩:୧୦-୧୪

୧୦୦୦ ବର୍ଷ ପରେ ଶୟତାନ ମୁକ୍ତ କରାଯିବ ଏବଂ.... ସେ ଗୋଷ୍ଠିୟ ମାନଙ୍କୁ ପ୍ରତାରଣା କରିବାକୁ ବାହାରି ଯିବ....ସେହି ସହସ୍ର ବର୍ଷ ଶେଷ ହୁଅନ୍ତେ ଶୟତାନ କାରାଗାରରୁ ମୁକ୍ତ ହେବ....ସେତେବେଳେ ସ୍ୱର୍ଗରୁ ଅଗ୍ନି ପଡ଼ି ସେମାନଙ୍କୁ ଗ୍ରାସ କଲା । (ପ୍ରକାଶିତ ବାକ୍ୟ ୨୦:୭-୯) କିନ୍ତୁ ମୁ ତୁମ୍ଭମାନଙ୍କୁ କହୁଅଛି, ମନୁଷ୍ୟ ମାନେ ଯେକୌଣସି ଅସାର କଥା କହନ୍ତି, ବିଚାର ଦିନରେ ସେମାନେ ସେଥିର ଉତ୍ତର ଦେବେ । ( ମାଥିଉ ୧୨:୩୬) କୌଣସି ବିଚାର କର୍ତ୍ତା ଲାଞ୍ଚ ନେବେ ନାହିଁ କୌଣସି ପ୍ରକାର ଅପ୍ରିତିକର ବିଷୟ ଲୁଚିବ ନାହିଁ ।






୧. ମାଥିଉ ୧୬:୨୬ ୨. ପ୍ରକାଶିତ ବାକ୍ୟ ୨୦:୧୨,୧୩

"ଯେ ଦରିଦ୍ରକୁ ଦୟା କରେ ସେ ଦାପ୍ରଭୁଙ୍କୁ ଋଣ ଦିଏ, ପୁଣି ସେ ତାହାର ଉତ୍ତମ କର୍ମର ପରିଶୋଧ କରିବେ । (ହିତ ପଦେଶ ୧୯:୧୭,୨୮-୧୩) ଯେଉଁ ଲୋକ ଦୀନ ହୀନ ଡ଼ାକରେ କର୍ଣ୍ଣ ରୁଦ୍ଧ କରଇ, ସେ ମଧ୍ୟ ଆପେ ଡ଼ାକିବ କିନ୍ତୁ ଉତ୍ତର ପାଇବ ନାହିଁ ( ହିତୋପଦେଶ ୨୧:୧୩) ଭ୍ରାନ୍ତ ନ ହୁଅ, ଈଶ୍ବର ବିଦ୍ରୂପର ପାତ୍ର ନୁହଁନ୍ତି କାରଣ ମନୁଷ୍ୟ ଯାହା ବୁଣେ ତାହାହିଁ କାଟିବ (ଗାଲାତୀୟ ୬:୭) ସାର କଥା ଏହି, ସବୁ ଶୁଣା ଯାଉଛି, ପରମେଶ୍ବରଙ୍କୁ ଭୟକର ଓ ତାହାଙ୍କର ଆଜ୍ଞା ସବୁ ପାଳନ କର, କାରଣ ଏହାହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ । ଯେହେତୁ ପରମେଶ୍ବର ପ୍ରତ୍ୟେକ କର୍ମ, ପୁଣି ଭଲ କି ମନ୍ଦ ପ୍ରତ୍ୟେକ ଗୁପ୍ତ ବିଷୟ ବିଚାରରେ ଆଣିବେ" (ଉପଦେଶକ ୧୨:୧୩,୧୪)।

# ବିଚାର ରୁ କିପରି ରକ୍ଷା ପାଇବା ?



ପରମେଶ୍ୱ ଅପଣଙ୍କର ବିଚାର କରିବାକୁ ଚାହାନ୍ତି ନାହିଁ, ଏଥି ସକାଶେ ସେ ଆପଣା ପୁତ୍ର ଯୀଶୁଙ୍କୁ ପଠାଇଲେ, ଯେପରି ଆମ୍ଭମାନଙ୍କ ପ୍ରତି ପ୍ରଦତ୍ତ ଦଣ୍ଡ ସେ ଆପଣା ଉପରକୁ ନେବେ, ଯାହା ଫଳରେ ଆମ୍ଭେମାନେ ବିଚାର ସିଂହାସନ ସମ୍ମୁଖରେ ଠିଆ ହେବା ନାହିଁ ।

ସେ ଆମ୍ଭମାନଙ୍କୁ କ୍ଷମା ପ୍ରଦାନ କରିବାକୁ ଚାହାନ୍ତି, କିନ୍ତୁ ଆମ୍ଭମାନଙ୍କୁ ବ୍ୟକ୍ତି ଗତ ଭାବରେ ତାହା **ଗ୍ରହଣ କରିବା** ଉଚିତ଼ । କାହିଁକି ଆପଣ **ଗୋଟେ ମୁହୂର୍ତ୍ତ ବିରାମ ନେଇଁ**, ଆପଣ ଜଣେ ପାପୀ ବୋଲି ସୀକାର ନ କରିବେ? ବର୍ତ୍ତମାନ ଯୀଶୁଙ୍କୁ ଗ୍ରହଣ  କରିବା ଦ୍ୱାରା ଇଶ୍ୱରଙ୍କ ଦ୍ୱାରା ଆପଣ କ୍ଷମା ପ୍ରାପ୍ତ ହେବେ ଏବଂ ଆପଣା ହୃଦୟରେ ଶାନ୍ତି ସହ ଏକ ଚମକ ପ୍ରଦ, ଉଦ୍ଦିପନା ପୂର୍ଣ୍ଣ ଅନନ୍ତ କାଳୀନ ପ୍ରେମଭରା ଜୀବନ ଭୋଗ କରିବେ । ଏହିପ୍ରକାର ଦାନକୁ କିଏ ପ୍ରତ୍ୟାଖ୍ୟାନ କରିବ?






(୧) ପ୍ରେରିତ ୪:୧୨,୧୬:୩୦-୩୧, ରୋମୀୟ ୩:୨୩-,୬:୨୩,୧୦:୯-୧୦

କାରଣ ଯେବେ ଲୋକମାନଙ୍କର ଅପରାଧ ସବୁ କ୍ଷମା କର, ତେବେ ତୁମ୍ଭମାନଙ୍କ ସର୍ଗସ୍ଥ ପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା ଦେବେ ।
କିନ୍ତୁ ଯେବେ ଲୋକମାନଙ୍କୁ କ୍ଷମା ନ କର ତେବେ  ତୁମ୍ଭମାନଙ୍କ ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧ ସବୁ କ୍ଷମା କରିବେ ନାହିଁ । (ମାଥିଉ -୬:୧୪-୧୫)

# ନୂତନ ସର୍ଗ ଏବଂ ନୂତନ ପୃଥିବୀ

ଯେଉଁମାନେ ପ୍ରେମ କରନ୍ତି ଏବଂ କ୍ଷମା ଦିଅନ୍ତି ତଥା ସବୁ ବିଷୟକୁ ସଠିକ ଏବଂ ଯଥାର୍ଥ ରୁପେ କାର୍ଯ୍ୟ କରନ୍ତି ସେହି ବ୍ୟକ୍ତି ମାନେ ହିଁ ନୂତନ ପୃଥିବୀରେ  ବାସ କରିବାର ଯୋଗ୍ୟତା ହାସଲ କରିପାରିବେ । ଯୋହନ ଲେଖିଲେ ମୁଁ ଏକ ନୂତନ ଆକାଶ ମଣ୍ଡଳ ଓ ପୃଥିବୀ ଦେଖିଲି..... କାରଣ ଏହି ସମସ୍ତ ବାକ୍ୟ ବିଶ୍ୱସନ୍ୟୟ ଓ ସତ୍ୟ[୧]

**ଈଶ୍ୱରଙ୍କ ଆବାସ ସ୍ଥଳ ମନୁଷ୍ୟ ମାନଙ୍କ ମଧ୍ୟରେ ଅଛି, ସେ ସେମାନଙ୍କ ସହିତ ବାସ କରିବେ'**

ଆବାସ ସ୍ଥାନ ବା ତମ୍ବୁ ସାଧାରଣତଃ ପିରାମିଡ୍ ଆକୃତିର ଏବଂ ଏହାର ଏକ ନକଲ କରି କେହି ଜଣେ ଆପଣାର ପ୍ରତୀକ ବୋଲି ପୁଣିଥରେ ଏହାକୁ ନିର୍ମାଣ କଲେ ମୂଳତଃ ଏହି ଢ଼ାଞ୍ଚା ତାଙ୍କ ନିଜର ନଥିଲା ଏହା ନକଲରେ ନିର୍ମିତ ।



ସସ୍ତଦୂତ ମାନଙ୍କ ମଧ୍ୟରେ ଜଣେ ନଗରୀକୁ ମାପିଲେ, ତାହା ବାରହଜାର ଫରଲାଙ୍ଗହେଲା **(ତାହା ୧୫୦୦ ମାଇଲ ବା ୨୨୨୦କି.ମି ସହ ସମାନ)** ତାର ଦୈର୍ଘ୍ୟ, ଓସାର ଓ ଉଚତା ସମାନ ଥିଲା ।[୩] ନଗରୀଟି ଚତୁଷ୍କୋଣ ସେଥିରେ ଦୈର୍ଘ୍ୟ, ପ୍ରସ୍ଥ ଓ ଉଚତା ସମାନ ଆମ୍ଭେମାନେ ଯଦି ଗଣନା ଯନ୍ତ୍ର ପ୍ରୟୋଗ କରିବା ଆମେ ହୃଦୟଙ୍ଗମ କରିପାରିବା ଯେ ଭିତିମୂଳ ଅଞ୍ଚଳ ୟୁନାଇଟେଡ୍ କିଙ୍ଗଡ଼ମ (ଇଂଲଣ୍ଡ) ର ଜମି ମୂଳ ଅଞ୍ଚଳର ୨୦ ଥର ସହ ସମାନ, ପୁଣି ଭାରତର ବର୍ଷ ଅନୁସାରେ ଏହା ୧½ ଥର ହେବ । ତାର ଉଚତା ୧୫୦୦ ମାଇଲ । ଗୋଟିଏ ଉଡ଼ାଜାହାଜ ସମୁଦ୍ର ପତନ ଠାରୁ ୬ ମାଇଲ ଉର୍ଦ୍ଧରେ ଉଡ଼ିଥାଏ । ଯଦି ଆମେ ପ୍ରତି ୬ ମାଇଲ ଉଚ୍ଚ ଚଟାଣ ନିର୍ଦ୍ଧାରଣ କରିବା ତାହା ୨୫୦ ଚଟାଣ ହେବ ।

**ତିନ୍ତାର ବାହାରେ ସମସ୍ତ ସାଧୁମାନଙ୍କ କାର୍ଯ୍ୟ କରିବା ନିମନ୍ତେ ଯଥେଷ୍ଟ ସ୍ଥାନ ଅଛେ ।**



(୧)ପ୍ରକାଶିତ ବାକ୍ୟ ୨୧:୧-୫ (୨) ପ୍ରକାଶିତ ବାକ୍ୟ ୨୧:୩ (୩) ପ୍ରକାଶିତ ବାକ୍ୟ ୨୧:୯-୧୬

ମୁଁ ସେହି ନଗରୀରେ କୌଣସି ମନ୍ଦିର ଦେଖିଲି ନାହିଁ କାରଣ ପ୍ରଭୁ ସର୍ବ ଶକ୍ତିମାନ ଈଶ୍ୱର ଓ ମେଷ ଶାବକ ସେଥିରେ ମନ୍ଦିର ସ୍ୱରୂପ ଅଟନ୍ତି । (ପ୍ରକାଶିତ ବାକ୍ୟ ୨୧:୨୨) ଈଶ୍ୱରଙ୍କ ଧନ୍ୟବାଦ ହେଉ ସେଠାରେ କୌଣସି ଧର୍ମ ଏବଂ ସମ୍ପ୍ରଦାୟ ନଥିଲା, କୌଣସି ଅଭିଶପ୍ତ ବିଷୟ ଆଉ ରହିବ ନାହିଁ, ଈଶ୍ୱର ଓ ମେଷ ଶାବକଙ୍କ ସିଂହାସନ ନଗରୀ ମଧ୍ୟରେ ରହିବ, ଆଉ ତାହାଙ୍କ ଦାସ ମାନେ, ତାହାଙ୍କ ଉପାସନା କରିବେ । (ପ୍ରକାଶିତ ବାକ୍ୟ ୨୨:୩୦) ଦେଖ ଆମ୍ଭେ ସମସ୍ତ ବିଷୟ ନୂତନ କରିଅଛୁ । ପରେ ସିଂହାସନୋପବିଷ୍ଟ ବ୍ୟକ୍ତି କହିଲେ ଦେଖ, ଆମ୍ଭେ ସମସ୍ତ ବିଷୟ ନୂତନ କରିଅଛୁ । ଆଉ ସେ କହିଲେ ଲେଖ, କାରଣ ଏହି ସମସ୍ତ ବାକ୍ୟ ବିଶ୍ୱସନୀୟ ଓ ସତ୍ୟ । (ପ୍ରକାଶିତ ବାକ୍ୟ ୨୧:୫) ସମସ୍ତ ପ୍ରଦୂଷଣ ଏବଂ ମହାକାଶ ଆବର୍ଜନା ରହିବ ନାହିଁ । ଯେ ଜୟ କରେ ସେ ଏହି ସମସ୍ତର ଅଧିକାରୀ ହେବ, ଆମ୍ଭେ ତାହାର ଈଶ୍ୱର ପୁଣି ସେ ଆମ୍ଭ ପୁତ୍ର ହେବ । (ପ୍ରକାଶିତ ବାକ୍ୟ ୨୧:୬) ଏହା ଆମ୍ଭ ମାନଙ୍କୁ ଗ୍ରହଣ କରିବା ପାଇଁ!

## ଏକ ପ୍ରାର୍ଥନା:

" ପ୍ରିୟ ଯୀଶୁ,
ଏହି ସମସ୍ତ ବିଷୟରେ କିଛି ସତ୍ୟତା ଅଛି । ତାହା ହେଲେ ଆଗାମୀ ଦିନ ମାନଙ୍କରେ ମୋତେ ରକ୍ଷା କର ଆପଣା ପ୍ରାଣ ଦେଇ ମୋର ଦଣ୍ଡ ଆପଣା ଉପରେ ବହନ କରିଥିବା ହେତୁ ଅଶେଷ ଧନ୍ୟବାଦ । କାରଣ ମୋର ସ୍ୱାର୍ଥ ଜନୀତ ପାପ ହେତୁ ଏବଂ ମୋର କରିଥିବା ସମସ୍ତ ଅପ୍ରିତୀକର କାର୍ଯ୍ୟ ପାଇଁ ମୋତେ କ୍ଷମା କରାଯିବ । ମୋତେ ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ଅନୁମତି ପାଇଁ  ଧନ୍ୟବାଦ ହଁ ଧନ୍ୟବାଦ ।
ଦୟା କରି ମୋତେ ଅନନ୍ତ ଜୀବନ ର ଦାନ ପ୍ରଦାନକର ଏବଂ ତୁମ୍ଭର ପ୍ରେମ ଆନନ୍ଦ ଏବଂ ଶକ୍ତି ପ୍ରଦାନ କର ଯେପରି ମୁଁ ତୁମକୁ ଏବଂ ଅନ୍ୟମାନଙ୍କୁ ଅଧିକ ପ୍ରେମ କରିବାକୁ ଚାହିଁବି, ଏବଂ କୌଣସି ପ୍ରକାରେ ସେମାନଙ୍କ ଜୀବନରେ ଉତ୍ତମତା ପ୍ରକାଶ କରିବାକୁ ମୋତେ ଭିନ୍ନତା ପ୍ରଦାନ କର । "



ଯୀଶୁ କହିଲେ – ଦେଖ ଆମ୍ଭେ ଦ୍ୱାରା ନିକଟରେ ଠିଆ ହୋଇ ଆଘାତ କରୁଅଛି, ଯଦି କେହି ଆମ୍ଭର ସ୍ୱର ଶୁଣି ଦ୍ୱାର ଫିଟାଇ ଦେବ ତାହାହେଲେ ଆମ୍ଭେ ପ୍ରବେଶ କରି ତାହା ନିକଟକୁ ଯିବୁ, ପୁଣି ଆମ୍ଭେ ତାହା ସହିତ ଭୋଜନ କରିବୁ ଓ ସେ ଆମ୍ଭ ସହିତ ଭୋଜନ କରିବ (ପ୍ରକାଶିତ ବାକ୍ୟ ୩:୨୦)
ଯୀଶୁଙ୍କ ସହିତ ଭୋଜନ କରିବାର ଅର୍ଥ ଆପଣ କଦାପି କେବେ ହେଁ ଅନ୍ତରରେ ଶାନ୍ତି ପ୍ରାପ୍ତ ହୋଇ କ୍ଷୁଧିତ ବା ତୃଷିତ ବା ତୃଷିତ ହୋହିବେ ।
(ଯୋହନ ୬:୩୫ ପଦ୍ୟନ୍ତୁ)

## ଆମ୍ଭମାନଙ୍କ ପ୍ରତି ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ସ୍ମରଣ କରି ତାହାଙ୍କ ସହିତ ସମ୍ମିଳିତ ହୋଇ ଆମ୍ଭେମାନେ ନୋହଙ୍କ ସଦୃଶ୍ୟ ଆମ୍ଭମାନଙ୍କ ଜାହାଜ ନିର୍ମାଣ କରି ପାରିବା ।

୨ ତିମଥି -୧:୭ କାରଣ ଈଶ୍ୱର ଆମ୍ଭମାନଙ୍କୁ ଭୀରୁତାର ଆତ୍ମା ଦେଇ ନାହାନ୍ତି, ମାତ୍ର ଶକ୍ତି, ପ୍ରେମ ଓ ସୁବୁଦ୍ଧିର ଆତ୍ମା ଦେଇ ଅଛନ୍ତି !

୨ୟ ତିମଥି -୧:୧୨- ଏହି କାରଣରୁ ମଧ୍ୟ ମୁଁ ଏହି ସବୁ ଦୁଃଖ ଭୋଗ କରୁଅଛି । ତଥାପି ମୁ ଲଜ୍ଜିତ ନୁହେଁ କାରଣ ମୁଁ ଯାହାଙ୍କ ଠାରେ ବିଶ୍ୱାସ କରିଅଛି, ତାହାଙ୍କୁ ଜାଣେ, ପୁଣି ମୁଁ ତାହାଙ୍କ ହସ୍ତରେ ଯାହା ସମର୍ପଣ କରିଅଛି, ତାହା ମହାଦିନ ପର୍ଯନ୍ତ ସୁରକ୍ଷା କରିବାକୁ ସେ ଯେ ସମର୍ଥ ଅଟନ୍ତି ଏହା ଦୃଢ଼ ରୁପେ ବିଶ୍ୱାସ କରୁଅଛି ।

ରୋମୀୟ ୮:୩୮-୩୯- କାରଣ ମୃତ୍ୟୁକି ଜୀବନ, ଦୂତ କି କର୍ତ୍ତାପଣ, ବର୍ତ୍ତମାନ ଭବିଷ୍ୟତ କି ପରାକ୍ରମ ଉଚ୍ଚସ୍ଥ ବିଷୟ କି ନୀଚସ୍ଥ ବିଷୟ କି ଅନ୍ୟ କୌଣସି ସୃଷ୍ଟ ବସ୍ତୁ ଆମ୍ଭମାନଙ୍କ ପ୍ରଭୂ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଯେ ଆମ୍ଭମାନଙ୍କୁ ବିଛିନ୍ନ କରିପାରିବ ନାହିଁ ଏହା ମୁ ନିଶ୍ଚୟ ଜାଣେ ।

ରୋମୀୟ -୪:୨୦- ବରଂ ଈଶ୍ୱରଙ୍କ ପ୍ରତିଜ୍ଞା ପ୍ରତି ଦୃଷ୍ଟିପାତ କରି ଅବିଶ୍ୱାସ ହେତୁ ସନ୍ଦେହ କଲେ ନାହିଁ ।

ଲୁକ ୧୦:୧୯ - ଦେଖ ମୁଁ ତୁମ୍ଭମାନଙ୍କୁ ସାପ ଓ ବିଛା ଉପରେ ଚାଲିବାକୁ କ୍ଷମତା ଦେଇ ଅଛି, ପୁଣି ଶତ୍ରୁର ସମସ୍ତ ଶକ୍ତି ଉପରେ ମଧ୍ୟ କ୍ଷମତା ଦେଇଛି, ଆଉ କିଛିହିଁ କୌଣସି ପ୍ରକାର ତୁମ୍ଭମାନଙ୍କର କ୍ଷତି କରିବ ନାହିଁ ।

୧ମ ଯୋହନ ୨:୧୭ - ପୁଣି ସଂସାର ଓ ସେଥିର ଅଭିଳାସ ଅନିତ୍ୟ, ମାତ୍ର ଯେ ଈଶ୍ୱରଙ୍କ ଇଚ୍ଛା ପାଳନ କରେ ସେ ନିତ୍ୟ ସ୍ଥାୟୀ

ଏଫିସୀୟ -୫:୧୧- ଅନ୍ଧକାରର ନିଷ୍ଫଳ କର୍ମ ସବୁର ସହଭାଗୀ ହୁଅ ନାହିଁ ବରଂ ସେ ସବୁର ଦୋଷ ହିଁ ଦେଖାଇ ଦିଅ ।

୨ୟ କରିନ୍ଥିୟ -୬:୧୭-୧୮- ଏଣୁ ପ୍ରଭୁ ଏହା କହନ୍ତି, ତୁମ୍ଭେମାନେ ସେମାନଙ୍କ ମଧ୍ୟରୁ ବାହାରି ଆସ ଆଉ ପୃଥକ ହୁଅ, ଆଉ ଅଶୁଚି ପଦାର୍ଥ ସ୍ପର୍ଶ କର ନାହିଁ, ପୁଣି ଆମ୍ଭେ ତୁମ୍ଭମାନଙ୍କୁ ଗ୍ରହଣ କରିବା , ଆମ୍ଭେ ତୁମ୍ଭ ମାନଙ୍କର ପିତା ହେବା, ପୁଣି ତୁମ୍ଭେ ମାନେ ଆମ୍ଭର ପୁତ୍ର କନ୍ୟା ହେବ, ଏହା ସର୍ବଶକ୍ତିମାନ ପ୍ରଭୁ କହନ୍ତି ।

ଗୀତ ସଂହିତା -୨୩:୪- ଏଣୁ ମୁଁ ମୃତ୍ୟୁ ଛାୟାର ରୁପ ଉପତ୍ୟାକା ଦେଇ ଗମନ କଲେହେଁ କୌଣସି ଆପଦକୁ ଭୟ କରିବି ନାହିଁ । କାରଣ ତୁମ୍ଭେ ମୋହର ସହବର୍ତ୍ତୀ, ତୁମ୍ଭର ପାଞ୍ଚଣ ଓ ତୁମ୍ଭର ବାଡ଼ି ମୋତେ ସାନ୍ତ୍ୱନା ଦିଅନ୍ତି।

ମାର୍କ ୮:୩୫- କାରଣ ଯେ କେହି ଆପଣା ଜୀବନ ରକ୍ଷା କରିବାକୁ ଇଛା କରେ ସେ ତାହା ହରାଇବ, କିନ୍ତୁ ଯେକେହି ମହୋର ସୁସମାଚାର ନିମନ୍ତେ ଆପଣା ଜୀବନ ହରାଇବ ସେ ତାହା ରକ୍ଷା କରିବ ।

ଏବ୍ରୀ- ୧୩:୫-୬ - ଆଚାର ବ୍ୟବହାରରେ ଧନଲୋଭ ଶୂନ୍ୟ ହୁଅ , ତୁମ୍ଭମାନଙ୍କର ଯାହାକିଛି ଅଛି ସେଥିରେ ସନ୍ତୁଷ୍ଟ ଥାଅ, କାରଣ ସେ ନିଜେ କହି ଅଛନ୍ତି, ଆମ୍ଭେ ତୁମ୍ଭକୁ କେବେହେଁ ଛାଡ଼ିବା ନାହିଁ ଆମ୍ଭେ ତୁମ୍ଭକୁ କେବେହେଁ ପରିତ୍ୟାଗ କରିବା ନାହିଁ । ଅତଏବ ଆମ୍ଭେ ମାନେ ସାହାସ ପୂର୍ବକ କହି ପାରୁ, ପ୍ରଭୁ ମୋହର ସହାୟ, ମୁଁ ଭୟ କରିବି ନାହିଁ ; ମନୁଷ୍ୟ ମୋହର କଅଣ କରିବ?

ଏବ୍ରୀ-୧୩:୮- ଯୀଶୁ ଖ୍ରୀଷ୍ଟ କାଲି ଆଜି ଓ ଚିରକାଳ ସମାନ ଅଟନ୍ତି ।

## ପରମେଶ୍ୱର ଆପଣା ବାକ୍ୟ ସଫଳ କରୁଛନ୍ତିକି ନାହିଁ ତାହା ପରିକ୍ଷା କରି ଦେଖ

ମାର୍କ -୮:୩୬- ଆଉ ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ନିଜ ଜୀବନ ହରାଏ, ତେବେ ତାହାର କି ଲାଭ?

ଯିରିମିୟ -୧:୮ ସେମାନଙ୍କ ସକାଶୁ ଭୀତ ହୁଅ ନାହିଁ କାରଣ ସଦାପ୍ରଭୁ କହନ୍ତି, ତୁମ୍ଭକୁ ଉଦ୍ଧାର କରିବା ପାଇଁ ଆମ୍ଭେ ତୁମ୍ଭ ସଙ୍ଗେ ସଙ୍ଗେ ଅଛୁ ।

ଯାତ୍ରା ପୁସ୍ତକ ୧୪:୧୪ - ପରମେଶ୍ୱର ତୁମ୍ଭ ମାନଙ୍କ ନିମନ୍ତେ ଯୁଦ୍ଧ କରିବେ, ତୁମ୍ଭେ ନିରବ ରୁହ ;

ହିତୋପଦେଶ ୧୮:୧୦ – ସଦାପ୍ରଭୁଙ୍କ ନାମ ଦୃଢ଼ ଗଡ଼, ଧାର୍ମିକ ଲୋକ ତହିଁକି ପଳାଇରକ୍ଷା ପାଏ ।

ଯିଶାୟ ୪୩:୧ – ମାତ୍ର ହେ ଯାକୁବ ଯେ ତୁମ୍ଭକୁ ସୃଷ୍ଟି କଲେ, ହେ ଇଶ୍ରାଏଲ ଯେ ତୁମ୍ଭକୁ ନିର୍ମାଣ କଲେ ସେହି ସଦାପ୍ରଭୁ ଏବଂ ଏହି କଥା କହନ୍ତି ଭୟ କର ନାହିଁ। କାରଣ ଆମ୍ଭେ ତୁମ୍ଭକୁ ମୁକ୍ତ କରିଅଛୁ ଆମ୍ଭେ ତୁମ୍ଭର ନାମ ଧରି ତୁମ୍ଭକୁ ଆହ୍ୱାନ କରିଅଛୁ ; ତୁମ୍ଭେ ଆମ୍ଭର

୨ୟ ତିମଥି ୨:୩ ଖ୍ରୀଷ୍ଟ ଯୀଶୁଙ୍କର ଜଣେ ଉତମ ଯୋଦ୍ଧା ପରି ମୋ ସହିତ କ୍ଳେଶ ସହ୍ୟ କର

ଯାକୁବ ୧:୨୨- କିନ୍ତୁ ଶ୍ରୋତା ମାତ୍ର ହୋଇ ଆପଣାକୁ ପ୍ରବଞ୍ଚନାନକରି ବାକ୍ୟର କର୍ମକାରୀ ହୁଅ ।

ପ୍ରକାଶିତ ବାକ୍ୟ ୨:୧୦- ଯେଉଁ ସବୁ ଦୁଃଖ ଭୋଗ କରିବାକୁ ଯାଉ ଅଛ, ସେହି ସବୁକୁ ଭୟକର ନାହିଁ । ଦେଖ ତୁମ୍ଭମାନଙ୍କ ପରୀକ୍ଷା ନିମନ୍ତେ ଶୟତାନ ତୁମ୍ଭମାନଙ୍କ ମଧ୍ୟରୁ କାହାରି କାହାରିକୁ କାରାଗାରରେ ନିକ୍ଷେପ କରିବ, ଆଉ ତୁମ୍ଭେ ମାନେ ଦଶ ଦିନ କ୍ଳେଶ ଭୋଗ କରିବ । ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନ ରୂପ ମୁକୁଟ ଦେବୁ ।

ମାଥିଉ ୬:୨୪-୨୬ – କୌଣସି ଲୋକ ଦୁଇ ପ୍ରଭୁଙ୍କର ଦାସ ହୋଇ ପାରେ ନାହିଁ +++ ତୁମ୍ଭେମାନେ କଅଣ ସେମାନଙ୍କ ଠାରୁ ଶ୍ରେଷ୍ଠ ନୁହଁ?

ଏବ୍ରୀ ୧୩:୫ - ଆଚାର ବ୍ୟବହାରରେ ଧନଲୋଭ ଶୂନ୍ୟ ହୁଅ, ତୁମ୍ଭମାନଙ୍କର ଯାହା କିଛି ଅଛି ସେଥିରେ ସନ୍ତୁଷ୍ଟ ଥାଅ, କାରଣ ସେ ନିଜେ କହିଛନ୍ତି, ଆମ୍ଭେ ତୁମ୍ଭକୁ କେବେ ହେଁ ଛାଡ଼ିବା ନାହିଁ; ଆମ୍ଭେ ତୁମ୍ଭକୁ ପରିତ୍ୟାଗ କରିବା ନାହିଁ ।

ଗୀତ ସଂହିତା -୯୧:୫-୭ – ତୁମ୍ଭେ ରାତ୍ରିର ତ୍ରାସ କିଅବା ଦିବସର ଉଡ଼ନ୍ତା ତୀର ତୁମ୍ଭ ପାର୍ଶ୍ୱରେ ସହସ୍ର ଓ ତୁମ୍ଭ ଦକ୍ଷିଣ ପାଖରେ ଅୟୁତ ଲୋକ ପଡ଼ିବେ ମାତ୍ର ତାହା ତୁମ୍ଭ ନିକଟକୁ ଆସିବ ନାହିଁ ।

୧ମ ତିମଥି -୫:୮- କିନ୍ତୁ ଯଦି କେହି ଆପଣା କେହି ଆତ୍ମୀୟ ବିଶେଷରେ ଆପଣା ପରିବାରର ତତ୍ତ୍ୱ ନ ନିଏ ସେ ବିଶ୍ୱାସମତ ଅସୀକାର କରିଅଛ ଆଉ ସେ ଅବିଶ୍ୱାସୀ ଠାରୁ ଅଧମ ଅଟେ ।



ଅନେକ ଆପଣା ମାନଙ୍କୁ ପରିଷ୍କୃତ ଓ ଶୁକ୍ଳ କରିବେ ଓ ପବିତ୍ରୀକୃତ ହେବେ, ମାତ୍ର ଦୁଷ୍ଟ ମାନେ ଦୁଷ୍ଟାଚରଣ କରିବେ ଓ ଦୁଷ୍ଟ ମାନଙ୍କ ମଧ୍ୟରେ କେହି ବୁଝିବେ ନାହିଁ ମାତ୍ର ଜ୍ଞାନୀଲୋକେ ମାନେ ବୁଝିବ (ଦାନିଏଲ ୧୨:୧୦)
ମାତ୍ର ଧାର୍ମିକ ମାନଙ୍କର ପଥ ପ୍ରଭାତର ଆଲୁଅ ତୁଲ୍ୟ ଯାହା ମଧ୍ୟାହ୍ନ ପର୍ଯ୍ୟନ୍ତ ଆହୁରି ଆହୁରି ତେଜସ୍କର ହୁଅଇ ।
ପୁଣି ଦୁଷ୍ଟ ମାନଙ୍କର ବାଟ ଅନ୍ଧକାର ତୁଲ୍ୟ ସେମାନେ କାହିଁରେ ଝୁଣ୍ଟି ପଡ଼ନ୍ତି ତାହା ଜାଣନ୍ତି ନାହିଁ । (ହିତୋପଦେଶ ୪:୧୮-୧୯)

# ପରମେଶ୍ୱର ଆପଣା ବାକ୍ୟ ସଫଳ କରୁଛନ୍ତିକି ନାହିଁ ତାହା ପରିକ୍ଷା କରି ଦେଖ

ମାର୍କ -୮:୩୬- ଆଉ ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ନିଜ ଜୀବନ ହରାଏ, ତେବେ ତାହାର କି ଲାଭ?

ଯିରିମିୟ -୧:୮ ସେମାନଙ୍କ ସକାଶୁ ଭୀତ ହୁଅ ନାହିଁ କାରଣ ସଦାପ୍ରଭୁ କହନ୍ତି, ତୁମ୍ଭକୁ ଉଦ୍ଧାର କରିବା ପାଇଁ ଆମ୍ଭେ ତୁମ୍ଭ ସଙ୍ଗେ ସଙ୍ଗେ ଅଛୁ ।

ଯାତ୍ରା ପୁସ୍ତକ ୧୪:୧୪ - ପରମେଶ୍ୱର ତୁମ୍ଭ ମାନଙ୍କ ନିମନ୍ତେ ଯୁଦ୍ଧ କରିବେ, ତୁମ୍ଭେ ନିରବ ରୁହ ;

ହିତୋପଦେଶ ୧୮:୧୦ – ସଦାପ୍ରଭୂଙ୍କ ନାମ ଦୃଢ଼ ଗଡ଼, ଧାର୍ମିକ ଲୋକ ତହିଁକି ପଳାଇରକ୍ଷା ପାଏ ।

ଯିଶାୟ ୪୩:୧ – ମାତ୍ର ହେ ଯାକୁବ ଯେ ତୁମ୍ଭକୁ ସୃଷ୍ଟି କଲେ, ହେ। ଇଶ୍ରାଏଲ ଯେ ତୁମ୍ଭକୁ ନିର୍ମାଣ କଲେ ସେହି ସଦାପ୍ରଭୂ ଏବଂ ଏହି କଥା କହନ୍ତି ଭୟ କର ନାହିଁ। କାରଣ ଆମ୍ଭେ ତୁମ୍ଭକୁ ମୁକ୍ତ କରିଅଛୁ ଆମ୍ଭେ ତୁମ୍ଭର ନାମ ଧରି ତୁମ୍ଭକୁ ଆହ୍ୱାନ କରିଅଛୁ ; ତୁମ୍ଭେ ଆମ୍ଭର

୨ୟ ତିମଥି ୨:୩ ଖ୍ରୀଷ୍ଟ ଯୀଶୁଙ୍କର ଜଣେ ଉତମ ଯୋଦ୍ଧା ପରି ମୋ ସହିତ କ୍ଲେଶ ସହ୍ୟ କର

ଯାକୁବ ୧:୨୨- କିନ୍ତୁ ଶ୍ରୋତା ମାତ୍ର ହୋଇ ଆପଣାକୁ ପ୍ରବଞ୍ଚନାନକରି ବାକ୍ୟର କର୍ମକାରୀ ହୁଅ ।

ପ୍ରକାଶିତ ବାକ୍ୟ ୨:୧୦- ଯେଉଁ ସବୁ ଦୁଃଖ ଭୋଗ କରିବାକୁ ଯାଉ ଅଛ, ସେହି ସବୁକୁ ଭୟକର ନାହିଁ । ଦେଖ ତୁମ୍ଭମାନଙ୍କ ପରୀକ୍ଷା ନିମନ୍ତେ ଶୟତାନ ତୁମ୍ଭମାନଙ୍କ ମଧ୍ୟର କାହାରି କାହାରିକୁ କାରାଗାରରେ ନିକ୍ଷେପ କରିବ, ଆଉ ତୁମ୍ଭେ ମାନେ ଦଶ ଦିନ କ୍ଲେଶ ଭୋଗ କରିବ । ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନ ରୁପ ମୁକଟ ଦେବୁ ।

ମାଥିଉ ୬:୨୪-୨୬ – କୌଣସି ଲୋକ ଦୁଇ ପ୍ରଭୁଙ୍କର ଦାସ ହୋଇ ପାରେ ନାହିଁ +++ ତୁମ୍ଭେମାନେ କଅଣ ସେମାନଙ୍କ ଠାରୁ ଶ୍ରେଷ୍ଠ ନୁହଁ?

ଏବ୍ରୀ ୧୩:୫ - ଆଚାର ବ୍ୟବହାରରେ ଧନଲୋଭ ଶୂନ୍ୟ ହୁଅ, ତୁମ୍ଭମାନଙ୍କର ଯାହା କିଛି ଅଛି ସେଥିରେ ସନ୍ତୁଷ୍ଟ ଥାଅ, କାରଣ ସେ ନିଜେ କହିଛନ୍ତି, ଆମ୍ଭେ ତୁମ୍ଭକୁ କେବେ ହେଁ ଛାଡ଼ିବା ନାହିଁ; ଆମ୍ଭେ ତୁମ୍ଭକୁ ପରିତ୍ୟାଗ କରିବା ନାହିଁ ।

ଗୀତ ସଂହିତା -୯୧:୫-୭ – ତୁମ୍ଭେ ରାତ୍ରିର ତ୍ରାସ କିଅବା ଦିବସର ଉଡ଼ନ୍ତା ତୀର ତୁମ୍ଭ ପାର୍ଶ୍ୱରେ ସହସ୍ର ଓ ତୁମ୍ଭ ଦକ୍ଷିଣ ପାଖରେ ଅୟୁତ ଲେକ ପଡ଼ିବେ ମାତ୍ର ତାହା ତୁମ୍ଭ କତିକି ଆସିବ ନାହିଁ ।

୧ମ ତିମଥି -୫:୮- କିନ୍ତୁ ଯଦି କେହି ଆପଣା କେହି ଆତ୍ମୀୟ ବିଶେଷରେ ଆପଣା ପରିବାରର ତତ୍ତ୍ୱ ନ ନିଏ ସେ ବିଶ୍ୱାସମତ ଅସ୍ୱୀକାର କରିଅଛ ଆଉ ସେ ଅବିଶ୍ୱାସୀ ଠାରୁ ଅଧମ ଅଟେ ।



ଅନେକ ଆପଣା ମାନଙ୍କୁ ପରିଷ୍କୃତ ଓ ଶୁକ୍ଳ କରିବେ ଓ ପବିତ୍ରୀକୃତ ହେବେ, ମାତ୍ର ଦୁଷ୍ଟ ମାନେ ଦୁଷ୍କାଚରଣ କରିବେ ଓ ଦୁଷ୍ଟ ମାନଙ୍କ ମଧ୍ୟରେ କେହି ବୁଝିବେ ନାହିଁ ମାତ୍ର ଜ୍ଞାନୀଲୋକେ ମାନେ ବୁଝିବ (ଦାନିଏଲ ୧୨:୧୦)

ମାତ୍ର ଧାର୍ମିକ ମାନଙ୍କର ପଥ ପ୍ରଭାତର ଆଲୁଅ ତୁଲ୍ୟ ଯାହା ମଧ୍ୟାହ୍ନ ପର୍ଯ୍ୟନ୍ତ ଆହୁରି ଆହୁରି ତେଜସ୍କର ହୁଅଇ ।

ପୁଣି ଦୁଷ୍ଟ ମାନଙ୍କର ବାଟ ଅନ୍ଧକାର ତୁଲ୍ୟ ସେମାନେ କାହିଁରେ ଝୁଣ୍ଟି ପଡ଼ନ୍ତି ତାହା ଜାଣନ୍ତି ନାହିଁ । (ହିତୋପଦେଶ ୪:୧୮-୧୯)

## ମାତ୍ର ସୁବୁଦ୍ଧିମାନେ ଆପଣା ଆପଣା ପ୍ରଦୀପ ସହିତ ପାତ୍ରାରେ ତୈଳ ନେଲେ

ସେହି ସୁସମାଚାର ଏହି ଯେଉଁ ସମୟରେ କନ୍ୟାମାନେ ଝୁଣ୍ଟି ପଡ଼ନ୍ତି । ତୁମର ତୈଳ ଗଚ୍ଛିତ ରଖ !

ଲୁକ ୧୦:୧୯-୨୦ ଦେଖ, ମୁଁ ତୁମ୍ଭମାନଙ୍କୁ ସାପ ଓ ବିଛା ଉପରେ ଚାଲିବାକୁ କ୍ଷମତା ଦେଇଅଛି । ପୁଣି ଶତ୍ରୁର ସମସ୍ତ ଶକ୍ତି ଉପରେ ମଧ୍ୟ କ୍ଷମତା ଦେଇଅଛି, ଆଉ କିଛି ହିଁ କୌଣସି ପ୍ରକାରେ ତୁମ୍ଭ ମାନଙ୍କର କ୍ଷତି କରିବ ନାହିଁ।

ତଥାପି ଆତ୍ମାମାନେ ଯେ ତୁମ୍ଭ ମାନଙ୍କର ବଶୀଭୁତ ଅଟନ୍ତି, ଏଥିରେ ଆନନ୍ଦ କର ନାହିଁ, କିନ୍ତୁ ତୁମ୍ଭମାନଙ୍କ ନାମ ଯେ ସର୍ଗରେ ଲେଖା ଅଛି, ଏଥିରେ ଆନନ୍ଦ କର ।

ହିତୋପଦେଶ -୧:୧୦ – ହେ ମୋହର ପୁତ୍ର, ପାପୀଗଣ ତୁମ୍ଭକୁ ଫୁସଲାଇଲେ, ତୁମ୍ଭେ ସମ୍ମତ ହୁଅ ନାହିଁ ।

ଯୋହନ ୧୬: ୩୩- ତୁମ୍ଭେମାନେ ଯେପରି ମୋ' ଠାରେ ଶାନ୍ତି ପ୍ରାପ୍ତ ହୁଅ, ଏଥିନିମନ୍ତେ, ମୁଁ ତୁମ୍ଭମାନଙ୍କୁ ଏହି ସବୁ ବିଷୟ କହିଅଛି । ଜଗତରେ ତୁମ୍ଭମାନଙ୍କ ନିମନ୍ତେ କ୍ଳେଶଅଛି କିନ୍ତୁ ସାହାସ ଧର ମୁଁ ଜଗତକୁ ଜୟ କରିଅଛି ।

ପ୍ରକାଶିତ ବାକ୍ୟ- ୨୧:୭- ଯେ ଜୟକରେ, ସେ ଏହି ସମସ୍ତର ଅଧିକାରୀ ହେବ; ଆମ୍ଭେ ତାହାର ଈଶ୍ୱର ହେବୁ, ପୁଣି ସେ ଆମ୍ଭର ପୁତ୍ର ହେବ ।

୧ମ କରିନ୍ଥୀୟ ୧୫:୫୩- କାରଣ ଏହି କ୍ଷୟ ଶରୀରକୁ ଅକ୍ଷୟତା ରୂପେ ବସ୍ତ୍ର ପରିଧାନ କରିବାକୁ ହେବ, ଆଉ ଏହି ମର୍ତ୍ତ୍ୟ ଶରୀରକୁ ଅମରତା ରୂପ ବସ୍ତ୍ର ପରିଧାନ କରିବାକୁ ହେବ ।

୧ମ କରିନ୍ଥୀୟ ୧୫:୫୫ "ଜୟ ମୃତ୍ୟୁକୁ ଗ୍ରାସ କରିଅଛି । ରେ ମୃତ୍ୟୁ, କାହିଁ ତୋର ଜୟ? ରେ ମୃତ୍ୟୁ, କାହିଁ ତୋର ନାହୁଡ଼?"

୧ମ ଯୋହନ ୫:୧୧ ସେହି ସାକ୍ଷ୍ୟ ଏହି ଯେ, ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି ପୁଣି ସେହି ଜୀବନ ତାହାଙ୍କ ପୁତ୍ରଙ୍କ ଠାରେ ଅଛି ।

ମାଥିଉ ୧୦:୨୮- ଆଉ ଯେଉଁମାନେ ଶରୀରକୁ ବଧ କରନ୍ତି, କିନ୍ତୁ ଆତ୍ମାକୁ ବଧ କରି ପାରନ୍ତି ନାହିଁ, ସେମାନଙ୍କୁ ଭୟ କର ନାହିଁ, ବରଂ ଯେ ଶରୀର ଓ ଆତ୍ମା ଉଭୟଙ୍କୁ ନରକରେ ବିନଷ୍ଟ କରି ପାରନ୍ତି, ତାହାଙ୍କୁ ହିଁ ଭୟ କର ।

ଗାଲତୀୟ -୫:୧ ସାଧିନତା ନିମନ୍ତେ ଖ୍ରୀଷ୍ଟ ଆମ୍ଭମାନଙ୍କୁ ମୁକ୍ତ କରିଅଛନ୍ତି, ଅତ୍‌ଏବ ସ୍ଥିର ହୋଇ ରୁହ ଏବଂ ଦାସତ୍ୱ ଯୁଆଳିରେ ଆଉ ଥରେ ଯୋଚା ନ ଯାଅ ।

### ୧୦ କନ୍ୟା ମାନଙ୍କ ମଧ୍ୟରେ ୫ଜଣ ସୁବୁଦ୍ଧି ଏବଂ ଆଉ ୫ଜଣ ନିର୍ବୁଦ୍ଧି ଥିଲେ ।

ସେତେବେଳେ ସର୍ଗରାଜ୍ୟ ଦଶ ଜଣ କନ୍ୟାଙ୍କ ସଦୃଶ୍ୟ ହେବ; ସେମାନେ ଆପଣା ଆପଣା ପ୍ରଦୀପ ଘେନି ବରଙ୍କ ସହିତ ସାକ୍ଷାତ୍ କରିବାକୁ ବାହାରିଲେ । ସେମାନଙ୍କ ମଧ୍ୟରୁ ୫ଜଣ ନିର୍ବୁଦ୍ଧି ଓ ୫ଜଣ ସୁବୁଦ୍ଧି ଥିଲେ । ନିର୍ବୁଦ୍ଧି ମାନେ ପ୍ରଦୀପ ନେବା ସମୟରେ ନିଜ ନିଜ ସହିତ ତୈଳ ନେଲେ ନାହିଁ, ମାତ୍ର ସୁବୁଦ୍ଧି ମାନେ ଆପଣା ଆପଣା ପ୍ରଦୀପ ସହିତ ପାତ୍ରରେ ତୈଳ ନେଲେ । ବର ଆସିବାର ବିଳମ୍ବ ହୁଅନ୍ତେ ସମସ୍ତେ ଢୁଳାଇ ଢୁଳାଇ ଶୋଇ ପଡ଼ିଲେ । କିନ୍ତୁ ଅର୍ଦ୍ଧ ରାତ୍ରରେ ଏହି ଦେଖ ବର ତାହାଙ୍କ ସାଙ୍ଗରେ ସାକ୍ଷାତ କରିବାକୁ ବାହରେଏପରି କୋଳାହଳ ହେଲା (ମାଥିଉ ୨୫:୧-୪)



# ପ୍ରଥମ ଭାଗ ସମାପ୍ତ

# ଦ୍ୱିତୀୟ ଭାଗ

## କ୍ଷୁଦ୍ର ପୁସ୍ତକ



## ଦାନିଏଲ୍‌ଙ୍କ ସମୟସୀମା ଏବଂ ଆପୋକାଲିପ୍ଟିକ୍ ଘଟଣାଗୁଡ଼ିକର ବ୍ୟାଖ୍ୟା ।

ଏହି ଭାଗରେ ଆମ୍ଭେ ମାନେ ଦାନିଏଲ ଭାବବାଦୀଙ୍କ ଦର୍ଶନରେ ପୃଥିବୀ ଧ୍ୱଂଶ ହେବାର ଅଦ୍ଭୁତ ଘଟଣାବଳିର ବ୍ୟାଖ୍ୟା:- ଦାନିଏଲ ପୁସ୍ତକ ଦ୍ବିତୀୟ ଅଧ୍ୟାୟ, ଯାହା ପ୍ରାୟ ୬୦୦ ଖ୍ରୀଷ୍ଟ. ପୂର୍ବର ବହୁ ପୂର୍ବର ଘଟଣା, ରାଜାଙ୍କୁ ସପ୍ନ ମାଧ୍ୟମରେ ଦର୍ଶାଯାଇଥିଲା ଏବଂ ପୃଥିବୀ ଇତିହାସର ସମୀକ୍ଷା ବିଷୟ ଶିକ୍ଷା କରିବା ।



ପିଲା ଦିନରୁ
ହିଁ ମୁଁ ଜାଣିବାକୁ ଚାହୁଁଥିଲି
କାହିଁକି ଏବଂ କିପରି
ଏହା ଘଟିତ ହୋଇପାରେ ।

ଶୈଶବରୁ ହିଁ ମୋର ଇତିହାସ ପ୍ରତି ରୁଚି ଥିଲା । ଏଣୁ ମୁଁ ବାବିଲୋନର ଝୁଲନ୍ତା ବଗିଚା ବିଷୟ ଏବଂ ମେଦ୍ବାସ ଓ ପାର୍ଶୀ ମାନଙ୍କର ଅପରିବର୍ତ୍ତନୀୟ (ବଦଳା ଯାଇ ନ ପାରିବା) ବ୍ୟବସ୍ଥା ଜାଣିଲି । ଆଲେକ୍‌ଜାଣ୍ଡେର ମହାନ ଏବଂ ତାଙ୍କର ଅଶ୍ୱ ବକେଫାଲୋସ ନାମକ ଅଶ୍ୱ ବିଷୟରେ ଅତ୍ୟନ୍ତ କୌତୁହଳ ହେଲି; ରୋମୀୟମାନଙ୍କ ଦ୍ୱାରା ଏବଂ ସେମାନେ କିପରି ଆପଣା ସମ୍ରାଜ୍ୟ ବ୍ୟାପି ପ୍ରତ୍ୟେକ ଯାଗାକୁ ଅଗ୍ରସର ହୋଇ ହଜାର ହଜାର ମାଇଲ ଅତିକ୍ରମ କରି ରାଜ ପଥ ନିର୍ମାଣ କରି ଚାଲିଲେ । ସେହି କିଛି ସମୟ ଶାନ୍ତ ବାତାବରଣ ଥିଲା । ଯଦି ଏହା ସତ୍ୟ ଥାଏ ତାହା ହେଲେ ଅବଶିଷ୍ଟ ସମୟର ସମୀକ୍ଷା ମଧ୍ୟ ଆସିବ ଏଥିରେ ବିଶ୍ୱାସ କରିବା ଯଥେଷ୍ଟ କାରଣ ଅଛି ।

ଇତିହାସ ରେଳ ଚଳାଚଳର ସମୟ ନିର୍ଘଣ୍ଟ ପରି ହୋଇ ପାରେ ସମୟ ନିର୍ଘଣ୍ଟ ଅନୁସାରେ ଆମ୍ଭେ ମାନେ ହୁଏତ କେତୋଟି ରେଳ ଷ୍ଟେସନ ଅତିକ୍ରମ କରିଅଛୁ ଏବଂ ଶେଷ ସଂଚାର ସଂସ୍ଥାନ (ଷ୍ଟେସନ) ରୋମ ସାମ୍ରାଜ୍ୟ କାର୍ଯ୍ୟକ୍ରମ ଏବଂ ସମୟ ଯଦି ଉତମ ତାହା ହେଲେ ପରିଶେଷରେ ପରବର୍ତ୍ତୀ କାର୍ଯ୍ୟକ୍ରମରେ ଆପଣା ରାଜ୍ୟ ଗଠନ ନିମନ୍ତେ ତାହାର ନେତା ଯୀଶୁ ଖ୍ରୀଷ୍ଟଙ୍କର ପୁନରାଗମନର ଅନ୍ତିମ ସଂସ୍ଥାନ (ଷ୍ଟେସନ) ନୂତନ ପୃଥିବୀ ନିର୍ମାଣ ହେବା ଉଚିତ ।

ଠିକ ଏହି ସମୟରେ ଆମ୍ଭେମାନେ ପ୍ରାକୃତିକ ଭୁଭାଗ ଏବଂ ପର୍ବତମାନ ମଧ୍ୟ ଦେଇ ଗତି କରୁଅଛୁ । ପରବର୍ତ୍ତୀ ଷ୍ଟେସନକୁ ପହଁଛିବା ପୂର୍ବରୁ ଯେଉଁ କାର୍ଯ୍ୟକ୍ରମ ପୂର୍ବରୁ ଦର୍ଶାଯାଇ ଅଛି, ସେହି ପ୍ରାକୃତିକ ଭୁଭାଗ ଏବଂ ପର୍ବତଗଣ ତଥା ମହାମାରୀ ଦୁର୍ଭିକ୍ଷ ଏବଂ ଯୁଦ୍ଧ ଇତ୍ୟାଦି ଦେଇ ଗତିକରୁଅଛୁ । ଆପଣ ପରବର୍ତ୍ତୀ ସସ୍ଥାନ ଷ୍ଟେସନ୍ ରେ ପହଞ୍ଚିବାର ଘୋଷଣା ଏବଂ ସିଟି ର ସ୍ୱର ଶୁଣି ପାରୁଛନ୍ତି କି?



କ'ଣ ଏହା ଜାଗ୍ରତ ହେବାର ସମୟ କି?



ଅତ୍ଏବ ଆସ ଆମ୍ଭେମାନେ ଅନ୍ୟମାନଙ୍କ ପରି ନିଦ୍ରିତ ନ ହେଇ, ମାତ୍ର ଜାଗ୍ରତ ହୋଇ ସଚେତନ ରହି ଥାଉ (୧ମ ଥେସଲନୀକୀୟ ୫-୬)
ପ୍ରଥମ ଏହାଜ୍ଞାତ ହୁଅ ଯେ ଶେଷକାଳରେ ଆପଣା ଅପଣା ଅଭିଳାଷାନୁସାରେ ଆଚରଣ କାରୀ ପରିହାସକ ଲୋକେ ଉପସ୍ଥିତ ହୋଇ ପରିହାସ କରି କହିବେ। ତାହାଙ୍କ ଆଗମନର ପ୍ରତିଜ୍ଞା କାହିଁ? କାରଣ ପିତୃ ପୁରୁଷ ମାନଙ୍କ ମହାନିଦ୍ରା ପ୍ରାପ୍ତ ହେବା ସମୟ ଠାରୁ ଏ ପର୍ଯ୍ୟନ୍ତ ସମସ୍ତ ବିଷୟ ସୃଷ୍ଟିର ଆରମ୍ଭରେ ଯେପରି ଥିଲା ସେହିପରି ରହିଛି (୨ୟ ପିତର ୩:୩-୪)
କାରଣ ଏହି ଲୋକଙ୍କର ହୃଦୟ ଜଡ଼ ହେଲା ସେମାନେ କାନରେ କଷ୍ଟରେ ଶୁଣିଲେ ଓ ଆପଣା ଆପଣା ଆଖି ବୁଜିଲେ ଯେ ପରି ସେମାନେ ଆଖିରେ ଦେଖିବେ ନାହିଁ ଓ କାନରେ ଶିଣିବେ ନାହିଁ ଆଉ ହୃଦୟରେ ବୁଝିବେ ନାହିଁ; ପୁଣି ଫେରି ଆସିବେ ନାହିଁ । ଆଉ ଆମ୍ଭେ ସେମାନଙ୍କୁ ସୁସ୍ଥ କରିବୁ ନାହିଁ । କିନ୍ତୁ ଧନ୍ୟ ସେମାନଙ୍କ ଚକ୍ଷୁ ଯେଣୁ ତାହା ଦେଖେ, ଧନ୍ୟ ତୁମ୍ଭମାନଙ୍କ କର୍ଣ୍ଣ ଯେଣୁ ତାହା ଶୁଣେ ( ମାଥିଉ ୧୩:୧୫,୧୬)

# ଖ୍ରୀ.ପୂ ୬୦୬ ଇତିହାସର ସଂକ୍ଷିପ୍ତ ବିବରଣୀ ଏବଂ ପରବର୍ତ୍ତି ସମୟ

ଦାନିଏଲ ଭାବବାଦୀଙ୍କ ପୁସ୍ତକର ଦ୍ୱିତୀୟ ଅଧ୍ୟାୟରେ ରାଜା ନବଖଦ୍ ନିଷ୍ଠର ଏକ ଗୁରୁତ୍ୱପୂର୍ଣ୍ଣ ସପ୍ନ ଦେଖିଲେ, ଯାହା ସେ ଭୁଲିଗଲେ । ଦାନିଏଲ ପ୍ରାର୍ଥନା କରନ୍ତେ ତାଙ୍କୁ ଏକ ଛାଞ୍ଚ ତିଆରି ମୂର୍ତ୍ତି, ସପ୍ନ ରେ ଅର୍ଥ ସହିତ ପ୍ରକାଶିତ ହେଲା ଏହା ମଧ୍ୟ ପ୍ରାଚ୍ୟ ସାମ୍ରାଜ୍ୟ ଉପରେ ରାଜ୍ୟ କରିବା ବିଷୟର ସାରାଂସ ଥିଲା ।



ବାବିଲୋନ - ସୁବର୍ଣ୍ଣ ମସ୍ତକ ଥିଲା ।[୧] ବାବିଲୋନରେ ପ୍ରଚୁର ସୁବର୍ଣ୍ଣର ବ୍ୟବହାର ଥିଲା । (୬୦୬-୫୩୯ ଖ୍ରୀ.ପୂ)

**୨ ବାହୁ ଓ ବକ୍ଷ ଓ ରୌପ୍ୟମୟ ଥିଲା**[୨] ଏହି ୨ ବାହୁ ମେଡ଼ାଶ୍ ଏବଂ ପାର୍ଶିଆର ୨ ସାମ୍ରାଜ୍ୟ । (୨ ବାହୁ ଅର୍ଥାତ ୨ ସାମ୍ରାଜ୍ୟ ମିଳିତ ହୋଇ ଥିଲେ) ୫୩୯-୩୩୩ ଖ୍ରୀ.ପୂ.

**ଉଦର ପିତଳମୟ ଥିଲା**[୩] (ଗ୍ରୀକ୍ କଳା ବହୁ ମାତ୍ରାରେ ପିତଳରେ ଥିଲା, ଗ୍ରୀକ୍ ଯୌନ ସମ୍ବନ୍ଧୀୟ ଅଙ୍ଗ, ଯୌନ ପ୍ରକିୟାରେ ନିୟନ୍ତ୍ରଣ ମୁକ୍ତ ଥିଲେ ବୋଲି କୁହାଯାଏ । ଏଣୁ ଏହା ଏକ କିମ୍ବଦନ୍ତି ଏବଂ ଜ୍ଞାନୀ ମାନଙ୍କୁ ବୁଝାଏ ।) ୩୩୩-୪୪ ଖ୍ରୀ.ପୂ

**ଦୁଇ ଚରଣ ଲୌହମୟ**[୪] (ରୋମ ସାମ୍ରାଜ୍ୟ) ଚରଣ, ରୋମୀୟ ସ୍ଥଳ ସେନା ସମଗ୍ର ୟୁରୋପ ଏବଂ ଉତ୍ତର ଆଫ୍ରିକା ପର୍ଯ୍ୟନ୍ତ ଅଗ୍ରସର ହେଉଥିବାର ସୂଚନା ଦିଏ । ଦୁଇ ଚରଣ ଅର୍ଥାତ ରୋମ ସାମ୍ରାଜ୍ୟ ଯେପରି ପୂର୍ବ ଓ ପଶ୍ଚିମ ଦୁଇ ଭାଗରେ ବିଭକ୍ତ ।
୪୪ ଖ୍ରୀ.ପୂ -୪୭୬ ଖ୍ରୀଷ୍ଟାବ୍ଦ

**ପାଦ ଓ ଅଙ୍ଗୁଳି ଲୌହ ଏବଂ ମୃତିକା ମୟ ଥିଲା ।**[୫] (ମୃତିକା ପାଦର କ୍ଷୁଦ୍ର ଅଂଶ ଗଣତନ୍ତ୍ରକୁ ସୂଚିତ କରେ । ଲୌହ ଏକଛତ୍ର ବାଦକୁ ବୁଝାଏ । ଦୁଇ ପାଦ ବିଭକ୍ତ ହେବ ପୃଥିବୀ ପୂର୍ବ ପଶ୍ଚିମ, ଅଙ୍ଗୁଳି, ୧୦ ଅଙ୍ଗୁଳି ଦଶ ଶେଷ ରାଜ୍ୟ ଗୁଡ଼ିକୁ ସୁଚିତ କରେ ବା ପୃଥିବୀର ଦଶ ଅଞ୍ଚଳ ବୋଲି ଏବଂ ଯାହା ଚଞ୍ଚଳ ଘଟିବାକୁ ଯାଉଛି । ଦଶ ରାଜା ଯେଉଁମାନେ ଏ ପର୍ଯ୍ୟନ୍ତ ରାଜାମାନଙ୍କ ପରି କ୍ଷମତା ପ୍ରାପ୍ତ ହେବେ ।[୬]

ଗୋଟିଏ ପ୍ରସ୍ତର - ପ୍ରସ୍ତର ଦର୍ଶନରେ ସପ୍ନ ସାମପ୍ତ ହୁଏ । ଗୋଟିଏ ପ୍ରସ୍ତର ଯାହା ମୂର୍ତ୍ତିର ପାଦକୁ ଆଘାତ କରି ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାଇଲା ।[୭] ମୁର୍ତ୍ତି ଧୁଳିରେ ତୃଷତୁଲ୍ୟ ହେଲା, ଆଉ ବାୟୁ ସେସବୁକୁ ଉଡ଼ାଇ ନେଲା । ଏହି ପ୍ରସ୍ତର ବଢ଼ି ଏକ ମହାପର୍ବତ ହେଲା ଆଉ ସମୂଦାୟ ପୃଥିବୀକୁ ପୂର୍ଣ କଲା ।[୮] ଦାନିଏଲ ଏହାର ଏପରି ଅର୍ଥ କରନ୍ତି ଯେ ଏହି ରାଜା ମାନଙ୍କ ସମୟରେ ସର୍ଗୀୟ ପରମେଶ୍ୱର ଏକ ରାଜ୍ୟ ସ୍ଥାପନ କରିବେ ଯାହା କଦାପି ବିନଷ୍ଟ ହେବ ନାହିଁ ।[୯]

ଦାନିଏଲ ନବଖଦନିଷ୍ଠର ରାଜାଙ୍କୁ ଅର୍ଥ କହି ସମାପ୍ତ କଲେ ।

**ଏହି ସପ୍ନ ନିଶ୍ଚିତ, ଏହାର ଅର୍ଥ ମଧ୍ୟ ନିଶ୍ଚିତ ।**[୧୦]



(୧) ଦାନିଏଲ ୨:୩୨ ଓ ୨୮
(୨) ଦାନିଏଲ ୨:୩୨ ଓ୩୯
(୩) ଦାନିଏଲ ୨:୩୨ ଓ ୩୯
(୪) ଦାନିଏଲ ୨:୩୩-୪୦
(୫) ଦାନିଏଲ ୨:୪୧-୪୩
(୬) ପ୍ରାକାଶିତ ବାକ୍ୟ ୧୭:୧୨
(୭) ଦାନିଏଲ ୨:୩୪ ଓ ୪୪,୪୫
(୮) ଦାନିଏଲ ୨:୩୫
(୯) ଦାନିଏଲ ୨:୪୪
(୧୦) ଦାନିଏଲ ୨:୪୫

ସେତେବେଳେ ରାଜା ନବଖଦନିଷ୍ଠର ମୁହ ମାଡି ପଡ଼ି ଦାନିଏଲଙ୍କୁ ପ୍ରଣାମ କଲା ଓ ଲୋକମାନେ ଯେପରି ତାଙ୍କ ଉଦ୍ଦେଶ୍ୟରେ, ନୈବେଦ୍ୟ ଓ ସୁଗନ୍ଧି ଧୂପ ଉତ୍ସର୍ଗ କରିବେ ଏହା ଆଜ୍ଞା କଲା । ରାଜା ଦାନିଏଲଙ୍କୁ ଉତ୍ତର କରି କହିଲା ତୁମ୍ଭେ ଏହି ନିଗୂଢ଼ କଥା ପ୍ରକାଶ କରିବାକୁ ସମର୍ଥ ହୋଇଅଛ, ଏଥିପାଇଁ ନିଶ୍ଚୟ ତୁମ୍ଭର ପରମେଶ୍ୱର ଈଶ୍ୱର ଗଣର ଈଶ୍ୱର ଓ ରାଜ ଗଣର ପ୍ରଭୁ ଓ ନିଗୂଢ଼ ବିଷୟମାନରେ ପ୍ରକାଶକ ଅଟନ୍ତି । (ଦାନିଏଲ -୨:୪୬-୪୭)

# ସପ୍ତ ମସ୍ତକ ଏବଂ ସପ୍ତ ଶୃଙ୍ଗ ବିଶିଷ୍ଟ ପ୍ରକାଣ୍ଡ ସର୍ପ ବା ଶୟତାନ [୧]



**ସପ୍ତ ମସ୍ତକ** ସପ୍ତ ବୃହତ ସାମ୍ରାଜ୍ୟକୁ ବୁଝାଏ । ପୃଥିବୀର ଏହି ସାମ୍ରାଜ୍ୟ ଗୁଡ଼ିକ ଯେଉଁ ମାନେ ମଧ୍ୟ ପ୍ରାଚ୍ୟ ଉପରେ ରାଜ୍ୟ କଲେ

(୧) ମିଶର
(୨) ଆଶିରିଆ
(୩) ବାବିଲୋନ
(୪) ମଧ୍ୟ ପେର୍‌ଶିଆ
(୫) ଗ୍ରୀସ୍
(୬) ରୋମ
(୭) ନୂତନ ବିଶ୍ୱକ୍ରମ

ଶୟତାନ ର ସପ୍ତ ମସ୍ତକ ଏହା ଦର୍ଶାଏ ଯେ ପୃଥିବୀ ସାମ୍ରାଜ୍ୟ ଗୁଡ଼ିକ ପଛରେ ତାର ଶକ୍ତି ନିହିତ ଅଛି । ସେଥି ନିମନ୍ତେସେ ସେମାନଙ୍କୁ ଯୀଶୁଙ୍କ ଠାରେ ସମର୍ପଣ କରିବାର ପ୍ରସ୍ତାବ ରଖେ, କାରଣ ଶୟତାନ ସେମାନଙ୍କ ଉପରେ କର୍ତ୍ତୃତ୍ୱ କରେ ଏବଂ ବନ୍ଧା ଦୌଡ଼ିରେ ଟାଣେ । ଶୟତାନ ତାହାକୁ ଜଗତର ସମସ୍ତ ରାଜ୍ୟ ଓ ସେ ସବୁର ଐଶ୍ୱର୍ଯ୍ୟ ଦେଖାଇ କହିଲା ତୁମ୍ଭେ ଯେବେ ଆମ୍ଭକୁ ଭୂମିଷ୍ଠ ପ୍ରଣାମ କରିବ ତେବେ ଆମ୍ଭେ ଏହି ସମସ୍ତ ତୁମ୍ଭକୁ ଦେବା ।[୨]

"ସେହି ପଶୁ, ତାହା ଥିଲା ଏବେ ନାହିଁ, ଏପରିକି ସେ **ଅଷ୍ଟମ** ତଥାପି ସେ ସେହି ସପ୍ତ ରାଜା ମାନଙ୍କ ମଧ୍ୟରୁ ଜଣେ"[୩] ତାହାର ଅର୍ଥ ଶୟତାନ ଯେ ସପ୍ତ ସାମ୍ରାଜ୍ୟ ଉପରେ କର୍ତ୍ତୃତ୍ୱ କରେ ସେ ମଧ୍ୟ ସହସ୍ର ବର୍ଷ ଶେଷରେ **ଆଠ ରାଜ୍ୟ ଉପରେ ରାଜ୍ୟ କରିବ,** କିନ୍ତୁ କେବଳ ଅଳ୍ପ କାଳ ନିମନ୍ତେ ।[୪]

## ଶୟତାନର କେତୋଟି ଚାରିତ୍ରିକ ଗୁଣ ଗୁଡ଼ିକ

୧-ସ୍ତ୍ରୀ ମାନଙ୍କୁ ବାଞ୍ଛା କରିବ ନାହିଁ । ..........................................(ଦାନିଏଲ ୧୧:୩୬-୩୯)
୨-ଚକ୍ଷୁ ଯୁକ୍ତ ଶୃଙ୍ଗ (ବଡ଼ ଭାଇ ଦେଖୁଛନ୍ତି ( ସି.ସି.ଟି.ଭି କେମେରା ) .................. (ଦାନିଏଲ ୭:୮)
୩-ଈଶ୍ୱର ନିନ୍ଦା କରିବ ଏବଂ ଅନେକଙ୍କୁ ବିନାଶ କରିବ ............................(ଦାନିଏଲ ୮:୨୩-୨୫)
୪-ଯୀଶୁଙ୍କ ନାମ ହେତୁ ବିଶ୍ୱାସୀମାନଙ୍କୁ ଅତ୍ୟାଚାର କରିବ ...................... ( ପ୍ରକାଶିତ ୧୨:୧୭)
୫- ଗୁଣି ଗାରେଡ଼ି/ ମନ୍ତ୍ର ତନ୍ତ୍ର ପ୍ରୋତ୍ସାହନ କରିବ ................................ (ଦାନିଏଲ ୮:୨୩-୨୫)
୬- ମିଥ୍ୟା ବାଦୀ ଏବଂ ପ୍ରତାରଣା ର ଶିରୋମଣି .............( ଯୋହନ ୮-୪୪) ( ଦାନିଏଲ ୧୧:୨୭)
୭- ଅତି ଅଳ୍ପ ଲୋକରେ ପରାକ୍ରମୀ ....................................................(ଦାନିଏଲ ୧୧:୨୩)
୮- ଦୁର୍ଗର ଦେବତା ଅଜ୍ଞାତ ଦେବତାର ପୂଜା କରିବ ..................................(ଦାନିଏଲ ୧୧:୩୮)
୯- ଯୁଦ୍ଧ ପରେ ଯୁଦ୍ଧ କରିବ ..................................................(ଦାନିଏଲ ୧୧:୨୫-୪୪)
୧୦- ଯାନ୍ତ୍ରିକ ରୋବଟ୍ ର ଉପାସନା କରିବାକୁ ବାଧ୍ୟ କରିବ ........................(ପ୍ରକାଶିତ ୧୩:୧୫)
୧୧- ଅଧିକାର ପାଇଁ ଭୂମି ବିଭାଗ କରିବ (ସହଯୋଗୀମାନଙ୍କୁ ଆପଣା ନିରାପତା ପାଇଁ ) (ଦାନିଏଲ ୧୧:୩୯)
୧୨-ଶୟତାନ ଅଧିକୃତ ହେବା .......................................(ପ୍ରକାଶିତ ୧୨:୧୨) (୧୩:୨)
୧୩-ପରିଶେଷରେ - ପରମାଣୁ ଦ୍ୱାରା ଧ୍ୱଂଶ, ହର୍ମିଗିଦ୍ଦୋନ, ଅଗ୍ନିମୟ ହ୍ରଦ ( ଦାନିଏଲ ୧୧:୪୪) (ଯିଖରିୟ ୧୪:୧୨) (ପ୍ରକାଶିତ ୧୮:୮-୧୦) (ପ୍ରକାଶିତ ୧୬:୧୬) ପ୍ରକାଶିତ ୧୯:୧୯-୨୦

**ବିଚାରା ଶୟତାନ, ପରିଶେଷରେ ଅଗ୍ନିମୟ ହ୍ରଦରେ ଶୋଚନୀୟ ଭାବରେ ବିଭତ୍ସ ଜୀବନ ନେଇ ସମାପ୍ତ ହେବ, ଆପଣ ଖୁସି ନୁହନ୍ତି କି? ଆପଣ ତାର ନିୟନ୍ତ୍ରଣରେ ନାହାନ୍ତି ତ ?**



୧. ପ୍ରକାଶିତ ୧୨:୩,୧୭:୩-୭ ୨. ମାଥିଉ ୪:୮-୯ ୩. ପ୍ରକାଶିତ ୧୭:୧୧
୪. ପ୍ରକାଶିତ ୨୦:୩,୭,୮,୯

ଭଣ୍ଡ ଖ୍ରୀଷ୍ଟ ବିଷୟରେ ଅଧିକ ଜାଣିବାକୁ ୧ମ କରିନ୍ଥୀୟ ୧୩ : ପଢ଼ନ୍ତୁ ଏବଂ ପ୍ରେମ, ସେବା ବାହାର କରନ୍ତୁ ।
ଦୃତ ସଦୃଶ କଥା କହିବ, ରହସ୍ୟ ବୁଝିବ ଦରୀଦ୍ରକୁ ଖାଦ୍ୟ ଯୋଗାଇବ ଅହଂକାରୀ ହେବ, ଈର୍ଷା କରିବ, ସହଜରେ ପ୍ରରୋଚନା କରିବ, ଅଭଦ୍ର ବ୍ୟବହାର କରିବ ମନ୍ଦ ଚିନ୍ତା କରିବ । ଅଧର୍ମରେ ଆନନ୍ଦ କରିବ । (ଏହି ନାମ ତାହାର, ସେ ତାହା ପାଇଛି)

# ପୃଥିବୀ ଇତିହାସର ସପ୍ତ ମୁଦ୍ରାରେ ମୁଦ୍ରାଙ୍କିତ ପୁସ୍ତକ

ପ୍ରଥମ ଚାରି ମୁଦ୍ରା : ଚାରି ଅଶ୍ୱାରୋହୀ ଯାହା ପୁରୁଷ ମାନଙ୍କ ହୃଦୟ ପାଇଁ ବିଶ୍ୱଇତିହାସରେ ପ୍ରତିଦ୍ୱନ୍ଦତା କରେ, ପଞ୍ଚମମୁଦ୍ରା ଇତିହାସରେ ସାକ୍ଷମର । ଷଷ୍ଠ ମୁଦ୍ରା ସର୍ବ ଶେଷ ଦିନଗୁଡ଼ିକ ବିଷୟରେ । ସପ୍ତମ ମୁଦ୍ରା କ୍ଳେଶର ତୂରୀଧ୍ୱନୀ ବିଷୟରେ ଘୋଷଣା କରେ ।

## ପୃଥିବୀ ବିଧ୍ୱଂଶକାରୀ ଚାରି ଅଶ୍ୱାରୋହୀ



I **ପ୍ରଥମ ମୁଦ୍ରା** ରାଜନିତି ଓ ଧାର୍ମିକ ଅସହିଷ୍ଣୁତା, ଯାହା ନେତୃତ୍ୱର ମୁକୁଟ ଏବଂ ଜଗ ଅଭିଳାଷୀ ବିଜେତା, ମାନବ ସମାଜକୁ ଭାଗ କରିବାକୁ ସୂଚିତ କରୁଥିବା ଶ୍ୱେତ ଅଶ୍ୱ ।



II **ଦ୍ୱିତୀୟ ମୁଦ୍ରା** ବିଭିନ୍ନ ପୃଥିବୀରୁ ଶାନ୍ତି ଆହରଣ (ଲୋପ) ଓ ଯୁଦ୍ଧ ନିମନ୍ତେ ସହିତ ଲୋହିତ ବର୍ଣ୍ଣର ଅଶ୍ୱ ।



III **ତୃତୀୟ ମୁଦ୍ରା** ବ୍ୟବସାୟୀକ କୃଷ୍ଣକାୟ ଅଶ୍ୱ ଯୁଦ୍ଧ ଦ୍ୱାରା ଧନ ଶାଳୀ ହେବାକୁ ବୁଝାଏ । ଟଙ୍କାକୁ ସେରେ ଗହମ ଓ ଟଙ୍କାକୁ ତିନିସେର ଯବ ହେବ, କିନ୍ତୁ ତୁମେ ତୈଳ ଓ ଦ୍ରାକ୍ଷାରସ କ୍ଷତି କର ନାହିଁ । ' - ଏଠାରେ ଆପଣ ଦେଖି ପାରିବେ କିପରି ଏକ ବହୁତ ବଡ଼ ବ୍ୟବସାୟିକ ଅନୁଷ୍ଠାନ ଦୈନିକ ଖାଦ୍ୟର ଡଣ୍ଡିରୋଧ କରିଅଛି; ଯାହା ଗହମ ଓ ବାଲି ଦ୍ୱାରା ପ୍ରତିନିଧିତ୍ୱ କରେ, ଯେତେବେଳେ ଜୀବନ ବଂଚିବା ନିମନ୍ତେ ଉତ୍ତମ ଖାଦ୍ୟ ର ପ୍ରତୀକ, ତୈଳ ଏବଂ ଦ୍ରାକ୍ଷା ରସର ସନ୍ତୋଷ ଜନକ ସଙ୍କୃୟ ଯୋଗାଣର ବ୍ୟବସ୍ଥା ଅଛି ।



IV **ଚତୁର୍ଥ**, ମୃତ୍ୟୁ ସୂଚକ ଏକ କ୍ଷୀଣ ଅଶ୍ୱ, ଅନ୍ୟ ଅଶ୍ୱରୋହୀ ମାନେ ପୃଥିବୀରେ ରୋପଣ କରିଥିବା ମୃତ୍ୟୁ ଏବଂ ବିନାଶ ର ନରକ ସୃଷ୍ଟି କରିଛନ୍ତି ପୁଣି, ଆମ୍ଭମାନଙ୍କ ସାର୍ଥପରତା ରୁପି ପାପର ପରିଣାମ ରୁପି ଶସ୍ୟ ସଂଗ୍ରହ କରିବାକୁ ଉତ୍ସୁକ ଅଛି ।

V ଯେତେବେଳେ ସେ **ପଞ୍ଚମ ମୁଦ୍ରା** ଭାଙ୍ଗିଲେ; ସାକ୍ଷ୍ୟମର ହୋଇଥିବା ଆତ୍ମାମାନଙ୍କୁ ଚିତ୍କାର କରି ଏହା କହୁଥିବାର ଶୁଣିଲି ହେ ପବିତ୍ର, ସତ୍ୟ ପ୍ରଭୁ ଆଉ କେତେ କାଳ ତୁମ୍ଭେ ବିଚାର ନ କରି ଆମ୍ଭମାନଙ୍କ ରକ୍ତର ପରିଶୋଧ ନ ନେବ?

VI **ଷଷ୍ଠ ମୁଦ୍ରା** ସଂପୂର୍ଣ୍ଣ ଅନ୍ତିମ ଦିନକୁ ଅର୍ଥାତ ଭୁମିକମ୍ପ, ଈଶ୍ୱରଙ୍କ ମହାକ୍ରୋଧର ଦିନ ଏବଂ ସାଧୁ ମାନଙ୍କୁ ଈଶ୍ୱରଙ୍କୁ ଠାରୁ ମୁଦ୍ରାଙ୍କ ଗ୍ରହଣ କରୁଥିବା କୁ ସୂଚିତ କରେ ।

VII ଯେତେବେଳେ **ସପ୍ତମ ମୁଦ୍ରା** ଭଙ୍ଗାଗଲା ସର୍ଗରେ ଅର୍ଦ୍ଧ ଘଡିକା ପର୍ଯ୍ୟନ୍ତ ନିରବତା ବିରାଜିତ ହେଲା । ଏହାର ଅର୍ଥ ସପ୍ତ କ୍ଳେଶ ତୂରୀ ଧ୍ୱନିର ଆରମ୍ଭ ।

**ଏହି ପୁସ୍ତକ ଉନ୍ମୋଚନ କରିବାକୁ କେବଳ ଯୀଶୁ ହିଁ ଯୋଗ୍ୟ !**



(୧) ପ୍ରକାଶିତ ବାକ୍ୟ -୬:୧-୧୧ (୨) ପ୍ରକାଶିତ ବାକ୍ୟ ୬:୬

ଆଉ ମୁ ଜଣେ ପରାକ୍ରମୀ ଦୂତଙ୍କୁ ଦେଖିଲି ସେ ଉଚ ସ୍ୱରରେ ଘୋଷଣା କରି କହୁଥିଲେ କିଏ ଏହି ମୁଦ୍ରା ସବୁ ଭାଙ୍ଗି ପୁସ୍ତକ ଫିଟାଇବାକୁ ଯୋଗ୍ୟ, ସେମାନେ ଗୋଟିଏ ନୂତନ ଗୀତ ଗାନ କରି କହିଲେ, ତୁମ୍ଭେ ସେହି ପୁସ୍ତକ ନେବାକୁ ଓ ସେଥିର ମୁଦ୍ରା ସବୁ ଭାଙ୍ଗିବେବାକୁ ଯୋଗ୍ୟ ଅଟ, କାରଣ ତୁମ୍ଭେ ହତ ହୋଇ ଥିଲ ପୁଣି ଆପଣା ରକ୍ତ ଦ୍ୱାରା ସମସ୍ତ ଗୋଷ୍ଠି, ଭାଷାବାଦୀ ବଂଶ ଓ ପ୍ରାଣୀ ମଧ୍ୟରୁ ଈଶ୍ୱରଙ୍କ ନିମନ୍ତେ ଲୋକ ମାନଙ୍କୁ କ୍ରୟ କରିଅଛ ( ପ୍ରକାଶିତ ବାକ୍ୟ ୫:୨,୮,୯)

# ସତୁରି ସପ୍ତାହର ଭବିଷଦ୍‌ବାଣୀ

ଗତ ସାତ ବର୍ଷ ସମ୍ବନ୍ଧିତ ଭବିଷଦବାଣୀ ସାଧାରଣତଃ ଏକ ଭବିଷଦବାଣୀ ଦ୍ୱାରା ପୂର୍ବରୁ ହୋଇଥାଏ, ଯାହା ପୂର୍ବରୁ ସଫଳ (ପୂର୍ଣ୍ଣ) ହୋଇ ସାରିଛି । ସଫଳ ହୋଇଥିବା ଭବିଷଦବାଣୀ ଦର୍ଶାଏ ଯେ, ଭବିଷଦବାଣୀର ପରବର୍ତ୍ତି ଅଂଶ ମଧ୍ୟ ଘଟିବ ।

ତୁମ୍ଭେମାନେ ସଦାପ୍ରଭୁଙ୍କ ପୁସ୍ତକରୁ ଅନୁସନ୍ଧାନ କରି ପାଠ କର, ଏଥି ମଧ୍ୟରୁ କେହି ବିଫଳ ନୋହିବ; କେହି ଆପଣା ସଙ୍ଗିନୀ ବିହୀନ ନୋହିବ, କାରଣ ମୋ ମୁଖ ଦ୍ୱାରା ସେ ଏହି ଆଜ୍ଞା ହୋଇଅଛି ।

ଗୋଟିଏ ଭବିଷଦବାଣୀର ସାଥି (ଅଂଶ) ହିଁ ଏହାର ପୂର୍ଣତା ସମସ୍ତ ଭବିଷଦବାଣୀ ସଫଳ ହେବ, କାରଣ ପରମେଶ୍ୱର ଆପଣା ବାକ୍ୟ ଅନ୍ୟଥା କରିବେ ନାହିଁ ।

ନିମ୍ନଲିଖିତ ସାତ ସପ୍ତାହର ଭବିଷଦବାଣୀ ହିଁ ସାଧାରଣରେ ପ୍ରକାଶିତ ବାକ୍ୟ ଏବଂ ବାଇବଲ ନିମନ୍ତେ ଏକ ବୃହତର କୋଣର ପ୍ରଧାନ ପ୍ରସ୍ତର ।

ଶେଷ ସପ୍ତାହ ବା ଅନ୍ତିମ ସାତ ବର୍ଷ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ ଅଟେ ।

**ଗତ ସାତ ବର୍ଷର ସମୟ ଅବଧି ଉଭୟ ଦାନିଏଲ୍ ଏବଂ ପ୍ରକାଶିତ ବାକ୍ୟରେ ଥିବା ୧୨୬୬ ଦିନ ୪୨ ମାସ ଏବଂ ୩½ ବର୍ଷ ସମ୍ବନ୍ଧରେ ପ୍ରକାଶନ ବୁଝିବାକୁ ସାହାଯ୍ୟ କରେ । ଯାହା ଆମର ବିଭ୍ରାନ୍ତ ଚିତ୍ରକୁ ସମ୍ପୂର୍ଣ୍ଣ କରିଥାଏ ।**



୧. ଯଶାୟ ୩୪:୧୬

ଗାବ୍ରିଏଲ :- ପୁଣି ସେ ମୋତେ ଶିକ୍ଷା ଦେଇ ଓ ମୋ ସଙ୍ଗେ କଥା ବାର୍ତ୍ତା କରି କହିଲେ; ହେ ଦାନିଏଲ୍ ମୁ ଏବେ ତୁମ୍ଭକୁ ବୁଦ୍ଧିର କୌଶଳ ଦେବାକୁ ଆସିଲି ତୁମ୍ଭର ବିନତିର ଆରମ୍ଭ ସମୟରେ ଆଜ୍ଞା ନିର୍ଗତ ହେଲା ଆଉ ତୁମ୍ଭକୁ ଜଣାଇବା ପାଇଁ ମୁଁ ଆସିଅଛି । କାରଣ ତୁମ୍ଭେ ଅତ୍ୟନ୍ତ ପ୍ରିୟ ପାତ୍ର ଏଥି ପାଇଁ ଏ ବିଷୟ ବିବେଚନା କର ଓ ଦର୍ଶନ ବୁଝ ( ଦାନିଏଲ ୯:୨୨-୨୩)

ବିଷୟକୁ ସ୍ପଷ୍ଟ ଭାବରେ କେନ୍ଦ୍ରିଭୁତ କରିବାକୁ ଏବଂ ବୁଝିବାକୁ ଗାବ୍ରିଏଲ ଦାନିଏଲ କୁ କହିଛନ୍ତି ଦାନିଏଲ ଅତି ମାତ୍ରାରେ ବୁଦ୍ଧିମାନ ଏବଂ ବାବିଲୋନ ପୁଣି ମାଦୀୟ-ପାର୍ଶିୟ ସାମ୍ରାଜ୍ୟର ପ୍ରଧାନ ମନ୍ତ୍ରୀ ଥିଲେ । ଆମ୍ଭେମାନେ କେତେ ଅଧିକ ମାତ୍ରାରେ ୭୦ ସପ୍ତାହର ଭବିଷଦବାଣୀର ସ୍ପଷ୍ଟ ଚିତ୍ର ହୃଦୟଙ୍ଗମ କରିବା ଓ ବୁଝିବା ଆବଶ୍ୟକ, କାରଣ ଆମ୍ଭେ ମାନେ ଏହି ଭବିଷଦବାଣୀର ଶେଷ ସପ୍ତାହ ବା ଶେଷ ସାତ ବର୍ଷରେ ପ୍ରବେଶ କରିବାକୁ ଯାଇ ଅଛୁ ।

ଅନ୍ତିମ ସପ୍ତାହର ଶେଷରେ ଯୀଶୁଙ୍କ ଆଗମନ

# ସତୁରି ସପ୍ତାହର ଭବିଷଦ୍‌ବାଣୀ

ପବିତ୍ରତମଙ୍କ ଅଭିଷେକ ଏବଂ ଯୀଶୁଙ୍କ ପୁନରାଗମନରେ ସମାପ୍ତ ହୁଏ ।






ଏବ୍ରୀ ଶବ୍ଦ ଉଚାରଣରେ ଶାବୁଆ שבוע ଭାଷାନ୍ତରେ ସପ୍ତାହ ବା ସାତ ବର୍ଷକୁ ବୁଝାଏ ଏହି ଭବିଷଦବାଣୀରେ ଏହା **ସାତ ବର୍ଷ** ବୋଲି କହିବା ଯୁକ୍ତି ଯୁକ୍ତ ଅଟେ ।

**ଦାନିଏଲ ଲେଖନ୍ତି,**

**"ସତୁରି ସପ୍ତାହ ନିରୁପିତ**

. . . ଆଜ୍ଞା ଲଂଘନ ସମାପ୍ତ କରିବାକୁ ଓ ପାପର ଶେଷ କରିବାକୁ, ଅର୍ଧମର ପ୍ରାୟଶ୍ଚିତ କରିବାକୁ ଆଉ ଅନନ୍ତକାଳସ୍ଥାୟୀ ଧର୍ମ ଆଣିବାକୁ ପୁଣି ଦର୍ଶନ ଓ ଭବିଷ୍ୟଦ୍‌ବାକ୍ୟ ମୁଦ୍ରାଙ୍କିତ କରିବାକୁ ଓ ପବିତ୍ରତମଙ୍କୁ ଅଭିଷିକ୍ତ କରିବାକୁ ତୁମ୍ଭ ଲୋକଙ୍କର ଓ ତୁମ୍ଭ ପବିତ୍ର ନଗର ନିମନ୍ତେ ସତୁରି ସପ୍ତାହ ନିରୁପିତ ହୋଇଅଛି [୧] (ଏହି ବିଷୟ ଯେତେ ବେଳେ ଭବିଷଦ୍‌ବାଣୀ ମୁଦ୍ରାଙ୍କିତ ଏବଂ ଶେଷହେଲା) ଏବଂ ପବିତ୍ରତମଙ୍କୁ ଅଭିଷେକ କରିବାକୁ ଯୀଶୁ ଖ୍ରୀଷ୍ଟଙ୍କୁ ପବିତ୍ରତମ ବୋଲି ଦର୍ଶାଯାଏ ଏବଂ ଯେତେବେଳେ ସେ ପୁନରାଗମନ କରନ୍ତି ଏବଂ ଜଗତରେ ରାଜା ରୁପେ ଅଭିଷିକ୍ତ ହୁଅନ୍ତି ।

**ଏଥିରୁ ଆମ୍ଭେମାନେ ଶିକ୍ଷା ପ୍ରାପ୍ତ ହେଉ ଯେ ସତୁରି ସପ୍ତାହ ଏବଂ ଶେଷ ସପ୍ତାହ ବା ସାତ ବର୍ଷର ଶେଷରେ ଈଶ୍ୱରଙ୍କ ରାଜ୍ୟ ସ୍ଥିରିକୃତ କରିବାକୁ ଯୀଶୁ ଆସିବେ ।**



(୧) ଦାନିଏଲ ୯:୨୪

ଏହି ସତୁରି ସପ୍ତାହ ଗୁଡ଼ିକ ତିନୋଟି କାଳରେ ବିଭକ୍ତ କରାଯାଇଛି: **୭,୬୨ ଏବଂ ଏକ ସପ୍ତାହ ।** (ଦାନିଏଲ ୯:୨୪-୨୭) ଏହି ୭୦ସପ୍ତାହ ୩୦ ଗୁଣ ସମୟ ସୀମାର ସାତ ବର୍ଷ ଅଟେ । ଏହି ଭବିଷଦ୍‌ବାଣୀରେ ଯାହା ମଙ୍ଗଳ ହେବାକୁ ଯାଉଅଛି ତାହା ସୂଚିତ କରିଥାଏ ଯେ ବାଇବଲ କେବଳ ଗୋଟିଏ ଆତ୍ମିକ ପୁସ୍ତକ ନୁହେଁ କିନ୍ତୁ ନିତସ୍ଥ ପୃଥିବୀ ପର୍ଯ୍ୟନ୍ତ ଗଣିତ ଏବଂ ସମୟ କାଳର ନିର୍ଘଣ୍ଟ ।







ଦାନିଏଲ ଆପଣା ଭବିଷ୍ୟଦ୍ ବାକ୍ୟ ଚାଲୁରଖିଲେ, ଏଥି ପାଇଁ ଜ୍ଞାନି ହୁଅ ଓ ବୁଝ ଯେ, **ଯିରୁଶାଲମକୁ ପୁନଃ ସ୍ଥାପନ ଓ ନିର୍ମାଣ କରିବାକୁ ଆଜ୍ଞା** ପ୍ରକାଶିତ ହେଲା. . .

ଅର୍ତ୍ତକ୍ଷସ୍ତ ରାଜାଙ୍କ ଅଧିକାରର ବିଂଶତମ ବର୍ଷରେ ନିହିମିୟା ଲେଖିଛନ୍ତି :- ମୁଁ ରାଜାଙ୍କୁ କହିଲି, ଯେବେ ମହାରାଜାଙ୍କର ସନ୍ତୋଷ ହୁଏ, ତେବେ ମୋତେ ଯିହୁଦା ଦେଶକୁ, ମୋର ପିତାଙ୍କ ସମାଧି ନିକଟକୁ ପଠାନ୍ତୁ ଯେପରି ମୁଁ ତାହା ପୁନଃ ନିର୍ମାଣ କରିବି; ଏବଂ ରାଜା ମୋତେ ମଞ୍ଜୁରୀ ପ୍ରଦାନକଲେ । [୩]

**ଖ୍ରୀଷ୍ଟ:ପୂ ୪୫୪ରେ ଏହି ଆଦେଶ ବାହାରିଲା** [୪] ଯେତେବେଳେ ରାଜା ଅର୍ତ୍ତକ୍ଷସ୍ତ, ନିହିମିୟାଙ୍କୁ ଯିରୁଶାଲମ ପୁନଃ ନିର୍ମାଣ କରିବାକୁ ଅନୁମତି ଦେଲେ ।



(୧) ଦାନିଏଲ -୯:୨୫ (୨) ଦାନିଏଲ ୯:୨୬ (୩) ନିହିମିୟା ୨,୧,୫,୩,୮

(୪) ପ୍ରାଚୀନ ଇତିହାସ ରୁ ଚାର୍ଲସ୍ ରୋଲିନସ୍ ଙ୍କ ଦ୍ୱାରା ହାଭାର୍ଡ଼ ବିଶ୍ୱବିଦ୍ୟାଳୟର ଲାଇବ୍ରେରିରୁ ତାରିଖ ବାହାର କରାଗଲା । ପୁରାତନ ପାର୍ଶିୟାନ ଇତିହାସରେ ବିଶ୍ୱାସ ଯୋଗ୍ୟ ଲେଖା ନାହିଁ, ଯାହା ହେଉ ଗ୍ରୀକ୍ ଇତିହାସକାର ଢ଼ିଉକୁସ ଖ୍ରୀ:ପୂ ୪୭୧ରେ ଥେମିଷ୍ଟୋକେଲସଙ୍କ ମୃତ୍ୟୁ ବିଷୟ ଉଲ୍ଲେଖ କରିଛନ୍ତି, ଥେମିଷ୍ଟୋକେଲସଙ୍କ ପାର୍ଶିୟାରେ ପହଁଞ୍ଚିବା ପରେ ରାଜା ଅର୍ତ୍ତକ୍ଷସ୍ତ ଙ୍କ ସହ ମିଶି ଲୋକମାନଙ୍କୁ ସାକ୍ଷାତ କରି ପଚାରିଥିଲେ ଏହା ସ୍ପଷ୍ଟ କରେ ଯେ ଅର୍ତ୍ତକ୍ଷସ୍ତ ୪୭୧ରେ ସିଂହାସନ ଆରୋହଣ କରିସାରି ଥିଲେ । ଅତିରିକ୍ତ ଐତିହାସିକମଧ (୪୭୪ ଖ୍ରୀ:ପୂ) ରେ ଅର୍ତ୍ତକ୍ଷସ୍ତ ସିଂହାସନ ଆରୋହଣ କରିଥିବାର ପ୍ରମାଣିତ କରନ୍ତି ।






ଏପରି କୁହାଯାଏ, ଯିରୁଶାଲମକୁ ପୁନଃ ସ୍ଥାପନ ଓ ନିର୍ମାଣ କରିବାର ଆଜ୍ଞା ପ୍ରକାଶିତ ହେବା ସମୟ ଠାରୁ ଅଧିପତି ଅଭିଷିକ୍ତ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସାତ ସପ୍ତାହ ହେବ, ପୁଣି ସଙ୍କଟ କାଳରେ ହିଁ ତାହା ଛକ ଓ ପରିଖା ସହିତ ତିନି କୋଡ଼ି ଦୁଇ ସପ୍ତାହ ପୁନର୍ନିର୍ମିତ ହେବ ।[୧] ଏଣୁ ରାଜା ଅର୍ତ୍ତକ୍ଷସ୍ତ ଖ୍ରୀ:ପୂ ୪୫୪ ରେ ଆଜ୍ଞା ଦେବା ସମୟ ଠାରୁ ଯିରୁଶାଲମ ପୁନ ନିର୍ମାଣ ଏବଂ ସମାପ୍ତ ହେବାକୁ ସାତ ସପ୍ତାହ ।

୧ ସପ୍ତାହ = (ସମାନ) ୭ ବର୍ଷ ଏଣୁ ୭ ସପ୍ତାହ = (ସମାନ) ୭x୭ ବର୍ଷ ବା ୪୯ ବର୍ଷ ଶେଷରେ ପୁନଃନିର୍ମାଣ ସପ୍ତାହ ହେଲା । ଖ୍ରୀ.ପୂ. ୪୦୫ ରେ ଏହା ସମାପ୍ତ ହେଲା । ପୁଣି ସଙ୍କଟ କାଳରେ ହିଁ ତାହା ଛକ ଓ ପରିଖା ସହିତ ତିନିକୋଡ଼ି ଦୁଇ ସପ୍ତାହ ହେବ ।[୨] ଏହି ସଙ୍କଟ କାଳରେ ନିହିମିୟା, ତାଙ୍କ ଲେଖାରେ ଏହା ପ୍ରକାଶ କରିଛନ୍ତି । ଯେଉଁ ମାନେ ପ୍ରାଚୀର ଗଢ଼ିଲେ ଓ ଯେଉଁ ମାନେ ଭାର ବହିଲେ, ସେମାନେ ଆପେ ଆପେ ଭାର ଉଠାଇଲେ; ପ୍ରତି ଜଣ ଏକ ହସ୍ତରେ କର୍ମକଲେ ଓ ଅନ୍ୟ ହସ୍ତରେ ଅସ୍ତ୍ର ଧରିଲେ; ଏହି ରୂପେ ଆମ୍ଭେମାନେ ସେହି କାର୍ଯ୍ୟରେ ପରିଶ୍ରମ କଲୁ, ପୁଣି ଅରୁଣଦୟ ସମୟ ଠାରୁ ତାରା ଦେଖା ଯିବା ପର୍ଯ୍ୟନ୍ତ ସେମାନଙ୍କର ଅର୍ଦ୍ଧେକ ଲୋକ ବର୍ଚ୍ଛା ଧରିଲେ [୩]



(୧) ଦାନିଏଲ ୯:୨୫ (୨) ଦାନିଏଲ ୯:୨୫ (୩) ନିହିମିୟା ୪:୧୭-୨୧

ଆମ୍ଭମାନଙ୍କ ପରମେଶ୍ୱର ଆମ୍ଭମାନଙ୍କ ପକ୍ଷରେ ଯୁଦ୍ଧ କରିବେ ।
ଏହେତୁ ଯେ କୌଣସି ସ୍ଥାନରେ ତୂରୀର ଶବ୍ଦ ଶୁଣିବ ସେ ସ୍ଥାନରୁ ଆମ୍ଭମାନଙ୍କ ନିକଟକୁ, ଆସିବ, ଆମ୍ଭମାନଙ୍କ ପରମେଶ୍ୱର ଆମ୍ଭମାନଙ୍କ ସପକ୍ଷରେ ଯୁଦ୍ଧ କରିବେ; ଏହି ରୂପେ ଆମ୍ଭେମାନେ ସେହି କାର୍ଯ୍ୟରେ ପରିଶ୍ରମ କଲୁ ପୁଣି ଅରୁଣ ଦୃୟ ସମୟ ସେହି ସମୟରେ ଆମ୍ଭେ ଲୋକ ମାନଙ୍କୁ ଆହୁରି କହିଲୁ; ପ୍ରତ୍ୟେକ ଲୋକ ରାତ୍ରିକାଳରେ ଆପଣା ଆପଣା ଦାସ ସହିତ ଯିରୁଶାଲମ ଭିତରେ ରହନ୍ତୁ; ତହିଁରେ ସେମାନେ ରାତ୍ରିରେ ଆମ୍ଭମାନଙ୍କ ପ୍ରହରୀ ହୋଇ ପାରିବେ ଓ ଦିବସରେ କର୍ମ କରି ପାରିବେ । ଏହିରୂପେ ଆମ୍ଭେ କି ଆମ୍ଭ ଭାଇ ମାନେ କି ଆମ୍ଭ ଦାସ ମାନେ କିଅବା ଆମ୍ଭ ପଶ୍ଚାତବର୍ତ୍ତୀ ପ୍ରହରୀ ମାନେ କେହି ଆପଣା ଦେହରୁ ବସ୍ତ୍ର କାଢ଼ିଲୁ ନାହିଁ; ପ୍ରତିଜଣ ଆପଣା ଆପଣା ଅସ୍ତ୍ର ଶସ୍ତ୍ର ସହିତ ଜଳ ନିକଟକୁ ଗଲୁ । ( ନିହିମିୟା ୪:୨୦-୨୩)




ମସିହ ରାଜକୁମାରଙ୍କ ପର୍ଯନ୍ତ ଯିରୁଶାଲମ ପୁନଃସ୍ଥାପନ ଏବଂ ପୁନଃ ନିର୍ମାଣ ସମୟ ରୁ ସପ୍ତାହ (ଅବିଧି ସମାପ୍ତ ହୋଇଛି) ଏବଂ ତିନିକୋଡ଼ି ଦୁଇ ସପ୍ତାହ (୬୨) ସପ୍ତାହ । ଏଣୁ ଯିରୁଶାଲମ ପୁନଃ ନିର୍ମାଣ ଖ୍ରୀଷ୍ଟ ପୂ ୪୦୫ ଯୀଶୁଙ୍କ କ୍ରୁଶାର୍ପିତ ହେବା ପର୍ଯ୍ୟନ୍ତ ୬୨ ସପ୍ତାହ ହେବ ।



୧ ସପ୍ତାହ = ୭ ବର୍ଷ ଏଣୁ ୬୨ ସପ୍ତାହ = ୬୨X୭ ବର୍ଷ ବା ୪୩୪ ବର୍ଷ ପରେ ଯାହା ୨୯ ଖ୍ରୀଷ୍ଟାବ୍ଦ AD ଆଡ଼କୁ ଆମକୁ ନେଇ ଯାଏ ଯେହେତୁ ଆମ୍ଭୋମାନେ ୦ ବର୍ଷ ଅତିକ୍ରମ କରିଅଛୁ ।

ତିନି କୋଡ଼ି ଦୁଇ ସପ୍ତାହ ଉତାରେ ମସିହ ଉଛନ୍ନ ହେବେ ଓ ସେ ଅକିଞ୍ଚନ ହେବେ, ଯୀଶୁ ନିଜେ ଉଛନ୍ନ ହେବେ ନାହିଁ, କିନ୍ତୁ ମାନବ ସମାଜର ପରିତ୍ରାଣ ସାଧନ ନିମନ୍ତେ ।[2]

ନିଶ୍ଚୟ ସେ ଆମ୍ଭ ମାନଙ୍କ ଯାତନା ସବୁ ଧାରଣ କରି ଅଛନ୍ତି ଓ ଆମ୍ଭମାନଙ୍କ ବ୍ୟଥା ସବୁ ବହିଅଛନ୍ତି । ତଥାପି ଆମ୍ଭେମାନେ ତାହାଙ୍କ ଆହାତ ଓ ପରମେଶ୍ୱରଙ୍କ ଦ୍ୱାରା ପ୍ରହାରିତ ଓ ଦୁଃଖ ଗ୍ରସ୍ତ ମଣିଲୁ । ମାତ୍ର ସେ ଆମ୍ଭମାନଙ୍କ ଅର୍ଧମ ନିମନ୍ତେ କ୍ଷତି ବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ । ଆମ୍ଭମାନଙ୍କ ଶାନ୍ତି ଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ[3]



(୧) ଦାନିଏଲ ୯:୨୫ (୨) ଦାନିଏଲ ୯:୨୬ (୩) ଯିଶାୟ ୫୩:୪-୫

ସେ ଉପଦ୍ରବ ପ୍ରାପ୍ତ ହେଲେ ତଥାପି ସେ ଆପଣାକୁ ନମ୍ର କରି ଆପଣା ମୁଖ ଫିଟାଇଲେ ନାହିଁ ବଧ ସ୍ଥାନକୁ ନିଆଯିବା ମେଷ ଶାବକ ତୁଲ୍ୟ, ଲୋମଛେଦକ ମାନଙ୍କ ସମ୍ମୁଖରେ ନୀରବ ମେଷି ତୁଲ୍ୟ ହୋଇ ସେ ଆପଣା ମୁଖ ଫିଟାଇଲେ ନାହିଁ ।(ଯିଶାଇୟ-୫୩:୭)

# କାହିଁକି ଏହା ଉପଯୁକ୍ତ ହେଉ ନାହିଁ?

ଶାସ୍ତ୍ର ଅନୁସାର ଯୀଶୁ ତାଙ୍କର ୩୩ବର୍ଷ ବୟସରେ କ୍ରୁଶାର୍ପିତ ହେଲେ, କିନ୍ତୁ କାହିଁକି ୨୯ ଖ୍ରୀଷ୍ଟାବ୍ଦ? ଆମ୍ଭମାନଙ୍କ ଆଧୁନିକ ସାରଣୀ (କ୍ୟାଲେଣ୍ଡର) ଯାହା ସମୟକୁ ଦୁଇ ଭାଗ କରିଅଛି



ଖ୍ରୀଷ୍ଟ ପୂର୍ବ ଏବଂ ଖ୍ରୀଷ୍ଟାବ୍ଦ ଏହି ବିଷୟ ୫୨୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଉଦ୍ଭାବନ କରାଯାଇ ନଥିଲା । ସେ ସମୟର ପୋପ୍ ଯୋହନ (ପ୍ରଥମ) ଜଣେ ସାଧୁଙ୍କୁ (Dionysius ) ନାମ ପାଶ୍ଚାତ ଦେଶର ମଣ୍ଡଳୀ ଏବଂ ସଭ୍ୟ ସମାଜ ନିମନ୍ତେ ଏକ ମାନଯୁକ୍ତ (Standard) କ୍ୟାଲେଣ୍ଡର ପ୍ରସ୍ତୁତ କରିବାକୁ କହିଲେ । ଯଦୀୟ (Dionysius) ପାରୁ ପର୍ଯ୍ୟନ୍ତ ଏକ ସଠିକ କ୍ୟାଲେଣ୍ଡର ପ୍ରସ୍ତୁତି କରିବାକୁ ଚେଷ୍ଟା କଲେ, ତାହା ଆଦେଶ ପ୍ରକାରେ ଯୀଶୁଙ୍କ ଜନ୍ମ ବର୍ଷ ଠାରୁ ଆରମ୍ଭ କରିବାର ଥିଲା କିନ୍ତୁ ସେ ତଥ୍ୟ ଉପସ୍ଥାପନ କରିବାର ୪ ବର୍ଷ ମଧ୍ୟରେ **ଯୀଶୁ ୪ ଖ୍ରୀଷ୍ଟାବ୍ଦରେ ଜନ୍ମ ହେଲେ,** ଅନ୍ୟ ଐତିହାସିକ ମାନଙ୍କ ଦ୍ୱାରା ମଧ୍ୟ ଏହା ସୀକୃତି ପ୍ରାପ୍ତ ହେଲା ।

ବର୍ତ୍ତମାନ ଆମ୍ଭେମାନେ ଦୃଷ୍ଟିପାତ କରିବା ଯେ, ଯେଉଁ ଲୋକମାନେ ଈଶ୍ୱରଙ୍କ ବାକ୍ୟ ବୁଝିପାରନ୍ତି ଏବଂ ସତୁରି ସପ୍ତାହ ଭବିଷ୍ୟଦ୍‌ବାଣୀ ଗ୍ରହଣ କରନ୍ତି ସେମାନେ ମନ୍ଦିର ଚାରି ପାଖରେ ମସିହଙ୍କର ଅପେକ୍ଷା କରନ୍ତି ।

ଆଉ ଦେଖ; ଯିରୁଶାଲମରେ ଶିମିୟୋନ ନାମକ ଜଣେ ଧାର୍ମିକ ଓ ଭକ୍ତ ବ୍ୟକ୍ତି ଥିଲେ.... ସେତେବେଳେ ସେ ତାହାଙ୍କୁ କୋଳ ରେ ଘେନି ଈଶ୍ୱରଙ୍କ ସ୍ତବକରି କହିଲେ ହେ ପ୍ରଭୁ ଏବେ ତୁମ୍ଭେ ଆପଣା ବାକ୍ୟନୁସାରେ ନିଜ ଦାସକୁ ଶାନ୍ତିରେ ପ୍ରସ୍ଥାନ କରିବାକୁ ଦେଉଅଛ କାରଣ ମୋହର ନେତ୍ର.... ଯିରୁଶାଲମର ମୁକ୍ତି ଅପେକ୍ଷାରେ ଥିବା ସମସ୍ତଙ୍କୁ ତାହାଙ୍କ ବିଷୟ କହିବାକୁ ଲାଗିଲେ [୧]

ଫିଲିପ ନିଥନିଏଲଙ୍କ ଦେଖା ପାଇ ତାଙ୍କୁ କହିଲେ ଯାହାଙ୍କ ବିଷୟରେ ମୋଶା ବ୍ୟବସ୍ଥାରେ ଲେଖିଛନ୍ତି, ପୁଣି ଭାବବାଦୀ ମାନେ ମଧ୍ୟ ଲେଖିଛନ୍ତି, ଆମ୍ଭେମାନେ ତାହାଙ୍କର ଦେଖା ପାଇ ଅଛୁ ସେ ଯୋଶେଫଙ୍କ ପୁତ୍ର ନାଜରିତୀୟ ଯୀଶୁ [୨]



(୧) ଲୂକ୨:୨୫-୩୮ (୨) ଯୋହନ ୧:୪୫

# ସତୁରି ସପ୍ତାହ ଭବିଷ୍ୟଦ୍ ବାଣୀ




୬୯ ସପ୍ତାହ ହେଲା (ସମାପ୍ତ ହେଲା) ଏବଂ ୧ ସପ୍ତାହ ବା ୭ ବର୍ଷର ସମୟ ଅବଶିଷ୍ଟ ରହିଲା । ଯୀଶୁ ୨୯ ଖ୍ରୀଷ୍ଟାବ୍ଦ ରେ କ୍ରୁଶରେ ହତ ହେଲେ ଗୋଟିଏ ସପ୍ତାହ ବା ୭ ବର୍ଷ ପରେ ଅର୍ଥାତ୍ ଖ୍ରୀ:ପୂ: ୩୬ । ଯୀଶୁ ୩୬ ଖ୍ରୀଷ୍ଟାବ୍ଦରେ ଈଶ୍ୱରଙ୍କ ରାଜ୍ୟ ଗଠନ ନିମନ୍ତେ ଫେରିଲେ ନାହିଁ । ଏଣୁ ଆମ୍ଭେମାନେ କେବଳ ଏହି ଗୋଟିଏ ବିଷୟ କରି ପାରିବା, ଶେଷ ସାତବର୍ଷ ସମୟ ସୀମାକୁ ବାଦ ଦେବା ଏବଂ ଇତିହାସର ସମୟ ସୀମା ଉପରେ ଏହାକୁ ସଂଯୁକ୍ତ କରିବା, ଶେଷ ୭ ବର୍ଷରେ ନୀୟମର ଆରମ୍ଭ ।




ଇତିହାସର ସମୟସୀମା







ଆମ୍ଭେମାନେ ଜାଣୁଯେ ଶେଷରେ ଯୀଶୁ ଆସିବେ, କିନ୍ତୁ ଆମ୍ଭେମାନେ କିପରି ଜାଣିବା? **ସେମାନେ କେତେବେଳେ ଆରମ୍ଭ କରିବେ?**

ଦାନିଏଲ ଲେଖନ୍ତି- ପୁଣି ଏକ ସପ୍ତାହ ପର୍ଯ୍ୟନ୍ତ ଅନେକର ସହିତ ଦୃଢ଼ ନିୟମ କରିବା ଓ ସପ୍ତାହର ଅର୍ଦ୍ଧେକ କାଳ ଯଜ୍ଞ ଓ ନୈବେଦ୍ୟ ନିବୃତ କରାଇବ; ଆଉ ଘୃଣା ଯୋଗ୍ୟ ବସ୍ତୁ ସକଳର ପକ୍ଷ ଉପରେ ବିନାଶକ ଜଣେ ଆସିବ ପୁଣି ନିରୂପିତ ସିଦ୍ଧି ପର୍ଯ୍ୟନ୍ତ ବିନାଶକର ଉପରେ କ୍ରୋଧ ଢ଼ଳା ଯିବ [1] ସେ ଏହି ନୀୟମର ନିର୍ଦ୍ଦେଶକ ଏବଂ ବାଇବଲ ତାକୁ ପଶୁ ଏବଂ ଭଣ୍ଡ ଖ୍ରୀଷ୍ଟ ବୋଲି ଦର୍ଶାଏ [2]



(୧) ଦାନିଏଲ -୯:୨୭

(୨) ପଶୁ ଶବ୍ଦ ପ୍ରକାଶିତ ବାକ୍ୟରେ ୩୨ ଥର ଭଣ୍ଡଖ୍ରୀଷ୍ଟ ରୂପରେ ଦର୍ଶାଇଛି ୧୩ ପୃଷ୍ଠା ଏବଂ ୫୪ ପୃଷ୍ଠା (ଭଣ୍ଡଖ୍ରୀଷ୍ଟ) ବିଷୟରେ ଦେଖନ୍ତୁ ୧୫ ;୧୬ ପୃଷ୍ଠା ନିୟମ ଏବଂ ଜଣସବୁ ସଂଲଗ୍ନ କରାଯାଇଛି ଦେଖନ୍ତୁ ।

# ଏହା ପ୍ରାୟ ଏକ ସ୍ୱପ୍ନ ସଦୃଶ୍ୟ

"ପୁଣି ସେ (ଭଣ୍ଡ ଖ୍ରୀଷ୍ଟ) ଅନେକଙ୍କ ସହିତ ଏକ ସପ୍ତାହ (ସାତ ବର୍ଷ) ପାଇଁ ଦୃଢ଼ ନିୟମ ନିଶ୍ଚିତ କରିବ ଓ ସପ୍ତାହ ମଧ୍ୟରେ ୩½ ବର୍ଷ ପରେ ଅର୍ଦ୍ଧେକ କାଳ ଯଜ୍ଞ ଓ ନୈବେଦ୍ୟ ନିବୃତ କରାଇବ; ସେ ପଶୁବଳୀ ବନ୍ଦ କରିବ ଏବଂ ଦେବାର୍ପିତ ଦାନ ବନ୍ଦ କରିବ । ଯେଉଁମାନେ ପଶୁର ଚିହ୍ନ ଧାରଣ କରିଥିଲେ, ସେମାନଙ୍କ ଉପରେ ଅର୍ଥାତ୍ (ଆତ୍ମିକ ଭାବରେ ମୃତ, ଶୁଷ୍କ) ଈଶ୍ୱରଙ୍କ କ୍ରୋଧର ପାତ୍ର ଗୁଡ଼ିକ (ପରମାଣୁ ଶକ୍ତିର ପ୍ରଭାବରେ ଧ୍ୱଂସ ହେବା ପରେ) ତାହା ନିର୍ଦ୍ଧାରିତ ହେଲା । ଯେତେବେଳେ ପରମେଶ୍ୱର ନିଷ୍ପତ୍ତି ନେବେ, ସେତେବେଳେ ତାହା ଘଟିବ । ପୁଣି ନିରୂପିତ ସିଦ୍ଧି ପର୍ଯ୍ୟନ୍ତ ବିନାଶକର ଉପରେ କ୍ରୋଧ ଢ଼ଳା ଯିବ" । [୧] (ପ୍ରିୟ ଯୀଶୁ ଆମ୍ଭମାନଙ୍କୁ ସୁରକ୍ଷୀତ ରଖ) ।

ତହିଁରେ ମୁଁ ଶୁଣିଲି, ଶୁକ୍ଳ ବସ୍ତ୍ରାନ୍ୱିତ ଓ ନଦୀ ଜଳ ଉପରେ ସ୍ଥିତ ମନୁଷ୍ୟ ଆପଣା ଦକ୍ଷିଣ ହସ୍ତ ସ୍ୱର୍ଗ ଆଡ଼େ ଉଠାଇ ନିତ୍ୟଜିବୀଙ୍କ ନାମରେ ଶପଥ କରି କହିଲେ; ଏହା ଏକ କାଳ ଓ ଅର୍ଦ୍ଧ କାଳ ପର୍ଯ୍ୟନ୍ତ ହେବ; (୩½ ବର୍ଷ) ପୁଣି ସେମାନେ (ଭଣ୍ଡ ଖ୍ରୀଷ୍ଟ) ପବିତ୍ର ଲୋକଙ୍କ ପରାକ୍ରମ ଭଗ୍ନ କରିବାର ଶେଷ କଲେ; ଏହି ସକଳ ବିଷୟ ସିଦ୍ଧ ହେବ । [୨] (ସେତେବେଳେ ଯୀଶୁ ଆସିବେ)

"ଅନେକେ ଆପଣାମାନଙ୍କୁ ପରିଷ୍କୃତ ଓ ଶୁକ୍ଳ କରିବେ ଓ ପବିତ୍ରୀକୃତ ହେବେ; ମାତ୍ର ଦୁଷ୍ଟ ମାନେ, ଦୁଷ୍ଟାଚରଣ କରିବେ ଓ ଦୁଷ୍ଟ ମାନଙ୍କ ମଧ୍ୟରୁ କେହି ବୁଝିବେ ନାହିଁ, **ମାତ୍ର ଜ୍ଞାନୀ ଲୋକ ମାନେ ବୁଝିବେ"** [୩] (ଆମ୍ଭେମାନେ ବୁଦ୍ଧିମାନ ହେବା ପାଇଁ ପ୍ରାର୍ଥନା କରିବା କି?)

"ମାତ୍ର ବିଚାର ସଭା ବସିବ ଓ ସେମାନେ (ସାଧୁ ମାନେ) ଶେଷ ପର୍ଯ୍ୟନ୍ତ ତାହାର (ଭଣ୍ଡ ଖ୍ରୀଷ୍ଟ) କର୍ତ୍ତୃତ୍ୱର ବିନାଶ କରିବା ପାଇଁ ତାହା ଠାରୁ ତାହା ନେବେ" । [୪]

"ଆଉ ରାଜତ୍ୱ ଓ କର୍ତ୍ତୃତ୍ୱ ଓ ଆକାଶ ମଣ୍ଡଳର ଅଧଃସ୍ଥିତି ରାଜ୍ୟ ସମୂହର ମହିମା ସର୍ବୋପରିସ୍ଥଙ୍କ ପବିତ୍ର ଲୋକମାନଙ୍କୁ ଦତ୍ତ ହେବେ; ତାହାଙ୍କ ରାଜ୍ୟ ଅନନ୍ତକାଳୀନ ଓ ଜାବତୀୟ ଶାସନକର୍ତ୍ତା ତାହାଙ୍କର ସେବା କରିବେ ଓ ତାହାଙ୍କର ଆଜ୍ଞାବହ ହେବେ" । [୫]

**"ଏଠାରେ ବୃତାନ୍ତ ଶେଷ....."** [୬]



(୧) ଦାନିଏଲ ୯:୨୭ (୨) ଦାନିଏଲ ୧୨:୭ (୩) ଦାନିଏଲ ୧୨:୧୦ (୪) ଦାନିଏଲ ୭:୨୬
(୫) ଦାନିଏଲ ୭:୨୭ (୬) ଦାନିଏଲ ୭:୨୮

ଯେଉଁ ଲୋକ ପରିକ୍ଷା ସହ୍ୟ କରେ ସେ ଧନ୍ୟ, କାରଣ ପ୍ରଭୁ ଆପଣା ଲୋକମାନଙ୍କୁ ଯେଉଁ ଜୀବନ ରୂପ ମୁକୁଟ ଦେବାକୁ ପ୍ରତିଜ୍ଞା କରିଛନ୍ତି, ପରିକ୍ଷା ସିଦ୍ଧି ହେଲା ଉତାରେ ସେହି ଲୋକ ସେହି ମୁକଟ ପ୍ରାପ୍ତ ହେବ (ଯାକୁବ ୧:୧୨)

ଖ୍ରୀଷ୍ଟ ଯୀଶୁଙ୍କର ଜଣେ ଉତ୍ତମ ଯୋଦ୍ଧା ପରି ମୋ ସହିତ କ୍ଳେଶ ସହ୍ୟ କର (୨ୟ ତିମଥି ୨:୩) ଭାବବାଦୀଙ୍କ ଦ୍ୱାରା ଉକ୍ତ ଏହି ବାକ୍ୟ ସଫଳ ହୁଏ; ଏଥିନିମନ୍ତେ ଏହା ଘଟିଲା (ମାଥିଉ ୨୧:୪)

# ଭଣ୍ଡ ଖ୍ରୀଷ୍ଟ ମିଶରରୁ କାହିଁକି?

ନିମ୍ନ ଲିଖିତ ଖ୍ରୀ.ପୂ- ୫୫୦ ପାଖାପାଖି ର କୌତୁହଳପୂର୍ଣ୍ଣ ସମ୍ବାଦ ଏହା ପ୍ରକାଶ କରେ ଯେ ଭଣ୍ଡଖ୍ରୀଷ୍ଟ ଆଲେକଜାଣ୍ଡରଙ୍କ ସାମ୍ରାଜ୍ୟରୁ ଖୁବ୍ ଚଞ୍ଚଳ ପ୍ରକାଶିତ ହେବ ।

ଏଉତାରେ ସେ ଛାଗ ଆପଣାର ଅତିଶୟ ବଢ଼ାଇ ପ୍ରକାଶ କଲା ଓ ବଳବାନ ଥିଲା ବେଳେ ତାହାର ବୃହତ ଶୃଙ୍ଗ ଭଗ୍ନ ହେଲା, ଆଉ ତହିଁର ପରିବର୍ତ୍ତେ ଆକାଶର ଚତୁର୍ଦ୍ଦିଗ ଆଡ଼େ ଚାରି ବିଲକ୍ଷଣ ଶୃଙ୍ଗ ଉତ୍ପନ ହେଲା । ପୁଣି ସେହି ଶୃଙ୍ଗ ମାନର ମଧ୍ୟରୁ ଗୋଟିଏ ଶୃଙ୍ଗ ଉତ୍ପନ ହୋଇ ଦକ୍ଷିଣ ଓ ପୂର୍ବ ଓ ରୋମୀୟ ଦେଶ ଆଡ଼େ ଅତି ଶୟ ବୃଦ୍ଧି ପାଇଲା"(କ୍ଷୁଦ୍ର ଶୃଙ୍ଗ-ଭଣ୍ଡଖ୍ରୀଷ୍ଟ)



Alexander the Great

ପରବର୍ତ୍ତି ସମୟରେ ଏହି ବ୍ୟାଖ୍ୟା ସେହି ସମାନ ଅଧ୍ୟାୟ (୨୧ ପଦର ଆସନ୍ତୁ ) ପ୍ରାପ୍ତ ହେଲା । ସେହି ଛାଗ ହେଉଛି ଗ୍ରୀସ ଏବଂ ବୃହତ ଶୃଙ୍ଗ . . . ପ୍ରଥମ ରାଜା[2] ଆଲେକଜାଣ୍ଡର ମହାନ ଗ୍ରୀସ୍‌ର ପ୍ରଥମ ପ୍ରସିଦ୍ଧ ରାଜା ଥିଲେ ।

ଏ ଉତାରେ ସେ ଛାଗ ଆପଣାର ଅତିଶାୟ ବଢ଼ାଇ କଲା ଓ ସେ ବଳବାନ ଥିଲା ବେଳେ ତାହାର ବୃହତ ଶୃଙ୍ଗ ଭଗ୍ନ ହେଲା; ଆଉ ତହିଁର ପରିବର୍ତ୍ତେ ଆକାଶର ଚତୁର୍ଦ୍ଦିଗ ଆଡ଼େ ଚାରି ବିଚକ୍ଷଣ ଶୃଙ୍ଗ ଉତ୍ପନ ହେଲା [3]

ଯେତେବେଳେ କମ୍ ବୟସରେ ହିଁ ଆଲେକଜାଣ୍ଡେରଙ୍କ ମୃତ୍ୟୁ ହେଲା, ତାହାର ରାଜ୍ୟ ୪ ଭାଗରେ ବିଭାଜିତ ହେଲା । ୧ମ ଟି ମିଶରସ୍ଥ ରାଜ୍ୟ ୨ୟରେ ଟଲେମିକ୍ ସେଲ୍ୟୁ ସାଇଡ଼ ରାଜ୍ୟ (ପୂର୍ବ)କୁ, ୩ୟରେ ଏସିଆ ମାଇନର ପେରଗାମନ୍ ଯାହାର ବର୍ତ୍ତମାନର ନାମ ତୁର୍କି ଏବଂ ୪ର୍ଥ ମେସିଡ଼ୋନିଆ ବର୍ତ୍ତମାନ ଗ୍ରୀସ ।

ଆଲେକ୍‌ଜାଣ୍ଡେର ମହାନ ଙ୍କ ସମୟରେ ପ୍ରାୟ ୨୦୦ବର୍ଷ ପୁର୍ବରୁ ଏହି ଭବିଷ୍ୟଦ୍ ବାଣୀ ପ୍ରକାଶିତ ହୋଇଥିଲା। ପୁଣି ସେହି ଶୃଙ୍ଗ ମାନରୁ ଗୋଟିକର ମଧ୍ୟରୁ ଗୋଟଏ କ୍ଷୁଦ୍ର ଶୃଙ୍ଗ ଉତ୍ପନ ହୋଇ ଦକ୍ଷିଣ ଓ ପୂର୍ବ ରମ୍ୟଦେଶ ଆଡ଼େ ଅତି ଶୟ ବୃଦ୍ଧି ପାଇଲା ବର୍ତ୍ତମାନ ଯାହା ଇଶ୍ରାଏଲ୍ ଅଟେ ।[4]

ପୁଣି ସେମାନଙ୍କ ରାଜ୍ୟର . . . ଭୟଙ୍କର ବଦନ ଓ ନିଗୁଢ଼ ବାକ୍ୟ ଜ୍ଞାନୀ ଏକ ରାଜା ଉତ୍ପନ୍ନ ହେବ ।[5] ଏହା ଭଣ୍ଡ ଖ୍ରୀଷ୍ଟଙ୍କୁ ଦର୍ଶାଏ । ଉପରୋକ୍ତ କୌଣସି ଏକ ରାଜ୍ୟରୁ ଭଣ୍ଡ ଖ୍ରୀଷ୍ଟ ଆସିବ । ବିଚାର ବା ବିଲୋପ ପ୍ରକ୍ରିୟା ଦ୍ଵାରା ଆମେ ଶେଷରେ ମିଶରରେ ସମାପ୍ତ କରିବା ଯେହେତୁ ଆଲୋକ ଜାଣ୍ଡେରଙ୍କ ବିଭାଜିତ ଅନ୍ୟ ତିନୋଟି ଅଂଶ ବିଗକୁ ଦ୍ଵିଗୁଣିତ କରେ କିୟା ସେମାନଙ୍କ ଦକ୍ଷିଣରେ ଏକ ସମୁଦ୍ର ଅଛି । ଭଣ୍ଡଖ୍ରୀଷ୍ଟର ତାର ନିଜର ମୂଳ ମିଶରରେ ଅଛି । ଏ ସେହି ଯୀଶୁଙ୍କର ଅନ୍ୟ ଜଣେ ନକଲି ବ୍ୟକ୍ତି ନୁହେଁ କି? ମିଶରରୁ ଆମ୍ଭେ ଆପଣା ପୁତ୍ରଙ୍କୁ ଆହ୍ଵାନ କଲୁ ।[6]



(୧)ଦାନିଏଲ ୮:୮-୯ (୨) ଦାନିଏଲ ୮:୨୧ (୩) ଦାନିଏଲ ୮:୮ (୪) ଦାନିଏଲ ୮:୯,୨୩
(୫) ଦାନିଏଲ ୮:୯ (୬) ମାଥିଉ ୨:୧୫ , ହୋଶେୟ ୧୧:୧

# ଇଶ୍ୱରଙ୍କ ମୂଦ୍ରାଙ୍କ କାହିଁକି ଏବଂ କାହାପାଇଁ?

ମାନବ ଜାତିର ଶେଷ ସାଢ଼େ ତିନିବର୍ଷ ସମୟରେ ଭିନ୍ନ ଭିନ୍ନ ମହାମାରୀ ସହିତ ଦୁରୀ ବାଜିବ କିନ୍ତୁ ପ୍ରକୃତ ବିଶ୍ୱାସୀ ମାନେ ପ୍ରଥମେ ଆପଣା ଆପଣା କପାଳରେ ଇଶ୍ୱରଙ୍କ ମୂଦ୍ରାଙ୍କ ଗ୍ରହଣ କରିବେ । ଏଣୁ ସେମାନେ ମହାମାରୀ ରୁ ରକ୍ଷା କରାଯିବେ ।

ମୁଁ ଆଉ ଜଣେ ଦୂତଙ୍କୁ ଏହା କହୁଥିବାର ଶୁଣିଲି ଆମ୍ଭେମାନେ ଆପଣା ମାନଙ୍କ ଇଶ୍ୱରଙ୍କ ଦାସମାନଙ୍କ କପାଳରେ ମୁଦ୍ରାଙ୍କ ନ ଦେବା ପର୍ଯ୍ୟନ୍ତ ତୁମ୍ଭେମାନେ ପୃଥିବୀ କିମ୍ବା ସମୁଦ୍ର କି ଅବା ବୃକ୍ଷ ସମୁହର କ୍ଷତି କର ନାହିଁ ।[୧] ଏମାନେ ସେହିମାନେ ଯେଉଁମାନେ ମହା କ୍ଲେଶରୁ ବାହାରି ଆସିଛନ୍ତି । ଆଉ ସେଠାକୁ ପଙ୍ଗ ପାଳ ଆସିଲେ... ଧୁମ ମଧ୍ୟରୁ ପଙ୍ଗପାଳ ବାହାର ହୋଇ ପୃଥିବୀକୁ ଆସିଲେ; ସେମାନଙ୍କୁ ପୃଥିବୀର ବିଛାର ଶକ୍ତି ପରି ଶକ୍ତି ଦିଆଗଲା.. ଯେଉଁମାନଙ୍କ କପାଳରେ ଇଶ୍ୱରଙ୍କ ମୂଦ୍ରାଙ୍କ ନାହିଁ, କେବଳ ସେମାନଙ୍କ ଅନିଷ୍ଟ କରିବାକୁ ସେମାନଙ୍କୁ କୁହାଗଲା । ସେମାନଙ୍କୁ ବଦ୍ଧ ନ କରି ପାଞ୍ଚ ମାସ ପର୍ଯ୍ୟନ୍ତ ସେମାନଙ୍କ ଯନ୍ତ୍ରଣା ଘଟାଇବାକୁ ସେମାନଙ୍କୁ କ୍ଷମତା ଦିଆଗଲା । ସେମାନେ ମରିବାକୁ ବାଞ୍ଛା କରିବେ, କିନ୍ତୁ ମୃତ୍ୟୁ ସେମାନଙ୍କ ଠାରୁ ପଳାୟନ କରିବ ।[୨] ଏମାନେ ମହାକ୍ଲେଶରୁ ବହାରି ଆସିଛନ୍ତି ।[୩]




## ଇଶ୍ୱରଙ୍କ ମୁଦ୍ରାଙ୍କ କିଏ ଗ୍ରହଣ କରିବ?

ଲେଖାଯାଏ – ଇଶ୍ରାଏଲ ବାରଗୋଷ୍ଠି ସନ୍ତାନମାନଙ୍କ ମଧ୍ୟରୁ ୧୪୪,୦୦୦ ଜଣ ଆପଣା ଆପଣା କପାଳରେ ଇଶ୍ୱରଙ୍କ ମୁଦ୍ରାଙ୍କ ଗ୍ରହଣ କରିବେ ।[୪]

ଆମ୍ଭମାନଙ୍କ ମଧ୍ୟରୁ ଅନେକେ ଏହାକୁ ଆକ୍ଷରିକ ବୋଲି ମନେକରୁ, ଯାହାକି ନିରାଟ ସତ୍ୟ ହୋଇପାରେ, ଯେପରି ଅଧିକାଂଶ ଯିହୁଦୀ ହୃଦୟଙ୍ଗମ କରିବେ ଯେ ଏହି ନିୟମର ସ୍ଥାପୟୀତା ସେମାନଙ୍କର ମସୀହ ନୁହନ୍ତି, ଯେତେବେଳେ ସେ ନିୟମ ଭଗ୍ନ କରିବେ ସେତେବେଳେ ସେମାନେ ଆପଣା ସତ୍ୟ ମସୀହ ଯୀଶୁଙ୍କୁ ଗ୍ରହଣ କରିବେ । ଆମ୍ଭେମାନେ ଜାଣୁ ଯେ ରକ୍ତ ମାଂସ ଇଶ୍ୱରଙ୍କ ରାଜ୍ୟ ଅଧିକାର କରିପାରିବ ନାହିଁ । ଆଉ ଯଦି ତୁମ୍ଭେମାନେ ଖ୍ରୀଷ୍ଟଙ୍କର ତେବେ ତୁମ୍ଭେମାନେ ତ ଅବ୍ରହାମଙ୍କ ବଂଶ ପ୍ରତିଜ୍ଞା ଅନୁସାରେ ଉତ୍ତରାଧିକାରୀ ।[୬] ପାଉଲ ଏହି ବିଷୟରେ ଅଧିକ କିଛି ଲେଖିଅଛନ୍ତି ଯେ, ଯୀଶୁ ଆମ୍ଭମାନଙ୍କ ପାଇ ଯାହା କରିଛନ୍ତି ତାହା ଗ୍ରହଣ କରି ଆମେ ଅବ୍ରହାମଙ୍କ ପ୍ରକୃତ ବଂଶଧର ଏବଂ ଇଶ୍ରାଏଲ ଗୋଷ୍ଠି ଯୁକ୍ତ ହୋଇଅଛୁ । ଏହିହେତୁ ୧୪୪,୦୦୦ ସମ୍ଭବତଃ ଯିହୁଦୀ ଓ ଅଣ ଯିହୁଦୀ ବିଶ୍ୱାସୀ ମାନଙ୍କ ମିଶ୍ରଣ ଅଟେ ।

ଆମେ ଶିକ୍ଷା ପାଇ ଅଛୁ ଯେ, ସେମାନେ ମହାକ୍ଲେଶରୁ ବାହାରି ଆସି ଅଛନ୍ତି ଏଣୁ ସେମାନେ ସମ୍ଭବତଃ ଯୀଶୁଙ୍କ ଆଗମନରେ ସେମାନଙ୍କ ମଧ୍ୟରୁ ଥିବେ ।[୭] ଆମେ ନିଶ୍ଚିତ ନୁହଁ ଯେ, କେବଳ ବିଶ୍ୱାସୀ ଜୀବିତ ହେବେ ନା ସେମାନେ ନେତୃତ୍ୱରେ ଅଛନ୍ତି ଯେପରି ଦୁଃଖର ବିପଦ ମାଧ୍ୟମରେ ଅନ୍ୟମାନଙ୍କ ସାହାଯ୍ୟ କରିବେ । ଆମ୍ଭେମାନେ ଯଦି ଆଜିକାର ପୃଥିବୀର ଜନସଂଖ୍ୟା ଉପରେ ହିସାବ କରିବା ପ୍ରାୟ ୭ ବିଲିୟନ ଉପରେ, ପୁଣି ତୁଳନାନାତ୍ମକ ଭାବରେ କରିବାକୁ ଗଲେ-
୧୪୪,୦୦୦= ୧ ଓ ୫୦,୦୦୦





(୧)ପ୍ରକାଶିତବାକ୍ୟ ୭:୩ (୨) ପ୍ରକାଶିତବାକ୍ୟ ୯:୩-୬ (୩) ପ୍ରକାଶିତବାକ୍ୟ ୭:୧୪ (୪) ପ୍ରକାଶିତ ବାକ୍ୟ ୭:୨-୮
(୫) ୧ମ କରିନ୍ଥୀୟ ୧୫:୫୦ (୬) ଗାଲାତୀ ୩:୨୯ (୭) ୧ମ କରିନ୍ଥୀୟ ୧୫:୫୧-୫୨

ସପ୍ତ ମୂଦ୍ରା ବିଷୟରେ ଅଧିକା ଜାଣିବାପାଇଁ ୨୯ ପୃଷ୍ଠ ଦେଖନ୍ତୁ ।

# ପ୍ରାନ୍ତରରେ ସେହି ସ୍ତ୍ରୀ ଲୋକ[୧]



ପରେ ଆକାଶରେ ଗୋଟିଏ ମହାଲକ୍ଷଣ ଦେଖାଗଲା; ସୁର୍ଯ୍ୟ ପରିହିତା ସ୍ତ୍ରୀ ଲୋକ ତାହାଙ୍କ ପାଦ ତଳେ ଚନ୍ଦ୍ର ଓ ମସ୍ତକରେ ଦ୍ୱାଦଶ ନକ୍ଷତ୍ର ଖଚିତ ଗୋଟିଏ ମୁକୁଟ । ସେ ଗର୍ଭବତୀ ହୋଇ **ପ୍ରସବ ବେଦନାରେ ଆର୍ତ୍ତସ୍ୱର** କରି ପ୍ରସବ କରିବା ନିମନ୍ତେ କଷ୍ଟ ପାଉଥିଲେ... ତାହଙ୍କୁ ବୃହତ୍ ଉତ୍କ୍ରୋଶ ପକ୍ଷୀର ଦୁଇଟି ପକ୍ଷ ଦତ ହେଲା ... ସେହି ସ୍ତ୍ରୀ ଲୋକ **ପ୍ରାନ୍ତରକୁ ପଳାୟନ କଲେ** ସେଠାରେ ଏକ ସହସ୍ର ଦୁଇଶତ ଷାଠିଏ(**୧୨୬୦**) ଅର୍ଥାତ୍ ୩½ ବର୍ଷ ଦିନ ପର୍ଯ୍ୟନ୍ତ ପ୍ରତିପାଳିତ ହେବା ପାଇଁ..ଆଉ ସେହି ସର୍ପ ପ୍ରସବ କରିବାକୁ ଉଦ୍ୟତ ସ୍ତ୍ରୀ ଲୋକ ପ୍ରସବ କରିବା ମାତ୍ର ତାହାଙ୍କ ସନ୍ତାନକୁ ଗ୍ରାସ କରିବା ନିମନ୍ତେ ତାହାଙ୍କ ସମ୍ମୁଖରେ ଠିଆ ହେଲା [୨].

ଏହି ସ୍ତ୍ରୀ ଲୋକ ବିଶ୍ୱାସୀ ମାନଙ୍କର ଶରୀର ବା ଶରୀର ଗୁଡ଼ିକର ନିଦର୍ଶନ ଅଟେ, ଯେପରି ପରମେଶ୍ୱର ପ୍ରାନ୍ତରରେ ମୋଶା ଏବଂ ଇଶ୍ରାଏଲ୍ ଲୋକ ମାନଙ୍କ ପ୍ରତି କରିଥିଲେ ଠିକ୍ ସେହି ପରି ଏହି ସ୍ତ୍ରୀ ଲୋକ ପ୍ରତି ହିଁ ପ୍ରାନ୍ତରରେ ତତ୍ୱାବଧାନ କରିବେ । ଆମ୍ଭମାନଙ୍କ ପାଇଁ ଏହା କେବଳ ୩½ ବର୍ଷ ମାତ୍ର ୪୦ ବର୍ଷ ନୁହେଁ । ସେହି ସ୍ତ୍ରୀ ଲୋକ ଟି **ପ୍ରସବ ବେଦନାରେ ବ୍ୟଥିତ** ହେବ । ଏହା ବିଶ୍ୱାସୀମାନଙ୍କ **ମହାକ୍ଳେଶର** ଚିହ୍ନ, ଯାହା ଦେଇ ସେମାନେ ଗତି କରିବେ । ସେହି ଯେଉଁ ଶିଶୁକୁ ସେ ଜନ୍ମ ଦେବେ ତାହା ଯୀଶୁଙ୍କ ଆଗମନ କୁ ବୁଝାଏ **ଶୟନାତ** ଏହି ଶିଶୁକୁ ଗ୍ରାସ କରିବାକୁ ଉଦ୍ୟତ ଏବଂ ସେ ଚିନ୍ତା କରେ ଯେ, **ସେ ପ୍ରକୃତରେ** ହର୍ମୋଗୋଦନେ ଯୁଦ୍ଧ କ୍ଷେତ୍ରରେ **ଯୀଶୁଙ୍କର ବିନାଶ କରିବ ।** କିନ୍ତୁ ଏହା ତାହାର ଚିନ୍ତାର ଏହା ବିପରୀତ ଘଟିଲା ଯେପରି ପରେ ମୁଁ ଜଣେ ଦୂତଙ୍କୁ ସର୍ଗରୁ ଓହ୍ଲାଇ ଆସିବାର ଦେଖିଲି, ତାହାଙ୍କ ହସ୍ତରେ ପାତାଳ କୁଣ୍ଡର ଚାବି ଓ ଗୋଟିଏ ବୃହତ ଶୃଙ୍ଖଳ ଥିଲା ।



ସେ ସେହି ସର୍ପ ସେହି ପୁରାତନ ନାଗ ଅର୍ଥାତ ଦିଆବଳ ଓ ଶୟତାନକୁ ଧରି ଏକ ସହସ୍ର ବର୍ଷ ପର୍ଯ୍ୟନ୍ତ ବାନ୍ଧି ପକାଇଲେ ।[୩]



(୧)ପ୍ରକାଶିତ ବାକ୍ୟ ୧୨:୬-୧୨ (୨) ପ୍ରକାଶିତ ବାକ୍ୟ ୧୨ (୩) ପ୍ରକାଶିତ ବାକ୍ୟ ୨୦:୧,୨

ଆଉ ତୁମ୍ଭେ ତାହାଙ୍କ ଆଜ୍ଞା ପାଳନ କରିବ କି ନାହିଁ ଏ ବିଷୟରେ ତୁମ୍ଭର ପରିକ୍ଷା ନେବା ପାଇଁ ଏ ତୁମ୍ଭର ମାନସ ଜାଣିବା ପାଇଁ ଓ ତୁମ୍ଭକୁ ନମ୍ର କରିବା ପାଇଁ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଏହି ଚାଳିଶ ବର୍ଷ ( ଆମ୍ଭମାନଙ୍କ ପାଇଁ (୩½ ବର୍ଷ) ପ୍ରାନ୍ତର ମଧ୍ୟରେ ତୁମ୍ଭକୁ ଯେ ସକଳ ପଥରେ ଗମନ କରାଇ ଅଛନ୍ତି ତାହା ସ୍ମରଣ କର ( ୨ୟ ବିବରଣ ୮:୨)

# ବିବାହ ଭୋଜ କେତେ ଲମ୍ବା ସମୟର ହେବ?



ପୁଣି ଯେଉଁ ସମୟରେ ନିତ୍ୟ ନୈବେଦ୍ୟ ନିବୃତ ହେବ ଓ ବିନାଶ କାରୀ  ଘୃଣାଯୋଗ୍ୟ ବସ୍ତୁ ସ୍ଥାପିତ ହେବ ସେହି କାର୍ଯ୍ୟକ୍ରମ ୧୨୯୦ ଦିନ ହେବ ।[୧]

ନିତ୍ୟ ନୈବେଦ୍ୟ ନିବୃତ  ହେବା ପରେ  ଏବଂ ଠିକ୍ କ୍ଲେଶ ଆରମ୍ଭ ସମୟରେ ଘୃଣ୍ୟ ବସ୍ତୁ ସ୍ଥାପିତ ହେବ ଏବଂ ଏହା ବିନଷ୍ଟ ହେବା ପୂର୍ବରୁ ୧୨୯୦ ଦିନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।

ଆମ୍ଭେମାନେ ଜାଣି ଅଛୁ ଯେ, **ଯୀଶୁ ଆପଣା ସନ୍ତାନମାନଙ୍କ ସହିତ  ମିଶି ୧୨୬୦ ଦିନ ପରେ ଆସିବେ,** ଯାହା କ୍ଲେଶର ଲମ୍ବା ସମୟ ଅଟେ ।[୨] ତଥାପି ସେହି ସମୟରେ ସେହି ଘୃଣ୍ୟ ବସ୍ତୁ ବା ପଶୁର ପ୍ରତିମାକୁ ବିନଷ୍ଟ କରନ୍ତି ନାହିଁ,କାରଣ ମେଷଶାବକର ଭୋଜ ନିମନ୍ତେ ଓ ଆପଣା ସନ୍ତାନ ମାନଙ୍କୁ ଏକତ୍ର କରିବାକୁ ସେ ଆସନ୍ତି ।



ବିବାହ ଭୋଜ ସମାପ୍ତି ପରେ ହିଁ ପ୍ରତିମୂର୍ତ୍ତୀ ଭଙ୍ଗା ଯିବ ଯେତେବେଳେ ଯୀଶୁ ଜଗତକୁ  ଅଧିକାର କରିବାକୁ ଶ୍ୱେତ ବର୍ଣ୍ଣ ଅଶ୍ୱ ମାନଙ୍କରେ ଆରୋହଣ କରି ଆପଣା ସେନା ବାହିନୀ ସହ ଆଗମନ କରିବେ, ତତ୍ ପରେ ବିବାହ ଭୋଜର ସମାପ୍ତି ପରେ ହିଁ ପଶୁର ମୂର୍ତ୍ତୀ ଭଙ୍ଗା ଯିବ ।

ତେଣୁ ବିବାହ ଭୋଜ ୧୨୯୦- ୧୨୬୦ = ୩୦ ଦିନ ।






(୧) ଦାନିଏଲ ୧୨:୧୧   (୨) ପ୍ରକାଶିତ ବାକ୍ୟ ୧୧:୩ ଏବଂ ୧୨:୬

"ପୁଣି ମୂର୍ତ୍ତୀମାନଙ୍କ ବିଚାର କରିବାର ସମୟ ଏବଂ ତୁମ୍ଭର ଦାସ ଭାବବାଦୀମାନଙ୍କୁ ସାଧୁମାନଙ୍କୁ ଓ ତୁମ୍ଭ ନାମର ଭୟକାରୀ ସାନ ଓ ବଡ଼ ସମସ୍ତ ଲୋକଙ୍କୁ ପୁରଷ୍କାର" "ଦେଖ ଆମ୍ଭେ ଶିଘ୍ର ଆସୁଅଛୁ, ପ୍ରତ୍ୟେକ ଲୋକଙ୍କୁ ତାହାର କର୍ମାନୁସାରେ ଫଳ ଦେବାକୁ ଆମ୍ଭର ପୁରସ୍କାର ଆମ୍ଭ ସଙ୍ଗରେ ଅଛି" ପ୍ରକାଶିତବାକ୍ୟ  ୧୧:୧୮ ଏବଂ ୨୨:୧୨

ମାତ୍ର ତୁମ୍ଭେ ବଳବାନ ହୁଅ ଓ ଆପଣାମାନଙ୍କ  ହସ୍ତ ଶିଥିଳ  ହେବାକୁ ନ ଦିଅ;  କାରଣ ତୁମ୍ଭମାନଙ୍କ କର୍ମ ପୁରଷ୍କୃତ ହେବ ( ୨ୟ ବଂଶାବଳୀ ୧୫:୭)

# ଯିହୁଦୀ ମନ୍ଦିର ନିର୍ମାଣ ପାଇଁ କେତେ ସମୟ ଲଗିବ?



ଏ ଉତ୍ତାରେ ମୁଁ ଏକ ପବିତ୍ର ବ୍ୟକ୍ତି କଥା କହିବାର ଶୁଣିଲି; ଆଉ ସେ କଥା କହିଲେ, ତାଙ୍କୁ ଅନ୍ୟ ଏକ ପବିତ୍ର ବ୍ୟକ୍ତି ପଚାରିଲେ ନିତ୍ୟ ହୋମବଳି ଓ ଧ୍ୱଂଶକାରୀ ଆଜ୍ଞା ଲଂଘନ ଓ ଦଳିତ ହେବା ନିମନ୍ତେ ଧର୍ମଧାମର ଓ ବାହିନୀ ସମର୍ପଣ ଦେବା ବିଷୟକ ଯେଉଁ ଦର୍ଶନ ତାହା କେତେକାଳ ପର୍ଯ୍ୟନ୍ତ ହେବ? ତହିଁରେ ସେ ମୋତେ କହିଲେ; **୨୩୦୦ ଦିନ** ତହିଁ ଉତ୍ତାରେ ଧର୍ମଧାମ ପରିଷ୍କୃତ ହେବ[୧] (୨୩୦୦ଦିନ) ଏଠାରେ ଆପଣ ଦେଖନ୍ତୁ ସେହି ଧର୍ମଧାମ ବା ମନ୍ଦିର **୨୩୦୦ ଦିନ** କାର୍ଯ୍ୟ କରୁଅଛି, ପ୍ରଥମତଃ ପ୍ରତିଦିନର ପଶୁବଳି ପରବର୍ତ୍ତୀ ସମୟରେ ମନ୍ଦିର ପରିଷ୍କୃତ ହେବା ପର୍ଯ୍ୟନ୍ତ ଧ୍ୱଂଶ ହେବ, ଘୃଣ୍ୟ ବସ୍ତୁ ପ୍ରତିମୂର୍ତ୍ତୀ ଦ୍ୱାରା ବଦଳା ଗଲା (ମନ୍ଦିର ପରିଷ୍କୃତ ହେବା ପରେ ହିଁ ନିତ୍ୟ ନୈବେଦ୍ୟ ପଶୁବଳି, ଘୃଣ୍ୟ ପ୍ରତିମୂର୍ତ୍ତୀ ଦ୍ୱାରା ବଦଳାଯିବ)




ଗଣିତାଜ୍ଞ ମାନଙ୍କ ପାଇଁ:

**ସାତ ବର୍ଷ = ୭X୩୬୦- (ଲୁନାର କାଲେଣ୍ଡର) = ୨୫୨୦ ଦିନ = ଅତିରିକ୍ତ ୩୦ଦିନ (ମନ୍ଦିର ପରିଷ୍କୃତ ହେବା ପୂର୍ବରୁ ) ମୋଟ ୨୫୫୦ ଦିନ । ଏହା ଆମକୁ ଛାଡ଼ି ଦିଏ ୨୫୫୦ ଦିନ - ୨୩୦୦ = ୨୫୦ ଦିନ ବା ପ୍ରାୟ ୮ ମାସ । ସାତ ବର୍ଷର ପ୍ରାରମ୍ଭରେ ମନ୍ଦିର ଉଦ୍‌ଘାଟନ ପୂର୍ବରୁ ମନ୍ଦିର ଗୃହ ନିର୍ମାଣ ନିମନ୍ତେ ନିୟମ ଆନୁଷ୍ଠାନିକ ଭାବେ ସ୍ଥିରିକୃତ ହେବ ।**

**ଆଶା କରେ ଆପଣ ବୁଝି ପାରିଲେ ଯଦି ବୁଝି ନାହାନ୍ତି ତା'ହେଲେ ବ୍ୟସ୍ତ ହୁଅନ୍ତୁ ନାହିଁ ଏହା କେବଳ ଉତ୍ସାହିତ କରିବା ପାଇଁ, ପରିତ୍ରାଣ ପାଇବା ପାଇଁ ନୁହେଁ ।**



(୧)ଦାନିଏଲ ୮:୧୩-୧୪ ଇଶ୍ରାଏଲର ତାଜା ଖବର - ଯିରୁଶାଲମରେ ପବିତ୍ର ମନ୍ଦିର ପୁନଃ ନିର୍ମାଣ ନିମନ୍ତେ ଆବଶ୍ୟକ ସବୁ ପ୍ରକାର ବସ୍ତ୍ର ଓ ଯନ୍ତ୍ରପାତି ପ୍ରସ୍ତୁତ କରିବା ପାଇଁ ମନ୍ଦିର ଅନୁଷ୍ଠାନ ସମର୍ପିତ ହେଲା । ଅଧିକନ୍ତୁ ଏହି ଅନୁଷ୍ଠାନ ମନ୍ଦିର ନିର୍ମିତ ହେବାର ତୁରନ୍ତ ଯେଉଁ ଯାଜକୀୟ ପରିବାରର ସଦସ୍ୟ ଗଣ ମନ୍ଦିର ସେବା ନିମନ୍ତେ ଇଚ୍ଛୁକ ଏବଂ ପ୍ରସ୍ତୁତ ଥିବେ ସେମାନଙ୍କ ପାଇଁ ପ୍ରାରମ୍ଭିକ ପ୍ରଶିକ୍ଷଣ କେନ୍ଦ୍ର ଏବଂ ଭ୍ରମଣକାରୀ ଅତିଥିମାନଙ୍କ ନିମନ୍ତେ ଶିକ୍ଷା କେନ୍ଦ୍ର ପରିଚାଳନା କରିବାର କାର୍ଯ୍ୟକ୍ରମ ସମର୍ପିତ ହେଲା । ବେଦୀ ନିର୍ମାଣରେ ଅନେକ ସମୟ ଲାଗିଲା ଯେପରି କ୍ଷଣିକ ବିଜ୍ଞପ୍ତିରୁ ଅଧିକ ମାତ୍ରାରେ କାର୍ଯ୍ୟକାରୀ ହୋଇ ପାରିବ, ସ୍ଥିରିକୃତ ହେଲା ।

## ଆପଣ ବର୍ତ୍ତମାନ ବାହାରକୁ ଆସିପାରିବେ ! (ଆପଣ ଏହା କରିଛନ୍ତି)

"ଯେଉଁ ଜନ ଅପେକ୍ଷାରେ ରହେ ଓ ଏକ ସହସ୍ର ତିନିଶତ ପଞ୍ଚତିଶ ଦିନ (୧୩୩୫) ପର୍ଯ୍ୟନ୍ତ ଥିବ, ସେ ଧନ୍ୟ ' ଆମ୍ଭମାନଙ୍କ ପାଇଁ ଠିକ୍ ୧୨୯୦ ଦିନର ସମୟ ଥିଲା ଏବଂ ଏଠାରେ ଆମର ଅନ୍ୟ ୧୩୩୫ ଦିନ ଅବଶିଷ୍ଟ ଅଛି । ଏହା ୧୩୩୫ ଦିନର ଏକ ସମୟ ସୀମା ବିଷୟରେ କହୁଛି ୧୩୩୫-୧୨୯୦- ୪୫ ଦିନ

ଏହା ମେଷ ଶାବକଙ୍କ ବିବାହ ଭୋଜର ପରବର୍ତ୍ତୀ କାଳକୁ ଦର୍ଶାଏ ଯେତେବେଳେ ଧ୍ଵଂଶ ପ୍ରାପ୍ତ ହେବା ପୂର୍ବରୁ ଥିବା ଅବଶିଷ୍ଟକୁ ରକ୍ଷା କରିବା ନିମନ୍ତେ ଯୀଶୁ ଆପଣା ସେନା ବାହିନୀ ସହିତ ଏଠାରେ ପାଦ ପକେଇବେ । ଏହା ହେଉଛି ପରମାଣୁ ଧ୍ଵଂଶାବଶେଷ ଖଣ୍ଡ, ମନୁଷ୍ୟ ପ୍ରତି ଅମାନଷିକତାର ଉପନ୍ୟାସ, ମନୁଷ୍ୟର ମୂର୍ଖତା ଓ ଲୋଭ ଏଠାରେ ଆପଣା ଦେଖି ପାରନ୍ତି; ଏହା କିପରି ସଂପୁର୍ଣ୍ଣ ଧ୍ଵଂଶ ଏବଂ ମୃତ୍ୟୁ ଆଣି ସମାପ୍ତ ହେଉ ଅଛି; ଯେ ପର୍ଯ୍ୟନ୍ତ ପ୍ରଭୂ ପାଦ ପକାଇ ନାହାନ୍ତି ସେ ପର୍ଯ୍ୟନ୍ତ କୌଣସି ମାଂସ (ମନୁଷ୍ୟ) ରକ୍ଷା ପାଇବେ ନାହିଁ ।'

ଆମ୍ଭେମାନେ ଶିଖିଲୁ ଯେ; ଯୀଶୁ ଏବଂ ତାହାଙ୍କର ସେନା ଯେତେବେଳେ ଶ୍ଵେତ ବର୍ଣ୍ଣ ଅଶ୍ଵ ମାନଙ୍କରେ ଆରୋହଣ କରି ଆସିବେ; ପ୍ରଥମେ ସେ ପ୍ରତିମାକୁ ଭାଙ୍ଗିବେ । ସୈନିକ ମାନେ ପ୍ରତିମୂର୍ତ୍ତୀ ପଠାଉଥିବା ସମ୍ବାଦ (ନିର୍ଦ୍ଦେଶ) ପାଇବେ ନାହିଁ ମୂର୍ତ୍ତୀର ସଂଚାର ( ସଂପର୍କ) ଛିନ୍ନ ହେବ ପୁଣି ଏକ କାଳିକ ଭାବରେ ଭଣ୍ଡ ଖ୍ରୀଷ୍ଟ ଏବଂ ତାର ନେତା (ପଥ ପ୍ରଦର୍ଶକ) ଭଣ୍ଡ ଭାବବାଦୀ ମାନଙ୍କ ସମତେ ଅଗ୍ନି ମୟ ହ୍ରଦରେ ପକାଯିବେ।[୨]

ସେଥିରେ ସେହି ପଶୁ ଧରା ପଡ଼ିଲା ଆଉ ଯେଉଁ ଭାବବାଦୀ ତାହାର ସାକ୍ଷାତରେ ଆଶ୍ଚର୍ଯ୍ୟ କର୍ମ ସବୁ କରି ପଶୁର ମୁଦ୍ରାଙ୍କ ପ୍ରାପ୍ତ ଲୋକ ମାନଙ୍କୁ ଓ ତାହାର ପ୍ରତିମା ପୂଜକ ମାନଙ୍କୁ ଭ୍ରାନ୍ତ କରିଥିଲା ସେ ତା ସଙ୍ଗରେ ଧରାଗଲା ସେମାନେ ଉଭୟେ ଜୀବିତ ଅବସ୍ଥାରେ ଗନ୍ଧକ ପ୍ରଜଳିତ ହ୍ରଦରେ ନିକ୍ଷିପ୍ତ ହେଲେ ।[୨]

ସେନା ବାହିନୀ ଏବଂ ଜାତି ସମୁହ ଯେଉଁ ମାନେ ଯୀଶୁଙ୍କୁ ଘୃଣା କଲେ ସେମାନେ ଯୀଶୁଙ୍କ ସମ୍ମୁଖରେ ଆପଣା ମାନଙ୍କୁ ସମର୍ପିତ କରିବା ବଦଳେ ବରଂ ପରସ୍ପରକୁ ହତ୍ୟା କଲେ । ପୁଣି ଆମ୍ଭେ ତାହାର ବିରୁଦ୍ଧରେ ଖଡ୍ଗ ପାଇଁ ଆମ୍ଭର ପର୍ବତ ସକଳରୁ ଆହ୍ଵାନ କରିବା ଏହା ସଦାପ୍ରଭୁ କହନ୍ତି; ପ୍ରତ୍ୟେକ ଲୋକର ଖଡ୍ଗ ତାହାର ଭ୍ରାତାର ପ୍ରତିକୂଳ ହେବ ୪୫ ଦିନ ପରେ ରକ୍ତ ସ୍ନାନ ଅରାଜକତା ଏବଂ ଗୃହ ଯୁଦ୍ଧ ଶେଷ ହୁଏ ।[୩]



ଯେଉଁ ମାନେ ସେହି ଚିହ୍ନ କିୟା ଯୀଶୁଙ୍କୁ ଗ୍ରହଣ କରିନଥିଲେ ଏବଂ ଜଙ୍ଗଲ ତଥା ଆପଣା ଲୁଚିବା ସ୍ଥାନରେ ଅଦୃଶ୍ୟ ହୋଇ ଏହି ପାଗଳ ପ୍ରାୟ ରକ୍ତ ପାତରୁ ରକ୍ଷା ପାଇ ଥିଲେ; ସେମାନେ ବର୍ତ୍ତମାନ ବାହରକୁ ଆସି ପାରିବେ । ଶେଷରେ ଶାନ୍ତି ବିରାଜମାନ ହେଲା । ସହସ୍ର ବର୍ଷର ଶାନ୍ତି ଆରମ୍ଭ ହେଲା ଧନ୍ୟପିତା **ଯେଉଁ ଜନ ଅପେକ୍ଷାରେ ରହେ ଓ ଏକ ସହସ୍ର ତିନିଶତ ପଞ୍ଚତିରିଶି ଦିନ (୧୩୩୫) ପର୍ଯ୍ୟନ୍ତ ଥିବ ସେ ଧନ୍ୟ"**






୧. ଦାନିଏଲ ୧୨:୧୨ (୨) ପ୍ରକାଶିତ ବାକ୍ୟ ୧୯:୨୦ (୩) ଯିହିଜିକଲ ୩୮:୨୧-୨୨

# ପ୍ରକାଶିତ ବାକ୍ୟ ଅଧ୍ୟୟନରେ ସାହାଯ୍ୟ କରିବାର ସାଧାରଣ ସମିକ୍ଷା

**ଅଧ୍ୟାୟ** **ବିଷୟ ବସ୍ତୁ**

**୧-୬: ପୃଥିବୀ ଇତିହାସର ମଣ୍ଡଳୀ ସମୂହ; ସର୍ଗ ଏବଂ ମୁଦ୍ରାଙ୍କ**

୧ : ପରିଚୟ ପ୍ରଦାନ

୨ ଏବଂ ୩ : ମଣ୍ଡଳୀ ମାନଙ୍କ ପ୍ରତି ଚିଠାଉ

୪ ଏବଂ ୫ : ସର୍ଗୀୟ ସିଂହାସନର ଦୃଶ୍ୟ

୬ : ଈଶ୍ୱରଙ୍କ କ୍ରୋଧ ପର୍ଯ୍ୟନ୍ତ ପୃଥିବୀ ଇତିହାସର ଛଅଗୋଟି ମୁଦ୍ରାଙ୍କ

**ଅଧ୍ୟାୟ୭-୧୪- ଶେଷ ସାତ ବର୍ଷ; ମହା କ୍ଳେଶର ସମୟ**

୭ : ସାଧୁ ମାନଙ୍କ ମୁଦ୍ରାଙ୍କ

୮,୯ : କ୍ଳେଶର ତୁରୀ ଧ୍ୱନୀ

୧୦ : ଯୁଗାନ୍ତର ଘୋଷଣା

୧୧ : ଦୁଇ ଭାବବାଦୀ / ସାକ୍ଷ୍ୟ; ଆଗମନ ଏବଂ ଈଶ୍ୱରଙ୍କ କ୍ରୋଧ

୧୨ : ଶୟତାନ ତଳକୁ ନିକ୍ଷିପ୍ତ; କ୍ଳେଶରେ ମଣ୍ଡଳୀ

୧୩ : ଭଣ୍ଡ ଖ୍ରୀଷ୍ଟ; ଭଣ୍ଡଭାବବାଦୀ; ପ୍ରତିମୂର୍ତ୍ତୀ ଏବଂ ଚିହ୍ନ

୧୪ : ଆଗମନ ଏବଂ ଈଶ୍ୱରଙ୍କ କ୍ରୋଧ ସୁସମାଚାର ପ୍ରଚାର ପରେ ଈଶ୍ୱରଙ୍କ କ୍ରୋଧ ଏବଂ ବାବିଲୋନ୍

**ଅଧ୍ୟାୟ- ୧୫-୨୦ ବାବିଲୋନ୍ ସହସ୍ର ବର୍ଷର ଶାନ୍ତି ଠାରୁ ବିଚାର ଦିନ ପର୍ଯ୍ୟନ୍ତ**

୧୫ : କ୍ରୋଧର ଦୂତ ଗଣ

୧୬ : ଈଶ୍ୱରଙ୍କ କ୍ରୋଧର ପାତ୍ର ସମୁହ

୧୭ : ବାବିଲୋନ୍ ପରମାଣୁ ଜନିତ ଧ୍ୱଂଶ; ପଶୁର ବ୍ୟାଖ୍ୟା

୧୮ : ବାବିଲୋନର ବିନାଶ

୧୯ : ମେଷ ଶାବକଙ୍କ ବିବାହ ଭୋଜ ଏବଂ ହର୍ମିଗିଦ୍ଦୋନ୍

୨୦ : ସହସ୍ର ବର୍ଷ ଏବଂ ଯୁଗାନ୍ତ; ଶ୍ୱେତ ବର୍ଣ୍ଣ ବିଚାର ସିଂହାସନ

**ଅଧ୍ୟାୟ ୨୧-୨୨ ବାବିଲୋନ୍ ସହସ୍ର ବର୍ଷର ଶାନ୍ତି ଠାରୁ ବିଚାର ଦିନ ପର୍ଯ୍ୟନ୍ତ**

୨୧ : ପୁଣ୍ୟ ନଗରୀର ବ୍ୟାଖ୍ୟା

୨୨ : ଜୀବନ ବୃକ୍ଷ ଏବଂ ଈଶ୍ୱରଙ୍କ ପ୍ରତିଜ୍ଞା 'ଆମ୍ଭେ ଶିଘ୍ର ଆସୁଅଛୁ'

# ଦ୍ୱିତୀୟ ଭାଗ ସମାପ୍ତ

# ତୃତୀୟ ଭାଗ

## କ୍ଷୁଦ୍ର ପୁସ୍ତକ




## ଯୀଶୁ କାହିଁକି ?

## ବୁଦ୍ଧ କିମ୍ବା ଅନ୍ୟ ଧର୍ମ କାହିଁକି ନୁହଁ ?

## ମୃତ୍ୟୁ ପରେ ଜୀବନ ଅଛି କି, ନା ଏକ ସ୍ୱର୍ଗ ଏବଂ ନରକ ?



